READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ବର୍ଷ-୭ ସଂଖ୍ୟା-୩୫ ୧୧ - ୧୭ ସେପ୍ଟେମ୍ବର, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-35 11th - 17th SEPTEMBER, 2023 BHUBANESWAR ₹ 5/- (8 Pages)

# ଜି-୨୦ ଶିଖର ସମ୍ମିଳନୀ, ବିଶ୍ୱ ଦେଖିଲା ଓଡ଼ିଶାର ଐତିହ୍ୟ









## ଭାରତ ମଣ୍ଡପମ୍‌ରେ କୋଣାର୍କର ଚାରୁକଳା

**ନୂଆଦିଲ୍ଲୀ :** ବିଶ୍ୱ ଦରବାରରେ ବଢିଲା ଓଡ଼ିଶାର ଗୌରବ। ଉତ୍କଳୀୟ କଳାର ଅନ୍ୟତମ ପ୍ରାଣକେନ୍ଦ୍ର କୁହାଯାଉଥିବା କୋଣାର୍କର ଚାରୁକଳାକୁ ଦେଖିଛି ବିଶ୍ୱ। ନୂଆଦିଲ୍ଲୀରେ ଆୟୋଜିତ ଜି-୨୦ ସମ୍ମିଳନୀ ଅବସରରେ କୋଣାର୍କର ଏକ ଚକର ପ୍ରତିକୃତି ବ୍ୟାକଡ୍ରପରେ ବିଶ୍ୱ ନେତାଙ୍କୁ ସ୍ୱାଗତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ, ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ସମେତ ବହୁ ନେତାଙ୍କୁ ସେ ସ୍ୱାଗତ କରିଛନ୍ତି। ଚାରୁକାରୁକଳାର ବିମୁଗ୍ଧ ସଂରଚନା ଦେଖି ଅଭିଭୂତ ହୋଇଥିଲେ ଅତିଥି। ଆମେରିକା ରାଷ୍ଟ୍ରପତି ବାଇଡେନଙ୍କୁ କଳାକୃତି ସମ୍ପର୍କରେ ବୁଝାଇଥିଲେ ମୋଦି। ପ୍ରଗତି ମଇଦାନ ସ୍ଥିତ ଭାରତ ମଣ୍ଡପର ଏକ ସ୍ୱତନ୍ତ୍ର ସ୍ଥାନରେ ଅବସ୍ଥାପିତ ହୋଇଥିଲା ବିଶ୍ୱପ୍ରସିଦ୍ଧ କୋଣାର୍କର ଚକ। ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ ବିଶ୍ୱପ୍ରସିଦ୍ଧ କୋଣାର୍କକୁ ପ୍ରତିବର୍ଷ ଦେଶବିଦେଶର ଲକ୍ଷ ଲକ୍ଷ ପର୍ଯ୍ୟଟକ ଆସୁଥିବାବେଳେ ଖୁବ୍ ନିକଟରୁ ପ୍ରସିଦ୍ଧ କଳାର ଝଲକ ଦେଖି ବିମୋହିତ ହୋଇଥିଲେ ବିଶ୍ୱନେତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କୋଣାର୍କ ଚକ୍ର ନିକଟରେ ଛିଡ଼ା ହୋଇ ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ, ଜର୍ମାନୀ ଚାନସେଲର, ଇଟାଲି ପ୍ରଧାନମନ୍ତ୍ରୀ, ବିଶ୍ୱ ବ୍ୟାଙ୍କର ଚିଫ୍ ଅଜୟ ବାଙ୍ଗା, ଜାତିସଂଘ ସେକ୍ରେଟାରୀ ଜେନେରାଲ ଆନଣ୍ଟୋନିଆ ଗୁଟରସ୍ ଓ ଅନ୍ୟ ଅଧିକାରୀଙ୍କୁ ସ୍ୱାଗତ କରିଛନ୍ତି। ସେମାନଙ୍କ ବାଦ ସେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ, କାନାଡ଼ା ପ୍ରଧାନମନ୍ତ୍ରୀ, ଆର୍ଜେଣ୍ଟିନା ପ୍ରେସିଡେଣ୍ଟ, ୟୁନାଇଟେଡ ନେସନ୍ସ ପ୍ରେସିଡେଣ୍ଟ ପ୍ରମୁଖଙ୍କୁ ମଧ୍ୟ ଜୋରଦାର ଢଙ୍ଗରେ ସ୍ୱାଗତ କରିଛନ୍ତି। ଏବେ ସମଗ୍ର ବିଶ୍ୱର ନଜର ମୋଦୀଙ୍କ ଉପରେ ଥିବା ବେଳେ ପ୍ରଧାନମନ୍ତ୍ରୀ ମୋଦୀ କୋଣାର୍କ ଚକ୍ର ନିକଟରେ ଛିଡ଼ା ହୋଇ ସମଗ୍ର ବିଶ୍ୱକୁ ଓଡ଼ିଶା ଐତିହ୍ୟ ସହ ପରିଚିତ କରାଇଛନ୍ତି। ୧୩ ଶହ ଶତାବ୍ଦିରେ ନିର୍ମିତ କୋଣାର୍କ ଚକ୍ର ପୁରାତନ ଭାରତର ସମୃଦ୍ଧ କାରୁକାର୍ଯ୍ୟକୁ ପ୍ରସ୍ଫୁଟିତ କରୁଛି। ଏହି କୋଣାର୍କ ଚକ୍ର ସମୟ ସହ କାଳଚକ୍ର, ଉନ୍ନତି ଓ ପରିବର୍ତ୍ତନର ଧାରାକୁ ବି ସୂଚାଉଛି। ଏହା ସ୍ୱାଧୀନ ଭାରତର ଏକ ଶକ୍ତିଶାଳୀ ଚିହ୍ନ ହୋଇଥିବା ବେଳେ ଏହା ସବୁବେଳେ ସମାଜର ଉନ୍ନତି ସହ ଗଣତାନ୍ତ୍ରିକ ଚିନ୍ତାଧାରା ଉପରେ ଗୁରୁତ୍ୱ ଦେଇଥାଏ।


## ନୂଆଦିଲ୍ଲୀ ଜି-୨୦ ଘୋଷଣାନାମା ଗୃହୀତ

ଭାରତର ଅଧ୍ୟକ୍ଷତାରେ ଦିଲ୍ଲୀରେ ଚାଲିଥିବା ଜି-୨୦ ସମ୍ମିଳନୀରେ ବଡ଼ ସଫଳତା। ସମ୍ମିଳନୀରେ ନୂଆଦିଲ୍ଲୀ ଲିଡର୍ସ ଘୋଷଣାପତ୍ରକୁ ମଞ୍ଜୁରୀ ମିଳିଛି। ଜି-୨୦ ସମ୍ମିଳନୀରେ ଶାନ୍ତି ଓ ସ୍ଥିରତାର ବାର୍ତ୍ତା। ନୂଆଦିଲ୍ଲୀ ଘୋଷଣାନାମାରେ ଆଣବିକ ଅସ୍ତ୍ରଶସ୍ତ୍ରର ବ୍ୟବହାରକୁ ନା। ଋଷ-ୟୁକ୍ରେନ ଯୁଦ୍ଧର ସ୍ଥାୟୀ ଶାନ୍ତିପୂର୍ଣ୍ଣ ସମାଧାନ, ସୀମାଗତ ସଂହତିର ସୁରକ୍ଷା ଘୋଷଣାନାମାରେ ସ୍ଥାନ ପାଇଛି। ଫୋର 'ପି'କୁ ଘୋଷଣାନାମାରେ ଦିଆଯାଇଛି ଗୁରୁତ୍ୱ। ତାହାହେଲା ପ୍ଲାନେଟ, ପିପୁଲ, ପିସ୍ ଓ ପ୍ରସପରିଟି। ଶକ୍ତିଶାଳୀ, ସହନଶୀଳ, ଭାରସାମ୍ୟମୂଳକ ଓ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧିକୁ କରାଯାଇଛି ସ୍ଥାନୀତ। ପ୍ରଗତିଶୀଳ ଅଭିବୃଦ୍ଧି, ସହନଶୀଳ ଭବିଷ୍ୟତ ଲାଗି ସବୁଜ ବିକାଶ ଚୁକ୍ତି, ଏକବିଂଶ ଶତାବ୍ଦୀ ଲାଗି ବହୁପାକ୍ଷିତ ପ୍ରତିଷ୍ଠାନ ବ୍ୟବସ୍ଥା, ବହୁମୁଖୀ ସମ୍ପର୍କକୁ ଅଧିକ ଶକ୍ତିଶାଳୀ କରିବା ଆଦି ପ୍ରସଙ୍ଗ ଘୋଷଣାନାମାରେ ହୋଇଛି ସ୍ଥାନୀତ। ଭାରତର ପ୍ରସ୍ତାବକୁ ସମସ୍ତ ସଦସ୍ୟ ରାଷ୍ଟ୍ର ଜଣାଇଛନ୍ତି ସହମତି। ଭାରତ ଜି-୨୦ ଦେଶ ଗୁଡ଼ିକ ମଧ୍ୟରେ ଗ୍ରୁପର ଦୁଇଦିବସୀୟ ଶିଖର ସମ୍ମିଳନୀର ଶେଷରେ ଜାରି ହେବାକୁଥିବା ନେତାମାନଙ୍କ ଘୋଷଣାପତ୍ରରେ ୟୁକ୍ରେନ ସଂଘର୍ଷର ଉଲ୍ଲେଖ କରିବା ପାଇଁ ଏକ ନୂଆ ପାରାଗ୍ରାଫ ସେୟାର କରିଥିଲା। ୟୁକ୍ରେନ ସଂଘର୍ଷ ସହ ସମ୍ବନ୍ଧିତ ପାରାଗ୍ରାଫ ଉପରେ ସାଧାରଣ ସହମତି ନହେବା କାରଣରୁ ଭାରତ ଶୁକ୍ରବାର ଭୂ-ରାଜନୀତିକ ପ୍ରସଙ୍ଗ ସହ ସମ୍ବନ୍ଧିତ ପାରାଗ୍ରାଫ ବିନା ହିଁ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ଶିଖର ସମ୍ମିଳନୀର ସଂଯୁକ୍ତ ଘୋଷଣାପତ୍ରର ଏକ ମସୁଧା ସେୟାର କରିଥିଲା, ଯାହାଫଳରେ ସକରାତ୍ମକ ପରିଣାମ ବାହାରିପାରିବ। ୟୁକ୍ରେନ ଉପରେ ଭାରତ ପକ୍ଷରୁ ଘୋଷଣାପତ୍ରରେ ନୂଆ ପାଠ ସେବେ ସେୟାର କରାଯାଇଥିଲା ଯେବେ ଜି୨୦ ନେତାମାନେ ଶିଖର ସମ୍ମିଳନୀର ପ୍ରଥମ ଦିନରେ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ଆହ୍ୱାନ ଉପରେ ବିଚାର ବିମର୍ଶ ଆରମ୍ଭ କରିଥିଲେ। ➤ ପୃ-୬

## ଆଫ୍ରିକୀୟ ସଂଘକୁ ସ୍ଥାୟୀ ସଦସ୍ୟ ଘୋଷଣା

## ଗୋଆ ଢାଞ୍ଚାରେ ହେବ ସମୁଦ୍ର ଉପକୂଳବର୍ତ୍ତୀ ସହର

# ବେଳାଭୂମିରେ ମିଳିବ ମଦ



**ଭୁବନେଶ୍ୱର :** ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟର ବେଳାଭୂମିଗୁଡ଼ିକରେ ମଦ ପରିବେଷଣ କରିବାକୁ ରାଜ୍ୟ ସରକାର ପୁଣିଥରେ ନିଷ୍ପତ୍ତି ନେଇଛନ୍ତି। ଗତ ୨୦୨୧ ଏପ୍ରିଲ ମାସରେ ରାଜ୍ୟର ବେଳାଭୂମିରେ ଏଭଳି ମଦ ପରିବେଷଣ ନିମନ୍ତେ ଟେଣ୍ଡର ଡାକିଥିବା ରାଜ୍ୟ ସରକାରଙ୍କୁ ବିଭିନ୍ନ ମହଲରୁ କଡ଼ା ବିରୋଧ ପରେ ନିଜର ନିଷ୍ପତ୍ତିରୁ ଓହରିବାକୁ ପଡ଼ିଥିଲା। ମାତ୍ର ପ୍ରାୟ ୨ବର୍ଷ ବ୍ୟବଧାନରେ ସରକାର ବେଳାଭୂମିରେ ମଦ ପରିବେଷଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗୋପାଳପୁର, ଚାନ୍ଦିପୁର, ତଳସାରି, ପାରାଦୀପ ଓ ସୋନାପୁର ଆଦି ବେଳାଭୂମିରେ ୧୫ଟି ବିଚ୍ ସ୍ୟାକ୍ ସ୍ଥାପନ କରାଯାଇ ଏହି ମଦ ପରିବେଷଣ କରାଯିବ। ରାଜ୍ୟର ସମୁଦ୍ର ଉପକୂଳବର୍ତ୍ତୀ ସହରଗୁଡ଼ିକୁ ଗୋଆ ଢାଞ୍ଚାରେ ଗଢ଼ି ତୋଳିବାକୁ ଅତ୍ୟାଧୁନିକ ପ୍ରକଳ୍ପମାନ ପରିକଳ୍ପନା ହୋଇଛି ଓ ସରକାରୀ-ଘରୋଇ ଭାଗିଦାରୀରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଅସିତ୍ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ➤ ପୃ-୬

# ସବୁ ଗାଡ଼ିରେ ଲାଗିବ ଟ୍ରାକିଂ ଓ ସେଫ୍ଟି ଡିଭାଇସ



**ଭୁବନେଶ୍ୱର :** ରାଜ୍ୟରେ ସାର୍ବଜନୀନ ପରିବହନ ସେବା ଯୋଗାଉଥିବା ସମସ୍ତ ଗାଡ଼ିରେ ଏଣିକି ଲୋକେସନ୍ ଟ୍ରାକିଙ୍ଗ୍ ଓ ସେଫ୍ଟି ଡିଭାଇସ୍ ଜରୁରୀ। ଏହି ଡିଭାଇସ୍ ନଥିଲେ ଆସନ୍ତା ଅକ୍ଟୋବର ପହିଲାରୁ କୌଣସି ନୂଆ ଗାଡ଼ି ପଞ୍ଜିକରଣ କରାଯିବ ନାହିଁ। ସେହିପରି ୨୦୨୩ ସେପ୍ଟେମ୍ବର ୩୦ତାରିଖ ପୂର୍ବରୁ ଯେଉଁ ଗାଡ଼ିଗୁଡ଼ିକ ପଞ୍ଜିକରଣ ହୋଇଛି ସମ୍ପୃକ୍ତ ଗାଡ଼ିର ମାଲିକମାନେ ୨୦୨୩ ଡିସେମ୍ବର ୩୧ତାରିଖ ସୁଦ୍ଧା ନିଜ ଗାଡ଼ିରେ ଏହି ଡିଭାଇସ୍ ଲଗାଇବାକୁ ବାଧ୍ୟ। ରାଜ୍ୟ ପରିବହନ କମିଶନର ମଙ୍ଗଳବାର ଦିନ ଏକ ସାର୍ବଜନୀନ ନୋଟିସ୍ ଜାରି କରି ପରିବହନ ସେବା ଯୋଗାଉଥିବା ଗାଡ଼ିରେ ଭେହିକିଲ୍ ଲୋକେସନ୍ ଟ୍ରାକିଂ ଡିଭାଇସ୍ (ଭିଏଲଟିଡି) ଓ ପାନିକ୍ ବଟନ୍ ଲଗାଇବାକୁ ବାଧ୍ୟତାମୂଳକ କରିଛନ୍ତି। ଏଥିପାଇଁ ସମୟସୀମା ମଧ୍ୟ ଧାର୍ଯ୍ୟ ହୋଇଛି। ବିଶେଷକରି ରାସ୍ତାରେ ଚାଲୁଥିବା ଗାଡ଼ିଗୁଡ଼ିକ ଉପରେ ନଜର ରଖିବା ଏବଂ ମହିଳା ଓ ଶିଶୁ ଯାତ୍ରୀମାନଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ସମସ୍ତ ସାର୍ବଜନୀନ ପରିବହନ ସେବା ଯୋଗାଉଥିବା ଗାଡ଼ିଗୁଡ଼ିକରେ ଏହି ଲୋକେସନ୍ ଟ୍ରାକିଙ୍ଗ୍ ଓ ସେଫ୍ଟି ➤ ପୃ-୬

## ଶକ୍ତି ମନ୍ତ୍ରୀଙ୍କୁ ସୌମ୍ୟରଞ୍ଜନଙ୍କ ଜବାବ

# 'ମୁଁ କାହିଁକି ଦଳ ଛାଡ଼ିବି'



**ଭୁବନେଶ୍ୱର:** ଶକ୍ତି ମନ୍ତ୍ରୀ ପ୍ରତାପ ଦେବ ସୌମ୍ୟରଞ୍ଜନ ଲେଖିଥିବା ସଂପାଦକୀୟ 'ଆତ୍ମବିଭୋର ପ୍ରଶାସକ ଓ ଅସହାୟ ରାଜନେତା' ପ୍ରସଙ୍ଗରେ ବୟାନ ଦେଇ କହିଥିଲେ ଯେ ଗଣତନ୍ତ୍ର ପଦ୍ଧତିରେ ସମସ୍ତେ ମତ ରଖି ପାରିବେ ସେଥିରେ କୌଣସି ଅସୁବିଧା ନାହିଁ। କିନ୍ତୁ ଯେତେବେଳେ ଆପଣ ନିର୍ଦ୍ଦିଷ୍ଟ ଦଳରେ ଅଛନ୍ତି ଏବଂ ସେ ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି, ଉକ୍ତ ଦଳ ବିରୁଦ୍ଧରେ ବା ସରକାରଙ୍କ ବିରୁଦ୍ଧରେ କି ସରକାରଙ୍କ ନୀତି ବିରୁଦ୍ଧରେ ସମାଲୋଚନା କରିବା ସମ୍ପୂର୍ଣ୍ଣ ଅମୂଳକ। ଏହାକୁ ବ୍ଲାକମେଲିଂ ବୋଲି କୁହାଯିବ। ସେ ଦଳରୁ ବାହାରି ଯାଇ ସମାଲୋଚନା କରନ୍ତୁ। ମନ୍ତ୍ରୀ ଶ୍ରୀ ଦେବଙ୍କ ମନ୍ତବ୍ୟର କଡ଼ା ଜବାବ ଦେଇଛନ୍ତି ସୌମ୍ୟରଞ୍ଜନ। ସେ କହିଛନ୍ତି ମୁଁ ବିଜେଡିରେ ରହି ଗର୍ବ ଅନୁଭବ କରେ। ମୋର ଦଳ ଛାଡିବାର ନାହିଁ। ମତ କଣ ବଦଳେ ନାହିଁ, ତେବେ ଦଳ ବଦଳାଇବାରେ ଅସ୍ୱାଭାବିକତା କେଉଁଠି ? ବିଜେଡିରେ ଯେଉଁମାନେ ଅଛନ୍ତି ସେମାନେ କଣ କଂଗ୍ରେସରୁ ଆସିନାହାନ୍ତି କି ? ➤ ପୃ-୬

## ବକ୍ରବାଣୀ



ଇଣ୍ଡିଆ ଭାରତ ଖେଳଟା ଚାଲୁ
ଫୁଲୁବାମା କାଣ୍ଡ ନ ହଉ ଆଉ
ଶାସନ କରନ୍ତୁ ମରିବା ଯାଏଁ
ସୈନିକ ଜୀବନ ଆଉ ନ ଯାଉ
ମାଙ୍କଡ଼ଙ୍କୁ ବିଜି ରଖିବା ପାଇଁ
ଟାସ୍କ ପରେ ଟାସ୍କ ଦିଅନ୍ତି ସାଇଁ
ଏଇଥିରେ ଆମ ପେଟ କି ପୁରେ
ବିକାଶ ଜନମ ହଉଚି କାଇଁ
ମୂର୍ଖଙ୍କୁ ଗାଦୀରେ ବସେଇ ଦେଇ
ନାଚନ୍ତି ମାଙ୍କଡ଼ ତା ଥେଇ ଥେଇ।

——— ଟୁଟୁ

## ଓଡିଶା ପାଇକ ଏକାଡେମୀ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠାକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

# ଖୋର୍ଦ୍ଧାରେ ହେବ ପାଇକ ଏକାଡେମୀ



**ଭୁବନେଶ୍ୱର :** ଖୋର୍ଦ୍ଧା ଜିଲ୍ଲାରେ ଓଡିଶା ପାଇକ ଏକାଡେମୀ ଓ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେବ। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ରାଜ୍ୟର ଗୌରବମୟ ପାଇକ ପରମ୍ପରାର ସାମୁହିକ ବିକାଶ ନିମନ୍ତେ ଏହି କେନ୍ଦ୍ର ରାଜ୍ୟ ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ଢାଞ୍ଚାରେ ପ୍ରତିଷ୍ଠା ହେବ। ଓଡିଶା ପାଇକ ଏକାଡେମୀ ଓ ଗବେଷଣା କେନ୍ଦ୍ର ଦେଶ ବିଦେଶରେ ପାଇକ ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାରରେ ବେଶ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ପାଇକ ମାନଙ୍କ ସାମୁହିକ ବିକାଶ ପାଇଁ ସ୍ୱତନ୍ତ୍ର ପାଠ୍ୟକ୍ରମ ଜରିଆରେ ଶିକ୍ଷା ପ୍ରଦାନ ସହିତ ପ୍ରଶିକ୍ଷଣ ଓ ଗବେଷଣାର ବ୍ୟବସ୍ଥା ରହିବ। ଶିକ୍ଷାର୍ଥୀ ମାନଙ୍କ ପାଇଁ ଛାତ୍ର ବୃତ୍ତିର ମଧ୍ୟ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ଏହି କେନ୍ଦ୍ର ଗଡ ଖୋର୍ଦ୍ଧା ଠାରେ ଅସ୍ଥାୟୀ ଭାବରେ କାର୍ଯ୍ୟ କରିବ। ପରେ ଯଥାଶୀଘ୍ର ଏହି କେନ୍ଦ୍ର ପାଇଁ ସ୍ଥାନ ନିରୂପଣ ଓ ଡି.ପି.ଆର ପ୍ରଦାନ କରିବା ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯୋଗ୍ୟ ଯେ ୧୮୧୭ ମସିହାରେ ଖୋର୍ଦ୍ଧା ମାଟିରେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ସଂଗଠିତ ହୋଇଥିଲା ପାଇକ ବିଦ୍ରୋହ। ଇଂରେଜ ଶାସନ ବିରୁଦ୍ଧରେ ➤ ପୃ-୬

## ସାଂସଦ ଅପରାଜିତାଙ୍କ ପ୍ରଭାବ

# ଜବରଦଖଲ ହୋଇଥିବାର ସ୍ୱୀକାର କଲେ ରାଜ୍ୟ ସରକାର



**ଭୁବନେଶ୍ୱର:** ଶେଷରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଅଭିଯୋଗକୁ ସତ ବୋଲି ସ୍ୱୀକାର କରିଛନ୍ତି ରାଜ୍ୟ ସରକାର। ମୁଖ୍ୟ ଯନ୍ତ୍ରୀଙ୍କ ପକ୍ଷରୁ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଲେଖାଯାଇଥିବା ଚିଠିରେ ଏନେଇ ସ୍ପଷ୍ଟ ହୋଇଛି। ଜବରଦଖଲ ହଟାଇ ଯଥା ଶୀଘ୍ର ଡେରାସ କ୍ଷୁଦ୍ର ଜଳସେଚନ କେନାଲର ପୁନରୁଦ୍ଧାର ପାଇଁ ତହସିଲଦାର ଓ ଅଧିକ୍ଷଣ ଯନ୍ତ୍ରୀଙ୍କୁ ମୁଖ୍ୟ ଯନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଗତ ଦୁଇ ବର୍ଷ ଧରି କେନାଲ ଜବରଦଖଲ ହୋଇଥିଲେ ବି କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ, ସେନେଇ ଜବାବ ରଖିବାକୁ ଅଧିକ୍ଷଣ ଯନ୍ତ୍ରୀଙ୍କୁ ମୁଖ୍ୟ ଯନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବାସ୍ତବରେ ଡେରାସ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ଚାଷ ଜମିକୁ ବର୍ଷ ବର୍ଷ ଧରି ପାଣି ଆସିପାରୁନଥିଲା। ଏହି ପ୍ରକଳ୍ପର କେନାଲ ଚାରିପାଖେ ବାଡ଼କରି କେନାଲକୁ ପୋତି ଦିଆଯାଇଥିଲା। ବାରମ୍ବାର ଅଭିଯୋଗ ପରେ ଦୁଇଦିନ ପୂର୍ବେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଏହି କେନାଲକୁ ନିଜେ ଖୋଳିଥିଲେ। ଭଗବତୀପୁର ଓ ଗିରିଙ୍ଗାପୁଟ ଗ୍ରାମର ଶହଶହ ଚାଷୀ ଏହା ଫଳରେ ଉପକୃତ ହେବେ ବୋଲି ସେ କହିଥିଲେ। ସାଂସଦଙ୍କ ଅଭିଯୋଗ ମୁତାବକ, ଏହି ଅଞ୍ଚଳରେ ୧୫୦ ଏକର ଚାଷ ଜମି କିରୁଥିକା ପ୍ରଭାକରନ୍ ତାରବାଡ଼ ଘେରାଇ ରଖିଛନ୍ତି। ଏହି ଜମି ଦେଇ କେନାଲ୍ ଯାଇଛି। ଯାହା ଫଳରେ ଡେରାସ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ଦୁଇ ବର୍ଷ ହେଲା ଚାଷ ଜମି ଜଳସେଚିତ ହୋଇ ପାରୁ ନାହିଁ। ଏହି ଅଞ୍ଚଳର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭର କରୁଛନ୍ତି। କିନ୍ତୁ ପାଣି ଆସିପାରୁନଥିବାରୁ ଚାଷ ହୋଇ ପାରୁନାହିଁ। ଏଭଳି ଅଭିଯୋଗ ଆସିବା ପରେ ସାଂସଦ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ। କିନ୍ତୁ କୌଣସି ଉତ୍ତର ଆସିନଥିଲା କିମ୍ବା ଜଳସେଚନ ବିଭାଗକୁ ଏହି ମର୍ମରେ କୌଣସି ନିର୍ଦ୍ଦେଶ ମଧ୍ୟ ଦିଆଯାଇନଥିଲା। ➤ ପୃ-୬

## ଅସାଧୁ ଯନ୍ତ୍ରୀ-ଠିକାଦାରଙ୍କ ମଧୁଚନ୍ଦ୍ରିକା; କାମରେ ଲାଗୁନି ପାଣିଟାଙ୍କି

# ଲୋକଙ୍କ ପାଇଁ ପିଇବା ପାଣି ସାତସପନ



**ଜଗତସିଂହପୁର,(ସରୋଜ ଦାଶ) :** କେନ୍ଦ୍ର ଓ ରାଜ୍ୟସରକାର ସହରାଞ୍ଚଳ ତଥା ଗ୍ରାମାଞ୍ଚଳ ଲୋକଙ୍କ ନିକଟରେ ଶୁଦ୍ଧ ପାନୀୟ ଜଳ ପହଞ୍ଚାଇବା ନିମନ୍ତେ ବସୁଧା ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ପାଣି ଟାଙ୍କି ନିର୍ମାଣ କରିବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳ ମାନଙ୍କରେ ପାଇପ ବିଛା କାର୍ଯ୍ୟକ୍ରମ ଶେଷ ହୋଇଥିଲେ ମଧ୍ୟ କିଛି ଅସାଧୁ ଯନ୍ତ୍ରୀ ଓ ଠିକାଦାରଙ୍କ ନିମ୍ନମାନର କାର୍ଯ୍ୟ ଯୋଗୁ ଉକ୍ତ ଯୋଜନାରେ ଲୋକଙ୍କ ପାଖରେ ପାନୀୟ ଜଳ ପହଞ୍ଚିବା ସାତସପନ ହୋଇପଡିଛି । ଏହି ପରି ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅଧିନସ୍ଥ ଜଗନ୍ନାଥପୁର ପଞ୍ଚାୟତରେ ୧ନଂ ୱାର୍ଡ ତଥା ମହେନ୍ଦ୍ର ସାହୁ ଛକ ନିକଟରେ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ପାଣିଟାଙ୍କି ୨୦୧୬-୧୭ମସିହାରୁ ଜଳ ଓ ପରିମଳ ବିଭାଗ ରଘୁନାଥପୁର ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟ କରାଯାଇ ଆଜକୁ ୨ବର୍ଷରୁ ଉର୍ଦ୍ଧହେବ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଶେଷ ହେବା ସାଙ୍ଗକୁ ୧୩ଗୋଟି ୱାଡରେ ପାନୀୟ ଜଳ ପାଇପ ବିଛା କାର୍ଯ୍ୟ ଓ ସାତଗୋଟି ଜଳମୁଣ୍ଡା ତିଆରି ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ୧୩ଗୋଟି ୱାର୍ଡ ମଧ୍ୟରୁ ୧୦ଗୋଟି ୱାର୍ଡରେ ଲୋକମାନେ ପାଣି ପାଇବା ସାତ ସପନ ପାଲଟି ଯାଇଛି। ଏହି ବିଷୟରେ ବର୍ତ୍ତମାନର ସରପଞ୍ଚ ଜଗବନ୍ଧୁ ମଲ୍ଲିକ ତଥା ସମିତିସଭ୍ୟା ଓ ୱାର୍ଡ ସଭ୍ୟମାନେ ଅଗଷ୍ଟ ମାସ ୨୦୨୨ ମସିହାରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଯନ୍ତ୍ରୀ ଓ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** — ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ। ବ୍ୟବସାୟରେ ବାଧା ଓ କାର୍ଯ୍ୟ କ୍ଷେତ୍ରରେ ତର୍କ ହୋଇପାରେ। ନୂଆ ଚାକିରୀ ମିଳିପାରେ। ଛାତ୍ରଙ୍କ ପାଇଁ ସମୟ କଠିନ। ଦମ୍ପତ୍ତିଙ୍କର ମତାନ୍ତର ହୋଇପାରେ। ଶୁଭ ତାରିଖ ୧୨,୧୬, ଭାଗ୍ୟଫଳ-୬୦%। ପ୍ରତିକାର : ଚଣା ଓ ଗୁଡ ଭୋଗ ଲଗାନ୍ତୁ ଓ ବାଣ୍ଟନ୍ତୁ।

**ବୃଷ** — ସ୍ୱାସ୍ଥ୍ୟରେ ଉନ୍ନତି ହେବ। ଆମଦାନୀରେ ବୃଦ୍ଧି। ରୋକିଥିବା ଧନ ଫେରସ୍ତ ପାଇବେ। ମାଲିମକଦ୍ଦମାରେ ପଡିପାରନ୍ତି। ବିବାହ ପ୍ରସ୍ତାବ ଆସିବାର ଯୋଗ ଅଛି। ଶୁଭ ତାରିଖ ୧୨,୧୪, ଭାଗ୍ୟଫଳ-୮୦%। ପ୍ରତିକାର : ବରଗଛ ମୂଳରେ ମିଠା କ୍ଷୀର ଚଢ଼ାନ୍ତୁ।

**ମିଥୁନ** — ଥଣ୍ଡା ଜରରେ ପୀଡିତ ହୋଇପାରନ୍ତି। ଆୟରେ ବୃଦ୍ଧି, କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି। ଜୀବନସାଥୀଙ୍କ ସହ ଉତ୍ତମ ସମୟ କଟିବ। ଶୁଭ ତାରିଖ ୧୫,୧୬, ଭାଗ୍ୟଫଳ-୬୦%। ପ୍ରତିକାର : ରୂପାର କୌଣସି ଜିନିଷ ନିଜ ପାଖରେ ରଖନ୍ତୁ।

**କର୍କଟ** — ଉତ୍ତମ ସ୍ୱାସ୍ଥ୍ୟ ନିଜର ଦୈନନ୍ଦିନ କାର୍ଯ୍ୟରେ ପରିବର୍ତ୍ତନ କରନ୍ତୁ। ବ୍ୟବସାୟରେ ଅଭିବୃଦ୍ଧିର ସୂଚନା ପାଇବେ। ବ୍ୟୟ ବଢ଼ିବ। ଛାତ୍ରମାନେ ପାଠରେ ମନଦେବେ। ଦମ୍ପତ୍ତିଙ୍କ ସମ୍ପର୍କ ଦୃଢ଼ ହେବ। ଶୁଭ ତାରିଖ ୧୭, ଭାଗ୍ୟଫଳ-୭୦%। ପ୍ରତିକାର : ମଙ୍ଗଳବାର ଦିନ ମାଙ୍କଡ ମାନଙ୍କୁ ଖାଇବାକୁ ଦିଅନ୍ତୁ।

**ସିଂହ** — ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ହୋଇପାରେ। ନୂଆ ବ୍ୟବସାୟରେ ମନଦେବେ। କାର୍ଯ୍ୟକ୍ଷେତ୍ରରେ ସହଯୋଗ ବଢ଼ିବ। ଛାତ୍ର ମାନଙ୍କର ବିଦ୍ୟାପ୍ରତି ଆଗ୍ରହ ବଢ଼ିବ। ଶୁଭ ତାରିଖ ୧୪, ୧୬, ଭାଗ୍ୟଫଳ-୮୦%। ପ୍ରତିକାର : ଶୋଇବା ବେଳେ ମୁଣ୍ଡ ପାଖରେ ପାଣି ରଖନ୍ତୁ ଓ ସକାଳେ ତାହା ଗଛମୂଳେ ଢାଳନ୍ତୁ।

**କନ୍ୟା** — ପରିଶ୍ରମ ତୁଳନାର ଧନପ୍ରାପ୍ତି ହେବନାହିଁ। କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ଓ ବ୍ୟସ୍ତତା ବଢ଼ିବ। ଛାତ୍ରମାନେ ପାଠ ସମ୍ବନ୍ଧୀୟ ଶୁଭ ଖବର ପାଇପାରନ୍ତି। ଜୀବନସାଥୀଙ୍କ ସହ ତର୍କ ହୋଇପାରେ। ଶୁଭ ତାରିଖ ୧୨, ୧୬, ଭାଗ୍ୟଫଳ-୮୦%। ପ୍ରତିକାର : ପ୍ରଭୁ ହନୁମାନଙ୍କୁ ଦର୍ଶନ କରନ୍ତୁ ଓ ଭୋଗ ଲଗାନ୍ତୁ।

**ତୁଳା** — ଯାତ୍ରା ସମୟରେ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଆୟରେ ବୃଦ୍ଧି କାର୍ଯ୍ୟକ୍ଷେତ୍ରରେ ସହକର୍ମୀଙ୍କ ଦ୍ୱାରା ପ୍ରତିବନ୍ଧକ ହୋଇପାରେ। ନିଜ ବାଣୀରେ ଲଗାମ ଦିଅନ୍ତୁ। ଶୁଭ ତାରିଖ ୧୪, ଭାଗ୍ୟଫଳ-୭୦%। ପ୍ରତିକାର : ହନୁମାନଜୀଙ୍କୁ ଲାଲବସ୍ତ୍ର ଚଢ଼ାନ୍ତୁ।

**ବିଛା** — ମନ ଅସ୍ଥିର ରହିପାରେ। ବ୍ୟବସାୟ ଓ କାର୍ଯ୍ୟରେ ବ୍ୟସ୍ତ ରହିବେ। ବ୍ୟୟ ବଢ଼ିବ। ଉଚ୍ଚଶିକ୍ଷା ପାଇଁ ସମୟ ଅନୁକୂଳ। ଜୀବନସାଥୀଙ୍କ ସହ ଭ୍ରମଣରେ ଯାଇପାରନ୍ତି। ଶୁଭ ତାରିଖ ୧୨,୧୬, ଭାଗ୍ୟଫଳ-୮୦%)। ପ୍ରତିକାର : ଶାରୀରିକ ଅକ୍ଷମଙ୍କୁ ଭୋଜନ କରାନ୍ତୁ।

**ଧନୁ** — ଧନପ୍ରାପ୍ତି ଯୋଗ ଅଛି। କିନ୍ତୁ ତାହା ସଠିକ ଦିଗରୁ ଆସିବା କଥା ନିଶ୍ଚିତ କରନ୍ତୁ। ପଦୋନ୍ନତି ଯୋଗ ଅଛି। ସନ୍ତାନଙ୍କର ଶୁଭ ଖବର ପାଇବେ। ଜୀବନସାଥୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଶୁଭ ତାରିଖ ୧୫, ଭାଗ୍ୟଫଳ-୬୦%। ପ୍ରତିକାର : ଘରୁ ବାହାରିବା ସମୟରେ ଗୁଡ ଖାଇ ଯାଆନ୍ତୁ।

**ମକର** — ଥଣ୍ଡା, ଶର୍ଦ୍ଦି ଓ ଜ୍ୱର ହୋଇପାରେ। ଅଜଣାବ୍ୟକ୍ତିଙ୍କ ପାଇଁ ଲାଭ ମିଳିବ। କାର୍ଯ୍ୟକ୍ଷେତ୍ରରେ ଅଧିକାରୀଙ୍କ କ୍ରୋଧର ଶିକାର ହୋଇପାରନ୍ତି। ଶ୍ୱଶୁର ଘର ପକ୍ଷରୁ କିଛି ଶୁଭ ଖବର ପାଇବେ। ଶୁଭ ତାରିଖ ୧୨, ଭାଗ୍ୟଫଳ-୮୦%। ପ୍ରତିକାର : ଓଁ ମନ୍ଦଚେଷ୍ଟାୟ ନମଃ ୧୧ ଥର ଜପ କରନ୍ତୁ।


**କୁମ୍ଭ** — ରକ୍ତଚାପ ବଢ଼ିବ। ବୁଝିବିଚାରୀ ନିଷ୍ପତ୍ତି ନିଅନ୍ତୁ। ସମ୍ମାନିତ ହୋଇ ପାରନ୍ତି। ଆପଣଙ୍କ ପ୍ରତି ଅନ୍ୟମାନଙ୍କ ବ୍ୟବହାରରେ ବ୍ୟାପକ ପରିବର୍ତ୍ତନ ହେବ। ଶୁଭ ତାରିଖ ୧୪,୧୭, ଭାଗ୍ୟଫଳ-୬୦%। ପ୍ରତିକାର : କୁକୁରଙ୍କୁ ରୁଟି ଗୁଡ ଖୁଆନ୍ତୁ।

**ମୀନ** — ସ୍ୱାସ୍ଥ୍ୟ ଭଲ ରହିବ। ଅଯଥା କାହାକୁ ଉପଦେଶ ଦିଅନ୍ତୁ ନାହିଁ। ପାରିବାରିକ ବିବାଦ ସମାଧାନ ହେବ। ଜୀବନସାଥୀଙ୍କ ସହ ତାଳମେଳ ରଖନ୍ତୁ। ଶୁଭ ତାରିଖ ୧୫, ଭାଗ୍ୟଫଳ-୮୦%। ପ୍ରତିକାର : ମଥାରେ କେଶର ତିଳକ ଲଗାନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

# ପ୍ରତିବର୍ଷ ପୃଥିବୀ ଠାରୁ ଦୂରେଇ ଯାଉଛି ଚନ୍ଦ୍ର

**ୱାଶିଂଟନ୍ :** ଚନ୍ଦ୍ର ଆମ ଠାରୁ ଦୂର ନୁହେଁ। ଚନ୍ଦ୍ରାୟାନ ୩ର ଚନ୍ଦ୍ରପୃଷ୍ଠରେ ସଫଳ ଅବତରଣ ପରେ ଭାରତ ଏହାକୁ ପ୍ରମାଣ କରି ଦେଖାଇଛି। ପୂର୍ବରୁ ପୃଥିବୀଠାରୁ ଲକ୍ଷ ଲକ୍ଷ କିଲୋମିଟର ଦୂରରେ ଥିବା ଚନ୍ଦ୍ର ବିଷୟରେ ଜାଣିବା କୌତୁହଳର ବିଷୟ ଥିଲା। ହେଲେ ସେହି କୌତୁହଳର ପରଦା ଉଠାଇବା ପାଇଁ ଭାରତର ରୋଭର ପ୍ରଜ୍ଞାନ ଓ ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ରପୃଷ୍ଠରେ ଗବେଷଣା ଜାରି ରଖିଛନ୍ତି। ପ୍ରତିଦିନ ନୂଆ ନୂଆ ଜିନିଷ ଆମେ ଚନ୍ଦ୍ର ବିଷୟରେ ଜାଣିବାକୁ ପାଉଛୁ। ମାଆ ଯେତେବେଳେ ଛୁଆକୁ ଜହ୍ନକୁ ଦେଖାଇ ସ୍ନେହ ଦେଉଥାଏ। ତା ପାଟିରୁ ବାହାରିପଡେ ଆ ଜହ୍ନମାମୁଁ ଶରଗ ଶଶୀ, ମୋ କାହ୍ନୁ ହାତରେ ପଡରେ ଖସି। ଛୁଆକୁ ସ୍ନେହରେ କୁହେ, ହାତ ବଢେଇଲେ ଜହ୍ନମାମୁଁ ତୋ ପାଖରେ ପହଞ୍ଚିଯିବ। ତେବେ ଭାରତର ମୁନ ମିଶନ ଚନ୍ଦ୍ରାୟାନ ୩ ଦ୍ୱାରା ଜହ୍ନକୁ ତ ଆମେ ଆମ ପାଖକୁ ଟାଣି ଆଣିଛୁ। ହେଲେ ଜାଣନ୍ତି କି ଚନ୍ଦ୍ର ଠାରୁ ପୃଥିବୀ ଦୂରତା ବଢିବାରେ ଲାଗିଛି। ପ୍ରତିବର୍ଷ ଚନ୍ଦ୍ର ପୃଥିବୀଠାରୁ ଦୂରେଇ ଯାଉଛି। ଏକ ଅଧ୍ୟୟନରେ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି ଯେ, ଚନ୍ଦ୍ର ପୃଥିବୀଠାରୁ ଧୀରେ ଧୀରେ ଦୂରେଇବାରେ ଲାଗିଛି। ଚନ୍ଦ୍ର ହେଉଛି ପୃଥିବୀର ଏକମାତ୍ର ଉପଗ୍ରହ। ଗବେଷଣାରୁ ଜଣାପଡିଥିଲା କି, ଗୁରୁତ୍ୱାକର୍ଷଣ ଶକ୍ତି ଯୋଗୁ ଚନ୍ଦ୍ର ପୃଥିବୀଠାରୁ ନିରନ୍ତର ଦୂରତାରେ ଥିଲା। କିନ୍ତୁ ଏବେ ସେଥିରେ ପରିବର୍ତ୍ତନ ହେବାରେ ଲାଗିଛି। ଆମେରିକାର ସ୍ପେସ ଏଜେନ୍ସି ନାସା ଅନୁଯାୟୀ, ଚନ୍ଦ୍ର ପ୍ରତିବର୍ଷ



୩.୮ ସେମି ବେଗରେ ପୃଥିବୀଠାରୁ ଦୂରେଇ ଯାଉଛି। ଅତୀତରେ, ସମୟ ଜାଣିବା ପାଇଁ ଚନ୍ଦ୍ରକୁ ବ୍ୟବହାର କରାଯାଉଥିଲା। କାରଣ ଏହା ପ୍ରାଚୀନ ମାନବ ସଭ୍ୟତା ଦ୍ୱାରା କ୍ୟାଲେଣ୍ଡର ଭାବରେ ବ୍ୟବହୃତ ହେଉଥିଲା। ମାତ୍ର ଏହି ଆଶ୍ଚର୍ଯ୍ୟକର ରିପୋର୍ଟ ଅତୀତର ଅନୁସନ୍ଧାନ ଏବଂ ଅନ୍ୟାନ୍ୟ ପୂର୍ବ ଆବିଷ୍କାର ବିଷୟରେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। କୁହାଯାଉଛି କି, ଯଦି ଚନ୍ଦ୍ର ଏହି ବେଗରେ ପୃଥିବୀଠାରୁ ଦୂରେଇ ଯାଇଥାନ୍ତା ତେବେ ୧.୫ ବିଲିୟନ ବର୍ଷ ପୂର୍ବେ ସେ ପୃଥିବୀ ସହିତ ଧକ୍କା ହୋଇ ଯାଇଥା'ନ୍ତା। କେବିକେ ବିଶ୍ୱବିଦ୍ୟାଳୟର ପ୍ରଫେସର ଜୋଶୁଆ ଡେଭିସ ଏବଂ ୱିସ୍କନ୍ସିନ-ମ୍ୟାଡିସନ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନ ସହଯୋଗୀ ମାର୍ଗ୍ରିଟ ଲାଣ୍ଟିନକ ଏ ବାବଦରେ ଆହୁରି ଅନେକ ଆଶ୍ଚର୍ଯ୍ୟକର କଥା କହିଛନ୍ତି। ସେ କହିଛନ୍ତ, ଚନ୍ଦ୍ର ଓ ପୃଥିବୀ ମଧ୍ୟରେ ବଢୁଥିବା ବ୍ୟବଧାନ ନୂଆ କିଛି ଜିନିଷ ଆବିଷ୍କାର ହୋଇପାରେ। କିନ୍ତୁ ଏହା ଅତୀତ ପାଇଁ ବିପଦକୁ ଡାକି ଆଣୁଛି। ବିଶେଷଜ୍ଞଙ୍କନୁସାରେ 'ମିଲନକୋଭିଚ ଚକ୍ର' ଦ୍ୱାରା ଚନ୍ଦ୍ର ପୃଥିବୀଠାରୁ ଦୂରେଇ ଯାଉଛି। ଏହି ଚକ୍ରଗୁଡ଼ିକ ପୃଥିବୀର କକ୍ଷପଥର ଆକାର ଓ ଅକ୍ଷ ମଧ୍ୟରେ ଏକ ବିଚଳନ ସୃଷ୍ଟି କରେ। ପୃଥିବୀରେ ପଡୁଥିବା ସୂର୍ଯ୍ୟ କିରଣର ପ୍ରଭାବ ଏହି ଚକ୍ରରେ ପଡିଥାଏ। ପୃଥିବୀରେ ସୂର୍ଯ୍ୟ କିରଣର ପରିମାଣ ଏହାର ଜଳବାୟୁ ଉପରେ ପ୍ରଭାବ ପକାଇଥାଏ। ଏଥିସହ ଆର୍ଦ୍ର ଓ ଶୁଷ୍କ ଜଳବାୟୁ ବିଷୟରେ ମଧ୍ୟ ସୂଚନା ଦେଇଥାଏ। କିନ୍ତୁ ମିଲନକୋଭିଚ ଚକ୍ରରେ ପାଣିପାଗରେ ସମ୍ପୂର୍ଣ୍ଣ ଓଲଟା ଦୃଶ୍ୟ ଦେଖାଯାଏ। ଏହି ଚକ୍ର ଚନ୍ଦ୍ର ଏବଂ ପୃଥିବୀ ମଧ୍ୟରେ ଦୂରତା ନିର୍ଣ୍ଣୟ କରିଥାଏ। ନାସାର ବୈଜ୍ଞାନିକଙ୍କ ଅନୁଯାୟୀ, ୨.୪୬ ବିଲିୟନ ବର୍ଷ ପୂର୍ବେ ଚନ୍ଦ୍ର ପୃଥିବୀଠାରୁ ୬୦ହଜାର କିଲୋମିଟର ଦୂରରେ ଥିଲା। ଏବେ ଏହା ୩୮୪,୪୦୦କିମି ଦୂରରେ ରହିଛି।

# ୩ ବର୍ଷରୁ କମ ବୟସ୍କ ପିଲାଙ୍କୁ ପ୍ରି-ସ୍କୁଲ ପଠାଇବା ବେଆଇନ: ହାଇକୋର୍ଟ

**ଅହମଦାବାଦ :** ୨୦୨୩-୨୪ ଶିକ୍ଷାବର୍ଷରେ ପ୍ରଥମ ଶ୍ରେଣୀରେ ପ୍ରବେଶ ପାଇଁ ସର୍ବନିମ୍ନ ବୟସ ସୀମା ସ୍ଥିର କରିବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଗୁଜରାଟ ହାଇକୋର୍ଟ ମଙ୍ଗଳବାର ଏହାକୁ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେଉଁ ଅଭିଭାବକମାନେ ପିଲାମାନଙ୍କୁ ତିନି ବର୍ଷରୁ କମ ବୟସରେ ପ୍ରି-ସ୍କୁଲ ଯିବାକୁ ବାଧ କରୁଛନ୍ତି ସେମାନେ ଏକ ବେଆଇନ କାର୍ଯ୍ୟ କରୁଛନ୍ତି। ୧ ଜାନୁଆରୀ ୨୦୨୩ ରେ ରାଜ୍ୟ ସରକାର ଏକ ବିଜ୍ଞପ୍ତି ଜାରି କରିଥିଲେ। ଏଥିରେ, ୨୦୨୩-୨୪ ଶିକ୍ଷାବର୍ଷରେ ପ୍ରଥମ ଶ୍ରେଣୀରେ ଆଡମିଶନ ପାଇଁ ବୟସ ସୀମା ଛଅ ବର୍ଷରେ ସ୍ଥିର କରାଯାଇଥିଲା। ଏହି ବିଜ୍ଞପ୍ତିକୁ ପିଲାମାନଙ୍କର ପିତାମାତାଙ୍କ ଏକ ଗୋଷ୍ଠୀ ଚ୍ୟାଲେଞ୍ଜ କରିଥିଲେ, ଯେଉଁମାନେ ୧ ଜୁନ ୨୦୨୩ ସୁଦ୍ଧା ଛଅ ବର୍ଷ ପୂରଣ କରିନାହାଁନ୍ତି। ପ୍ରଧାନ ବିଚାରପତି ସୁନୀତା ଅଗ୍ରୱାଲ ଏବଂ ଜଷ୍ଟିସ ଏନ.ଭି ଅଞ୍ଜାରିଆଙ୍କୁ ନେଇ ଏକ ଡିଭିଜନ ବେଞ୍ଚ କହିଛନ୍ତି ତିନି ବର୍ଷରୁ କମ ପିଲାମାନଙ୍କୁ ପ୍ରି-ସ୍କୁଲରେ ପଢ଼ିବାକୁ ବାଧ କରିବା ପିତାମାତାଙ୍କ ଦ୍ୱାରା ଏକ ବେଆଇନ କାର୍ଯ୍ୟ। ଯେଉଁମାନେ ଆମ ପାଖରେ ଆବେଦନ କରିଛନ୍ତି। ବେଞ୍ଚ କହିଛନ୍ତି ଆବେଦନକାରୀମାନେ ଅଧିକାର ଆଇନ, ୨୦୦୯ର ଉଲ୍ଲଂଘନ କରି ଦୋଷୀ ହୋଇଛନ୍ତି। ଶିକ୍ଷା ଅଧିକାର ନିୟମ, ୨୦୧୨ ର ଧାରା ୮ କୁ ଦର୍ଶାଇ କୋର୍ଟ କହିଛନ୍ତି ଯେ ବର୍ଷର ଜୁନ ୧ ସୁଦ୍ଧା ତିନି ବର୍ଷ ବୟସ ପୂରଣ କରି ନ ଥିବା କୌଣସି ପ୍ରି-ସ୍କୁଲ ପିଲାଙ୍କୁ ଗ୍ରହଣ କରିବେ ନାହିଁ। ଅଦାଲତ କହିଛନ୍ତି, ନିୟମ ର ଏକ ଅନୁଧାନ ଦର୍ଶାଉଛି, ଜଣେ ଶିଶୁ ପାଇଁ ପ୍ରି-ସ୍କୁଲରେ ଆଡମିଶନ ନିଷେଧ ଅଛି। ଏକ ପ୍ରି-ସ୍କୁଲ ପିଲାଙ୍କୁ ତିନି ବର୍ଷର ବାଲ୍ୟକାଳର ଯତ୍ନ ଏବଂ ଶିକ୍ଷା ପରେ ଏକ ଆନୁଷ୍ଠାନିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ପ୍ରସ୍ତୁତ କରିଥାଏ। ତେବେ ଏହା ନିର୍ଦ୍ଧାରିତ ବୟସ ପୂର୍ବରୁ କରାଯିବା ଠିକ ନୁହେଁ।

# ବିଇଏସ୍ଏସ୍‌ର ବିକାଶ ପାଇଁ ଭିଜିଏଫ୍ ଯୋଜନାକୁ କ୍ୟାବିନେଟ୍ ମୋହର

**ନୂଆଦିଲ୍ଲୀ, (ପିଆଇବି):** ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ବ୍ୟାଟେରୀ ଇନ୍ଧନ ସଂରକ୍ଷଣ ପ୍ରଣାଳୀ (ବିଇଏସ୍ଏସ୍)ର ବିକାଶ ପାଇଁ ସାଧନଯୋଗ୍ୟ ଶୂନ୍ୟସ୍ଥାନ ପାଣ୍ଠି ବା ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ (ଭିଜିଏଫ୍) ନାମକ ଯୋଜନାକୁ ଅନୁମୋଦନ ମିଳିଛି। ଅନୁମୋଦିତ ଯୋଜନାରେ ୨୦୩୦-୩୧ ସୁଦ୍ଧା ୪,୦୦୦ ମେଗାୱାଟ୍-ଘଣ୍ଟା ବିଇଏସ୍ଏସ୍ ପ୍ରକଳ୍ପର ବିକାଶ ପାଇଁ ଲକ୍ଷ୍ୟ ରଖାଯାଇଛି, ଯେଉଁଥିରେ ପୁଞ୍ଜି ବ୍ୟୟର ୪୦% ପର୍ଯ୍ୟନ୍ତ ଆର୍ଥିକ ସହାୟତା ଭାୟାବିଲିଟି ଗ୍ୟାପ୍ ଫଣ୍ଡିଂ (ଭିଜିଏଫ) ଆକାରରେ ବଜେଟ୍ ସହାୟତା ପ୍ରଦାନ କରାଯିବ। କେନ୍ଦ୍ର ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ଅନେକ ପରିବେଶ ଅନୁକୂଳ ପଦକ୍ଷେପ ମଧ୍ୟରେ ଏହା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ। ଏହି ପଦକ୍ଷେପ ବ୍ୟାଟେରୀ ଷ୍ଟୋରେଜ୍ ସିଷ୍ଟମର ମୂଲ୍ୟ ହ୍ରାସ କରିବ ବୋଲି ଆଶା କରାଯାଉଛି। ସୌର ଏବଂ ପବନ ଶକ୍ତି ପରି ଅକ୍ଷୟ ଶକ୍ତି ଉତ୍ସଗୁଡିକର ସାମର୍ଥ୍ୟକୁ ଉପଯୋଗ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ନାଗରିକମାନଙ୍କୁ ସ୍ୱଚ୍ଛ, ଭରସାଯୋଗ୍ୟ ଏବଂ ସୁଲଭ ମୂଲ୍ୟରେ ବିଦ୍ୟୁତ ଯୋଗାଇ ଦେବା। ବିଇଏସ୍ଏସ୍ ଯୋଜନାର ବିକାଶ ପାଇଁ ଭିଜିଏଫ ନିମନ୍ତେ ୯,୪୦୦ କୋଟି ଟଙ୍କାର ପ୍ରାରମ୍ଭିକ ବ୍ୟୟ ବରାଦ କରାଯାଇଛି, ଯେଉଁଥିରେ ୩,୭୬୦ କୋଟି ଟଙ୍କାର ବଜେଟ୍ ସହାୟତା ରହିଛି। ଏହାର ନିରନ୍ତର ବିଦ୍ୟୁତ ଶକ୍ତି ସମାଧାନ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି। ଭିଜିଏଫ ସମର୍ଥନ ପ୍ରଦାନ କରି, ଏହି ଯୋଜନା କିଲୋୱାଟ୍ ଘଣ୍ଟା ପିଛା ୫.୫୦-୬.୬୦ ଟଙ୍କା (କିଲୋୱାଟ୍-ଘଣ୍ଟା) ପର୍ଯ୍ୟନ୍ତ ଗୋଟିଏ ସ୍ତରର ଷ୍ଟୋରେଜ୍ ଖର୍ଚ୍ଚ (ଏଲସିଓଏସ୍) ହାସଲ କରିବାକୁ ଲକ୍ଷ୍ୟ ରଖିଛି, ଯାହା ସମଗ୍ର ଦେଶରେ ସର୍ବୋଚ୍ଚ ବିଦ୍ୟୁତ ଚାହିଦା ପରିଚାଳନା ପାଇଁ ସଂରକ୍ଷିତ ଅକ୍ଷୟ ଶକ୍ତିକୁ ଏକ ଉପଯୋଗୀ ବିକଳ୍ପରେ ପରିଣତ କରିବ । ବିଇଏସ୍ଏସ୍ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟକାରିତାର ବିଭିନ୍ନ ପର୍ଯ୍ୟାୟକୁ ଆଧାର କରି ପାଞ୍ଚଟି କିସ୍ତିରେ ଭିଜିଏଫ୍ ବଣ୍ଟନ କରାଯିବ। ଯୋଜନାର ଲାଭ ଯେପରି ଉପଭୋକ୍ତାଙ୍କ ପାଖରେ ପହଞ୍ଚି ପାରିବ ତାହା ସୁନିଶ୍ଚିତ କରିବା ପାଇଁ ବିଇଏସଏସ ପ୍ରକଳ୍ପ କ୍ଷମତାର ସର୍ବନିମ୍ନ ୮୫% ବିତରଣ କମ୍ପାନୀ (ଡିସକମ୍) ପାଇଁ ଉପଲବ୍ଧ କରାଯିବ। ଏହା ଦ୍ୱାରା କେବଳ ବିଦ୍ୟୁତ ଗ୍ରିଡରେ ଅକ୍ଷୟ ଶକ୍ତିର ଏକୀକରଣ ବୃଦ୍ଧି ପାଇବ ନାହିଁ ବରଂ ଟ୍ରାନ୍ସମିସନ୍ ନେଟୱର୍କର ଉପଯୋଗ ସୁଦୃଢ଼ ହେବା ସହିତ ଅପଚୟ ମଧ୍ୟ ହ୍ରାସ ପାଇବ। ଫଳରେ ବ୍ୟୟବହୁଳ ଭିତ୍ତିଭୂମି ଉନ୍ନତୀକରଣର ଆବଶ୍ୟକତା ହ୍ରାସ ପାଇବ। ଭିଜିଏଫ ଅନୁଦାନ ପାଇଁ ବିଇଏସ୍ଏସ୍ ଡେଭଲପର୍ ଚୟନ ଏକ ସ୍ୱଚ୍ଛ ପ୍ରତିଯୋଗିତାମୂଳକ ନିଲାମ ପ୍ରକ୍ରିୟା ମାଧ୍ୟମରେ କରାଯିବ, ଯାହା ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରର ସଂସ୍ଥାଗୁଡିକ ପାଇଁ ଏକ ସମାନ ସୁଯୋଗକୁ ପ୍ରୋତ୍ସାହିତ କରିବ। ଏହି ଆଭିମୁଖ୍ୟ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବ ଏବଂ ବିଇଏସଏସ ପାଇଁ ଏକ ସୁଦୃଢ଼ ଇକୋସିଷ୍ଟମର ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ। ଏଥିସହିତ ଯଥେଷ୍ଟ ପୁଞ୍ଜିନିବେଶ ଆକୃଷ୍ଟ କରିବ ଏବଂ ଆନୁଷଙ୍ଗିକ ଶିଳ୍ପ ପାଇଁ ସୁଯୋଗ ସୃଷ୍ଟି କରିବ। ସ୍ୱଚ୍ଛ ଓ ସବୁଜ ଶକ୍ତି ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ ଏବଂ ବିଇଏସଏସ ଯୋଜନା ଏହି ଲକ୍ଷ୍ୟ ହାସଲ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଅକ୍ଷୟ ଶକ୍ତିର ଉପଯୋଗ କରିବା ଏବଂ ବ୍ୟାଟେରୀ ଷ୍ଟୋରେଜ୍ ଗ୍ରହଣ କରିବାକୁ ପ୍ରୋତ୍ସାହିତ କରି ସରକାର ସମସ୍ତ ନାଗରିକଙ୍କ ପାଇଁ ଏକ ଉଜ୍ଜ୍ୱଳ ଓ ସବୁଜ ଭବିଷ୍ୟତ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି।

### ପ୍ରଦୂଷଣର ପ୍ରଭାବ

# ମଣିଷ ହୃତ୍‌ପୃଣ୍ଡ ଓ ମସ୍ତିସ୍କ କୋଷରୁ ମିଳିଲା ମାଇକ୍ରୋପ୍ଲାଷ୍ଟିକ୍



**ନୂଆଦିଲ୍ଲୀ :** କିଛି ଦିନ ତଳେ ଏକ ପରୀକ୍ଷଣରୁ ମଣିଷ ରକ୍ତରେ ପ୍ଲାଷ୍ଟିକ୍ ଥିବା ପ୍ରମାଣ ମିଳିଥିଲା। ଏହି ପରୀକ୍ଷଣରେ ୮୦ ପ୍ରତିଶତ ଲୋକଙ୍କ ରକ୍ତରେ ପ୍ଲାଷ୍ଟିକ୍ର କ୍ଷୁଦ୍ର କଣିକା ରହିଥିବା ଜଣାପଡିଥିଲା। ଏଭଳି ବିଷୟ ବିଭିନ୍ନ ମହଲରେ ଉଦ୍‌ବେଗ ସୃଷ୍ଟି କରିଥିଲା ବେଳେ ଏବେ ହୃତ୍‌ପିଣ୍ଡ ଏବଂ ମସ୍ତିସ୍କ କୋଷରେ ମାଇକ୍ରୋପ୍ଲାଷ୍ଟିକ୍ ଉପସ୍ଥିତିକୁ ନେଇ ଆସିଥିବା ରିପୋର୍ଟ ଆହୁରି ଚିନ୍ତାଜନକ ହୋଇପଡ଼ିଛି। ଗୋଟିଏ କିମ୍ବା ଦୁଇଟି ନୁହେଁ, ମଣିଷର ହୃତ୍‌ପୃଣ୍ଡରେ ୯ପ୍ରକାରର ମାଇକ୍ରୋପ୍ଲାଷ୍ଟିକ୍ ମିଳିଥିବା ସାଇନ୍ସ ଜର୍ଣ୍ଣାଲ ଏସିଏସ୍‌ରେ ପ୍ରକାଶିତ ଏହି ରିପୋର୍ଟ ବୈଜ୍ଞାନିକମାନଙ୍କୁ ଚିନ୍ତାର ପକାଇଛି। ୩୯ରୁ ୫୫ ହଜାର ପ୍ଲାଷ୍ଟିକ ଖଣ୍ଡ ନିଶ୍ୱାସ ଏବଂ ଖାଦ୍ୟ, ପାନୀୟ ମାଧ୍ୟମରେ ମଣିଷ ଶରୀର ମଧ୍ୟକୁ ପ୍ରବେଶ କରୁଛି। ପ୍ରତ୍ୟେକ ସପ୍ତାହରେ ମଣିଷ ପରୋକ୍ଷରେ ଏକ କ୍ରେଡିଟ କାର୍ଡ ଆକାରର ପ୍ଲାଷ୍ଟିକ ଖାଉଥିବା ବେଳେ ଶିରା, ପ୍ରଶିରା ଦେଇ ଏବେ ଏହା ହୃତ୍‌ପିଣ୍ଡ ଏବଂ ମସ୍ତିସ୍କରେ ପହଞ୍ଚିଲାଣି ବୋଲି ଏହି ରିପୋର୍ଟରେ ପ୍ରକାଶ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଆମେରିକାରେ ୧୫ଜଣଙ୍କ ହୃଦ୍ ଅସ୍ତ୍ରୋପଚାର କରାଯିବା ପରେ ଲେଜର ଡାଇରେକ୍ଟ ଇନଫ୍ରାରେଡ ଇମୋଜିଂ ସିଷ୍ଟମ ମାଧ୍ୟମରେ ଏହାର ଉପରିସ୍ଥ ଭାଗକୁ ପରୀକ୍ଷଣ କରାଯାଇଥିଲା। ଏହି ସମୟରେ ପ୍ରତ୍ୟେକ ଟିସ୍ୟୁରେ ୯ ପ୍ରକାର ମାଇକ୍ରୋପ୍ଲାଷ୍ଟିକ ରହିଥିବା ଜଣାପଡ଼ିଥିଲା। ମସ୍ତିସ୍କରେ ମାଇକ୍ରୋପ୍ଲାଷ୍ଟିକ୍ସର ଉପସ୍ଥିତି ଜଣେ ବ୍ୟକ୍ତିର ଭାବପ୍ରବଣତା ଓ ନିଷ୍ପତ୍ତି ଗ୍ରହଣ କରିବା ଦକ୍ଷତାକୁ ପ୍ରଭାବିତ କରୁଥିଲା ବୋଲି ବୈଜ୍ଞାନିକମାନେ ଜାଣିପାରିଥିଲେ। ଏହାଦ୍ୱାରା ମସ୍ତିସ୍କର ଅନେକ ଅଂଶ ପରୋକ୍ଷରେ କ୍ଷତିଗ୍ରସ୍ତ ହେବା ସହିତ ସୁରକ୍ଷାଚକ୍ର ଭାବେ ରହିଥିବା 'ବ୍ରେନ-ବ୍ଲଡ ବ୍ୟାରିୟର' ମଧ୍ୟ କ୍ଷତିଗ୍ରସ୍ତ ହେଉଥିବା କୁହାଯାଇଛି। ଏହା ବାହ୍ୟ ପଦାର୍ଥକୁ ମସ୍ତିସ୍କ କୋଷ ମଧ୍ୟରେ ପ୍ରବେଶ ରୋକିଥାଏ। ପ୍ଲାଷ୍ଟିକର ବ୍ୟବହାର ବନ୍ଦ ନ ହେଲେ ଆଗାମୀ ଦିନରେ ଅନେକ ଅଦ୍ଭୁତ କିସମର ମାନସିକ ରୋଗ ସୃଷ୍ଟି ହେବାର ଆଶଙ୍କା ବଢିବ ବୋଲି ବୈଜ୍ଞାନିକମାନେ ଚେତାଇ ଦେଇଛନ୍ତି।

### ଚାଉଳ ରପ୍ତାନୀ ଉପରେ ଭାରତର କଟକଣା

# ଟନ୍ ପିଛା ୧୦୦୦ ଡଲାର ଛୁଇଁବ ଚାଉଳ

**ନୂଆଦିଲ୍ଲୀ :** ସମ୍ପ୍ରତି ବିଶ୍ୱ ବ୍ୟାପୀ ମୁଦ୍ରାସ୍ଫୀତି ତାତିରେ ଖାଉଟି ଥରହର। ହାଣ୍ଡିଶାଳ ବଜେଟ୍ ସମ୍ଭାଳିବା ଏବେ ସମସ୍ତଙ୍କ ପାଇଁ ବଡ଼ ଚିନ୍ତାର ବିଷୟ। ଏହାମଧ୍ୟରେ ଗତ କିଛି ଦିନ ଭାରତ ସରକାର ଦେଶରେ ହେଉଥିବା ଚାଉଳ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏହାର ପ୍ରଭାବ ଏବେ ସାରା ବିଶ୍ୱରେ ଅନୁଭୂତ ହେବାରେ ଲାଗିଲାଣି। ଏହାକୁ ନେଇ ବର୍ତ୍ତମାନ ଏସିଆଠାରୁ ପଶ୍ଚିମ ଆଫ୍ରିକା ଯାଏ ସବୁଆଡେ ଆତଙ୍କ ଖେଳିଯାଇଛି। ପ୍ରାୟ ବିଗତ ଛଅ ସପ୍ତାହ ହେବ ଭାରତ ଚାଉଳ ବଜାରକୁ ଅଡୁଆରେ ପକାଇଛି। କାରଣ ଭାରତ ହେଉଛି ବିଶ୍ୱର ବୃହତ୍ ଚାଉଳ ରପ୍ତାନିକାରୀ। ଏ ନେଇ ବିଶ୍ୱରେ ଆତଙ୍କ ସୃଷ୍ଟି ହୋଇଛି। ବର୍ତ୍ତମାନ ବିଶ୍ୱ ବଜାରରେ ଚାଉଳ ଦର ରେକର୍ଡ ସ୍ତରରେ ରହିଛି। ଏଭଳି ପରିସ୍ଥିତି ଜାରି ରହିଲେ ଚାଉଳ ଟନ୍ ପିଛା ୧୦୦୦ ଡଲାର



ଛୁଇଁବ ବୋଲି ଆଶଙ୍କା କରାଯାଉଛି। ସୂଚନା ଅନୁଯାୟୀ, ଗତ ଏକ ସପ୍ତାହରେ ଭାରତ ଚାଉଳ ରପ୍ତାନୀ ଉପରେ ପ୍ରତିବନ୍ଧକ ଲଗାଇଥିଲା। ଯାହାଫଳରେ ଏସିଆରେ ଚାଉଳର ମୂଲ୍ୟ ୧୫ ବର୍ଷରେ ଉଚ୍ଚତମ ସ୍ତରରେ ପହଞ୍ଚିଛି। ଚାଉଳ ସମେତ ଅନ୍ୟ କେତେକ ଖାଦ୍ୟ ଶସ୍ୟ ଉପରେ ଭାରତ ସରକାର ଜୁଲାଇ ୨୦ରୁ ପ୍ରତିବନ୍ଧକ ଲଗାଇଥିଲେ। ଭାରତରୁ ଚାଉଳ ରପ୍ତାନି ନ ହେବା ଯୋଗୁଁ ବିଶ୍ୱର ଅନେକ ଦେଶରେ ଚାଉଳ ଦରରେ ତୀବ୍ର ବୃଦ୍ଧି ଦେଖାଦେଇଛି। ଭାରତ ବିଶ୍ୱର ସବୁଠାରୁ ବଡ଼ ଚାଉଳ ରପ୍ତାନୀକାରୀ ଦେଶ। ଏହାପରେ ଦ୍ୱିତୀୟରେ ଥାଇଲ୍ୟାଣ୍ଡ ଏବଂ ତୃତୀୟରେ ଭିଏତନାମ ପରି ଦେଶ ରହିଛନ୍ତି। ବର୍ତ୍ତମାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଚିନ୍ତା ହେଉଛି ଥାଇଲ୍ୟାଣ୍ଡ ଏବଂ ଭିଏତ୍ନାମ ଭାରତକୁ ଅନୁସରଣ କରୁଛନ୍ତି। ଯଦି ଏହି ଦୁଇ ରାଷ୍ଟ୍ର ସେମାନଙ୍କ ଚାଉଳ ରପ୍ତାନି ଉପରେ କଟକଣା ଲାଗୁ କରନ୍ତି ବିଶ୍ୱ ବଜାରରେ ହଇଚଇ ସୃଷ୍ଟି ହେବ, ଯାହାଫଳରେ ବଜାରରେ ଚାଉଳ ମୂଲ୍ୟ ଟନ୍ ପିଛା ୧୦୦୦ ଡଲାରକୁ ବୃଦ୍ଧି ପାଇବ। ଏଠାରେ ସୂଚନାଯୋଗ୍ୟ ଯେ, ଚାଉଳ ବିଶ୍ୱରେ କୋଟି କୋଟି ଲୋକଙ୍କର ମୁଖ୍ୟ ଖାଦ୍ୟ। ଦକ୍ଷିଣ ପୂର୍ବ ଏସିଆ ଏବଂ ଆଫ୍ରିକାର ଲୋକମାନେ ଗ୍ରହଣ କରୁଥିବା କ୍ୟାଲୋରୀ ମଧ୍ୟରୁ ଚାଉଳର ଯୋଗଦାନ ୬୦% ରହିଛି। ବର୍ତ୍ତମାନ ବିଶ୍ୱ ବଜାରରେ ଚାଉଳ ଟନ୍ ପିଛା ୧୦୦୦ ଡଲାର (୫୩,୪୪୦ ଟଙ୍କା) ରହିଛି। ଚଳିତବର୍ଷ ଏଲ୍ ନିନୋ ପ୍ରଭାବରେ ଏସିଆର ଅନେକ ପ୍ରମୁଖ ଧାନ ଉତ୍ପାଦନକାରୀ ରାଷ୍ଟ୍ରରେ ଏଥର ଉତ୍ପାଦନ କମିବା ଆଶଙ୍କା କରାଯାଉଛି। ଏହାଛଡା ଥାଇଲ୍ୟାଣ୍ଡ ୨୦୨୪ ପ୍ରାରମ୍ଭରେ ମରୁଡ଼ି ଜନିତ ସ୍ଥିତି ଦେଇ ଗତି କରିବ ବୋଲି ପୂର୍ବରୁ ଚେତାବନୀ ଦେଇସାରିଛି। ଚାରିଆଡେ ଆହୁରିମଧ୍ୟ କମ୍ ବର୍ଷା ଯୋଗୁଁ ଚାଉଳ ଦର ଆହୁରି ବଢିପାରେ ବୋଲି କୁହାଯାଉଛି। ଭାରତ ବିଷୟରେ କହିବାକୁ ଗଲେ, ଚଳିତବର୍ଷ ଭାରତରେ ମଧ୍ୟ ଚାଉଳ ଦର ଖୁବ୍ ବଢ଼ିଛି। ଏଠାରେ ଚାଉଳ କିଲୋ ପିଛା ୪୫-୫୦ ଟଙ୍କା ରହିଛି, ଯାହା ଗତ ବର୍ଷ ତୁଳନାରେ ଢ଼େର ଅଧିକ। ଏପରି ପରିସ୍ଥିତିରେ ଚାଉଳର ଦାମରେ ବୃଦ୍ଧି ହେତୁ ରପ୍ତାନି ଶୁଳ୍କରେ ମଧ୍ୟ ବୃଦ୍ଧି କରାଯାଇଛି ଏବଂ କେତେକ ସ୍ଥାନରେ ଏହା ଉପରେ ପ୍ରତିବନ୍ଧକ ମଧ୍ୟ ଲଗାଯାଇଛି।

### ସାରା ବିଶ୍ୱରେ ବେକାରୀ ସମସ୍ୟା ଉତ୍କଟ

# ଭାରତରେ ବେକାରୀ ହାର ୮%

**ନୂଆଦିଲ୍ଲୀ:** ସାରା ବିଶ୍ୱ ଏବେ ଗୁରୁତର ଆର୍ଥିକ ସଂକଟ ଦେଇ ଗତି କରୁଛି। ପ୍ରଥମେ କୋଭିଡ-୧୯ ଓ ତା ପରେ ଆରମ୍ଭ ହୋଇଥିବା ରୁଷ-ୟୁକ୍ରେନ ଯୁଦ୍ଧ ସାରା ବିଶ୍ୱକୁ ସଂକଟ ମୁହଁକୁ ନେଇଯାଇଛି। ଏଥିରେ ଦେଖା ଦେଇଥିବା ମାନ୍ଦାବସ୍ଥା ସାରା ବିଶ୍ୱରେ ବେକାରୀ ସମସ୍ୟାକୁ ଉତ୍କଟ କରିଛି। ଆର୍ଥିକ ସଂକଟ ଯୋଗୁ ବଡ଼ ବଡ଼ କମ୍ପାନୀମାନେ ବହୁ ସଂଖ୍ୟାରେ କର୍ମଚାରୀଙ୍କୁ ଛଟେଇ କରୁଛନ୍ତି। ଏହି ପରିସ୍ଥିତି ଷ୍ଟାର୍ଟଅପ କମ୍ପାନୀମାନଙ୍କୁ ମଧ୍ୟ ପ୍ରଭାବିତ କରିଛି। ସେମାନଙ୍କୁ ମଧ୍ୟ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ସହ ଆର୍ଥିକ ସଂକଟର ସମ୍ମୁଖୀନ ହେବାକୁ ପଡୁଛି। ଏଥିରେ ଆଇଟି ସେକ୍ଟରରେ କାର୍ଯ୍ୟରତ କର୍ମଚାରୀ ଅଧିକ ପ୍ରଭାବିତ ହୋଇଛନ୍ତି। ଅନେକ କର୍ମଚାରୀଙ୍କୁ ଚାକିରି ହରେଇବାକୁ ପଡିଛି। ଏଣୁ ଭାରତ ସମେତ ସାରା ବିଶ୍ୱରେ ଏବେ ବେକାରୀ ବଢିଛି। ଏହାକୁ ନେଇ 'ୱାର୍ଲଡ ଅଫ ଷ୍ଟାଟିଷ୍ଟିକ୍ସ' ଏକ ରିପୋର୍ଟ ପ୍ରକାଶ କରିଛନ୍ତି। ଏହି ରିପୋର୍ଟ ଅନୁସାରେ ବିଶ୍ୱରେ ସବୁଠୁ ଅଧିକ ବେକାରୀ ଏବେ ଦକ୍ଷିଣ ଆଫ୍ରିକାରେ ଦେଖିବାକୁ ମିଳୁଛି। ଦକ୍ଷିଣ ଆଫ୍ରିକାରେ ୩୨.୬ ପ୍ରତିଶତ ଲୋକେ ବେକାର ଅଛନ୍ତି। ଏହି ସୂଚୀର ଦ୍ୱିତୀୟ ସ୍ଥାନରେ ରହିଛି ଇରାକ୍। ଏଠାରେ ୧୫.୫୫ ପ୍ରତିଶତ ଲୋକେ ଏବେ ବେକାର ହୋଇଯାଇଛନ୍ତି। ତାଲିକାର ତୃତୀୟ ସ୍ଥାନରେ ବୋସନିୟା ଥିବା ବେଳେ ପଛକୁ ହର୍ଜଗୋଭିନା ଓ ଆଫଗାନିସ୍ତାନ ରହିଛି। ଏହି ସବୁ ଦେଶରେ ବେକାରୀ ୧୩.୩ ପ୍ରତିଶତ। ଗୁରୁତର ଆର୍ଥିକ ସଂକଟଗ୍ରସ୍ତ ପାକିସ୍ତାନରେ ବେକାରୀ ହାର ସବୁଠୁ କମ୍। ଏଠାରେ ବେକାରୀ ମାତ୍ର ୬.୩ ପ୍ରତିଶତ, ଏହି ଅନୁସାରେ ଦେଖିବାକୁ ଗଲେ ଭାରତରେ ବେକାରୀ ହାର ପ୍ରାୟ ୮ ପ୍ରତିଶତ। ପାକିସ୍ତାନ ତୁଳନାରେ ଭାରତର ଜନସଂଖ୍ୟା ୭ ରୁ ୮ ଗୁଣା ଅଧିକ। ତେବେ ପାକିସ୍ତାନର ବେକାରୀ ହାର ସମାନ ଜନସଂଖ୍ୟାର ସ୍ପେନ୍, ଇରାନ ଓ ୟୁକ୍ରେନ ସମେତ କେତେକ ଦେଶଠାରୁ ଯଥେଷ୍ଟ କମ୍। ଆମେରିକାରେ ବେକାରୀ ହାର ୩.୮ ପ୍ରତିଶତ। ଅଷ୍ଟ୍ରେଲିଆର ବେକାରୀ ହାର ୩.୭ ପ୍ରତିଶତ ହୋଇଥିବା ବେଳେ ଚୀନ୍ର ବେକାରୀ ହାର ଦୁଇ ଦେଶଙ୍କ ଠାରୁ ଅଧିକ। ଚୀନ୍ରେ ଏବେ ମୋଟ ବେକାରୀ ହାର ୫.୩ ପ୍ରତିଶତ। ସାଉଦୀ ଆରବର ବେକାରୀ ହାର ୫.୧ ପ୍ରତିଶତ। ତେବେ ରିପୋର୍ଟ ଅନୁସାରେ ସବୁଠୁ



କମ୍ ବେକାରୀ କତାରରେ। ଏଠାରେ ବେକାରୀ ହାର ମାତ୍ର ୦.୧ ପ୍ରତିଶତ। ରିପୋର୍ଟ ଅନୁସାରେ ତୁର୍କିରେ ୯.୬ ପ୍ରତିଶତ ହୋଇଥିବା ବେଳେ ଶ୍ରୀଲଙ୍କାରେ ୯.୫୭ ପ୍ରତିଶତ,ଚିଲିରେ ୮.୭୭ ପ୍ରତିଶତ ହୋଇଥିବା ବେଳେ ବ୍ରାଜିଲରେ ୭.୯ ପ୍ରତିଶତ, ଇଟାଲୀରେ ୭.୬ ପ୍ରତିଶତ, ଫ୍ରାନ୍ସରେ ୭.୨ ପ୍ରତିଶତ, ଇଜିପ୍ଟରେ ୭ ପ୍ରତିଶତ, ଫିନଲ୍ୟାଣ୍ଡରେ ୬.୯ ପ୍ରତିଶତ ଓ ଆର୍ଜେଣ୍ଟିନାରେ ୬.୯ ପ୍ରତିଶତ ବେକାରୀ ରହିଛି। ଅର୍ଥନୀତି ବ୍ୟବସ୍ଥାକୁ ଦୋହଲାଇ ଦେଇଥିଲା କୋଭିଡ୍ ମହାମାରୀ। କରୋନା କାଳରେ ତାଲାବନ୍ଦ ଯୋଗୁଁ ସର୍ବସ୍ୱାନ୍ତ ହୋଇଯାଇଥିଲେ ଲୋକେ। କିଏ ତାର ଜୀବିକା ହରାଇଥିଲା, ଆଉ କିଏ ଚାକିରି। ଦୁଇ ବର୍ଷ ଧରି ମହାମାରୀ ସତେ ଯେପରି ମଣିଷର ପେଟକୁ ମାରିଥିଲା ନାତ। ୨୦୨୦-୨୧ ବର୍ଷ ଓ ୨୦୨୧-୨୨ ବର୍ଷରେ ଯେତେବେଳେ ଲୋକ ଗରିବ ହୋଇଥିଲେ, ସେତେବେଳେ ରାଜନୈତିକ ଦଳ ହୋଇଛନ୍ତି ଧନୀ। ୨୦୨୦-୨୧ ବର୍ଷରେ ୮ ରାଜନୈତିକ ଦଳର ସମ୍ପତ୍ତି ୭୨୯୭.୬୧୮ କୋଟି ବଢ଼ି ୨୦୨୧-୨୨ ବର୍ଷରେ ୮୮୨୯.୧୫୮ କୋଟି ଟଙ୍କାରେ ପହଞ୍ଚି ଥିଲା। କେବଳ ଗୋଟିଏ ବର୍ଷରେ ପୂର୍ବ ସମ୍ପତ୍ତି ଅପେକ୍ଷା ୨୧ ଗୁଣା ବଢିଛି। ନିର୍ବାଚନୀ ସଂସ୍କାରକୁ ନେଇ କାମ କରୁଥିବା ସଂସ୍ଥା 'ଆସୋସିଏସନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍' ତଥ୍ୟ ଅନୁଯାୟୀ, ୨୦୨୦-୨୧ ଓ ୨୦୨୧-୨୨ ବର୍ଷରେ ୮ ରାଷ୍ଟ୍ରୀୟ ରାଜନୈତିକ ଦଳର ସମ୍ପତ୍ତି ନେଇ ସବିଶେଷ ରିପୋର୍ଟ ଦେଇଛି। ଏଡିଆର ରିପୋର୍ଟ ଅନୁସାରେ ୨୦୨୦-୨୧ରେ ବିଜେପିରେ ୪୯୯୦.୧୯୫ କୋଟି ସମ୍ପତ୍ତି ଥିବା ନେଇ ଘୋଷଣା କରିଥିଲା। ଯାହା ଏକ ବର୍ଷ ପରେ ୨୦୨୧-୨୨ରେ ସମ୍ପତ୍ତି ୨୧.୭ ପ୍ରତିଶତ ବଢିଯାଇ ୬୦୬୪.୮୧ କୋଟି ଟଙ୍କା ପହଞ୍ଚିଛି। କଂଗ୍ରେସ ୨୦୨୧-୨୧ ବର୍ଷ ୬୯୧.୧୧ କୋଟି ହୋଇଥିବା ବେଳେ ପରବର୍ତ୍ତୀ ବର୍ଷରେ ଏହା ୧୬.୫୮ ପ୍ରତିଶତ ବୃଦ୍ଧି ପାଇ ୮୦୫.୬୮ କୋଟି ଟଙ୍କାରେ ସମ୍ପତ୍ତି ରହିଛି। ବହୁଜନ ସମାଜବାଦ ପାର୍ଟି ଏକମାତ୍ର ରାଷ୍ଟ୍ରୀୟ ଦଳ, ଯାହାର ସମ୍ପତ୍ତି ତଳକୁ ଖସିଛି। ୨୦୨୦-୨୧ ବର୍ଷରେ ବିଏସ୍ପିର ସମ୍ପତ୍ତି ୭୩୨.୭୯ କୋଟି ଥିବା ବେଳେ ୨୦୨୧-୨୨ରେ ୬୯୦.୭୧ କୋଟିକୁ ଖସିଆସିଛି। ପଶ୍ଚିମବଙ୍ଗର ଟିଏମ୍ସିର ସମ୍ପତ୍ତିର ପରିମାଣ ୨୦୨୦-୨୧ରେ ୧୮୨.୦୦୧ କୋଟି ଥିବାବେଳେ ୨୦୨୧-୨୨ରେ ୧୫୧.୭୦ ପ୍ରତିଶତ ବଢି ୪୫୮.୧୦ରେ ପହଞ୍ଚିଛି। ଗୋଟିଏ ପଟେ ଦେଶର ବେକାରୀ ବୃଦ୍ଧି ପାଇ ଚାଲିଥିବାବେଳେ ପ୍ରମୁଖ ରାଜନୈତିକ ଦଳଗୁଡ଼ିକର ଆୟ ବଢି ଚାଲିଛି। କରୋନା ଭଳି ମହାମାରୀ ବେଳେ ଦେଶର ଅର୍ଥନୀତି ଏକପ୍ରକାର ଭୁଶୁଡ଼ି ପଡ଼ିଥିବାବେଳେ ରାଜନୈତିକ ଦଳଗୁଡ଼ିକ କିନ୍ତୁ ଫାଇଦାରେ ଥିଲେ। ଦେଶରେ ବେକାରୀ ସମସ୍ୟା ବୃଦ୍ଧି ପାଇବା ଆର୍ଥିକ ପ୍ରଗତିରେ ବାଧା ଉପୁଜାଉଥିବା ଅର୍ଥନୀତିଜ୍ଞମାନେ ମତ ଦିଅନ୍ତି।

# କୁଷ୍ଠମୁକ୍ତ ଓଡ଼ିଶାରେ କୁଷ୍ଠ ରୋଗୀ ସଂଖ୍ୟା ବଢୁଛି



**ଭୁବନେଶ୍ୱର :** ରାଜ୍ୟରେ ଏବେ କୁଷ୍ଠ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ରାଜ୍ୟ ସରକାର କୁଷ୍ଠ ଚିକିତ୍ସାକୁ ଗୁରୁତ୍ୱ ଦେବା ସହ ଜିଲା ତଥା ରାଜ୍ୟ ସ୍ତରରେ ବ୍ୟାପକ ପଦକ୍ଷେପ ଗ୍ରହଣ କରିବା ସତ୍ତ୍ୱେ ନୂଆ ନୂଆ ରୋଗୀ ଚିହ୍ନଟ ହେଉଛନ୍ତି। ବିଶେଷକରି କୁଷ୍ଠମୁକ୍ତ ଓଡ଼ିଶାରେ କୁଷ୍ଠ ରୋଗୀ ସଂଖ୍ୟା ବଢ଼ିବା ଘଟଣା ଚିନ୍ତାର ବିଷୟ ପାଲଟିଥିବାବେଳେ ସରକାର ଚିକିତ୍ସା, ଚିହ୍ନଟ ଓ ସଚେତନତା କାର୍ଯ୍ୟକ୍ରମକୁ ନେଇ ପ୍ରଶ୍ନ ଉଠୁଛି। ୨୦୦୫ରେ କେନ୍ଦ୍ର ସରକାର କୁଷ୍ଠମୁକ୍ତ ଭାରତ ଘୋଷଣା କରିଥିବାବେଳେ ରାଜ୍ୟ ସରକାର ୨୦୦୬-୦୭ରେ ଓଡିଶାକୁ କୁଷ୍ଠମୁକ୍ତ ରାଜ୍ୟ ଭାବେ ଘୋଷଣା କରିଥିଲେ। ଏହାପରେ ଉଭୟ ସରକାରୀ ଓ ବ୍ୟକ୍ତିଗତ ସ୍ତରରେ କୁଷ୍ଠ ରୋଗକୁ ସେପରି ଗୁରୁତ୍ୱ ଦିଆ ନ ଯିବାରୁ ପରବର୍ତ୍ତୀ ସମୟରେ ଏହା ପୁଣି ଲୋକଙ୍କ ମନରେ ବଡ଼ରୋଗର ଭୟ ସୃଷ୍ଟି କଲାଣି। ବିଭାଗୀୟ ତଥ୍ୟ ଅନୁଯାୟୀ, ରାଜ୍ୟରେ ୨୦୧୮-୧୯ ମଧ୍ୟରେ ୧୦ ହଜାର ୭୮୬ କୁଷ୍ଠ ରୋଗୀ ଚିହ୍ନଟ ହୋଇଥିଲେ। ତେବେ ୨୦୧୯-୨୦ରେ ୧୦ ହଜାର ୭୭ଜଣ ଚିହ୍ନଟ ହୋଇଥିବାବେଳେ ୨୦୨୦-୨୧ରେ ୬ହଜାର ୧୪୮, ୨୦୨୧-୨୨ରେ ୫ ହଜାର ୭୨୯ ଓ ୨୦୨୨-୨୩ ଅଗଷ୍ଟ ସୁଦ୍ଧା ରାଜ୍ୟରେ ୭ ହଜାର ୧୮୭ ଜଣ ଚିହ୍ନଟ ହୋଇଛନ୍ତି। ବିଶେଷକରି ରାଜ୍ୟର ବୌଦ୍ଧ, ନୂଆପଡା, ବଲାଙ୍ଗୀର ଓ ସୋନପୁର ଅଞ୍ଚଳରେ ଅଧିକ କୁଷ୍ଠରୋଗୀ ଚିହ୍ନଟ ହେଉଛନ୍ତି। ଅନ୍ୟପକ୍ଷରେ କୁଷ୍ଠ ଏକ ସଂକ୍ରମଣଜନିତ ରୋଗ ହୋଇଥିବାରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ଜିଲାର ସରକାରୀ ଡାକ୍ତରଖାନାରେ ଡି.ପି.ଏମ.ଆର କ୍ଲିନିକ୍ରେ କୁଷ୍ଠରୋଗୀଙ୍କ ଚିକିତ୍ସା କରାଯାଉଛି। କୁଷ୍ଠ ରୋଗୀଙ୍କ ଲାଗି ରାଜ୍ୟରେ ୮୬ଟି କୁଷ୍ଠ କଲୋନୀ ସହ ୧୪ଟି କୁଷ୍ଠ ଚିକିତ୍ସାଳୟ ଓ ୪ଟି କୁଷ୍ଠାଶ୍ରମର ବ୍ୟବସ୍ଥା କରାଯାଇଛି। କିନ୍ତୁ ଅଧିକାଂଶ କୁଷ୍ଠ କଲୋନୀ ଅବ୍ୟବସ୍ଥାରେ ଚାଲୁଥିବାବେଳେ ୩୫୯ କୁଷ୍ଠକର୍ମୀ ପଦବୀ ଖାଲି ପଡିଛି। ସେହିପରି ହସ୍ପିଟାଲଗୁଡ଼ିକରେ ଥିବା ଡି.ପି.ଏମ.ଆର କ୍ଲିନିକ୍ରେ ମଧ୍ୟ ଡ୍ରେସରଙ୍କ ଅଭାବ ରହିଛି। ଏପରିସ୍ଥିତି ସତ୍ତ୍ୱେ ବିଭାଗର ଜଣେ ଅଧିକାରୀ କହିଛନ୍ତି, ୨୦୩୦ ସୁଦ୍ଧା ରାଜ୍ୟକୁ କୁଷ୍ଠରୋଗମୁକ୍ତ କରାଯିବାର ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ସରକାରଙ୍କ ଆଶା ବେସ୍ ସର୍ଭିଲାନ୍ସ ଅଫ୍ ଲେପ୍ରୋସି କାର୍ଯ୍ୟକ୍ରମ ଜରିଆରେ ଆଶାକର୍ମୀଙ୍କୁ ଟ୍ରେନିଂ ଦିଆଯାଉଛି। ସେମାନେ ଘର ଘର ବୁଲି ସର୍ଭେ କରୁଛନ୍ତି। ସେହିପରି ଆୟୁଷ ଡାକ୍ତରଙ୍କୁ କୁଷ୍ଠ ଉପରେ ଟ୍ରେନିଂ ଦିଆଯାଉଛି। ପ୍ରତ୍ୟେକ କୁଷ୍ଠ କଲୋନୀରେ ଡାକ୍ତର, ପାରାମେଡିକାଲ ଷ୍ଟାଫ ଓ ଡ୍ରେସର ପ୍ରତି ସପ୍ତାହରେ ଚିକିତ୍ସା ସହ ଡ୍ରେସିଂ ପାଇଁ ଯାଉଛନ୍ତି। ଏହାସହ ଗ୍ରାମାଞ୍ଚଳରେ ଚିହ୍ନଟ କୁଷ୍ଠ ରୋଗୀଙ୍କୁ ନିକଟ ପିଏଚଡି ଓ ସିଏଚ୍ସିରେ ଚିକିତ୍ସା କରାଯାଉଛି। ସାଧାରଣତଃ କୁଷ୍ଠ ରୋଗରେ ପୀଡିତ ରୋଗୀ ୬ ମାସଧରି ଔଷଧ ସେବନ କରନ୍ତି। କିନ୍ତୁ ଅଧିକାଂଶ ରୋଗୀ ୬ ମାସ ଔଷଧ ଠିକ୍ ଭାବରେ ଖାଉନାହାନ୍ତି। ସେହିପରି କରୋନା ସମୟରେ ଠିକ୍ ଭାବରେ ସର୍ଭେ କରାଯାଇ ନ ଥିବାରୁ ଚଳିତ ବର୍ଷ କୁଷ୍ଠ ରୋଗୀଙ୍କ ସଂଖ୍ୟା ବଢିଛି।

## ୨୨ ପୌରାଞ୍ଚଳରେ ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ ନିଯୁକ୍ତ

**ଭୁବନେଶ୍ୱର :** ରାଜ୍ୟର ୨୨ଟି ପୌର ପରିଷଦ ଓ ଏନଏସିରେ ନୂଆ କାର୍ଯ୍ୟନିର୍ବାହୀ ଅଧିକାରୀ (ଏକଜ୍ୟୁକିଟିଭ ଅଫିସର)ଙ୍କୁ ନିଯୁକ୍ତି ମିଳିଛି। ଏନେଇ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତି ଅନୁସାରେ, ବରିଷ୍ଠ ଓଏଏସ୍ ପ୍ରଶାନ୍ତ କୁମାର ନାୟକଙ୍କୁ ଅନୁଗୁଳ ମ୍ୟୁନିସପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଓଏଏସ୍ ଜୟଶ୍ରୀ ବେଉରାଙ୍କୁ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର ଭାବେ ବଦଳି ହୋଇଛି। ସେହିପରି ଓଏଏସ୍ ସୋନା ଟୁଡୁଙ୍କୁ କଟକ ମହାନଗର ନିଗମର ଅତିରିକ୍ତ କମିଶନର, ଓଏଏସ୍ ସରୋଜିନୀ ପ୍ରସାଦ କୁଲୁଙ୍କୁ ସମ୍ବଲପୁର ମହାନଗର ନିଗମର ଅତିରିକ୍ତ କମିଶନର, ଓଏଏସ୍ ରମେଶ ହାସଦାଙ୍କୁ ବ୍ରହ୍ମପୁର ମହାନଗର ନିଗମର ଅତିରିକ୍ତ କମିଶନର, ସୁନୀଲ କୁମାର କେର୍କେଟାଙ୍କୁ ସମ୍ବଲପୁର ମହାନଗର ନିଗମର ଅତିରିକ୍ତ କମିଶନର, ହରପ୍ରସାଦ ଭୋଇଙ୍କୁ ବରଗଡ଼ ମ୍ୟୁନିସପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଛି। ସେହିପରି ମୟୂରଭଞ୍ଜ ଜିଲ୍ଲା ଜାମଦା ଅତିରିକ୍ତ ତହସିଲଦାର ବିକାଶ ମୁଣ୍ଡାରୀଙ୍କୁ ସୁନ୍ଦରଗଡ଼ ମ୍ୟୁନିସପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ, ଅଶୋକ କୁମାର ବେହେରାଙ୍କୁ ବୌଦ୍ଧ ମ୍ୟୁନିସପାଲଟି, ପ୍ରମୋଦ କୁମାର ଖିଲୋଙ୍କୁ ଖରିଆର ଏନଏସି, ବିରଞ୍ଚି ଧରୁଆଙ୍କୁ ଦେବଗଡ଼ ମ୍ୟୁନିସପାଲଟି, ଲକ୍ଷ୍ମୀକାନ୍ତ ମଲ୍ଲିକଙ୍କୁ ତରଭା ଏନଏସି, ଜୟସେନ୍ ଧରୁଆଙ୍କୁ ଧର୍ମଗଡ଼ ଏନଏସି, ଜଗନ୍ନାଥ ବେହେରାଙ୍କୁ ଉଦଳା ଏନଏସି, ଦୁଃଶାସନ ସ୍ୱାଇଁଙ୍କୁ ଓଡ଼ଗାଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଶ୍ୱେତପଦ୍ମା ଧଳଙ୍କୁ କୋଣାର୍କ ଏନଏସି, ଶୋଭନ କୁମାର ବେହେରାଙ୍କୁ ରେଢ଼ାଖୋଲ ଏନଏସି, ମଧୁସ୍ମିତା ସିଂହଙ୍କୁ ଯୋଡ଼ା ମ୍ୟୁନିସପାଲଟି, ମନୋରଞ୍ଜନ ପଣ୍ଡାଙ୍କୁ ସୋନପୁର ମ୍ୟୁନିସପାଲଟି, ଚିନ୍ମୟ ଆଚାର୍ଯ୍ୟଙ୍କୁ ତୁଷୁରା ଏନଏସି, ନିରଞ୍ଜନ କୁମାର ଧଳଙ୍କୁ ଭବାନୀପାଟଣା ମ୍ୟୁନିସପାଲଟି ଓ ଗିରିଜା ଶଙ୍କର ମଲ୍ଲିକଙ୍କୁ କଣ୍ଟାବାଞ୍ଜି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ଶରତ ଚନ୍ଦ୍ର ସାହୁଙ୍କ ବଦଳିକୁ ବାତିଲ କରାଯାଇ ତାଙ୍କୁ କଳାହାଣ୍ଡି ଆସିଷ୍ଟାଣ୍ଟ କଲେକ୍ଟର ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି।

# ଖୋଲିବ ୫୪ଟି କ୍ୟାମ୍ପ ଅଫିସ୍, ସହଜ ହେବ ଆରଟିଓ କାମ

**ଭୁବନେଶ୍ୱର :** ଡ୍ରାଇଭିଂ ଲାଇସେନ୍ସଠୁ ଆରମ୍ଭ କରି ଗାଡ଼ି କାଗଜପତ୍ର ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟ ଏଣିକି ସହଜରେ କ୍ୟାମ୍ପ ଅଫିସରେ ଉପଲବ୍ଧ ହେବ। ବିଭିନ୍ନ ଜିଲ୍ଲା ମୁଖ୍ୟାଳୟରେ ଆରଟିଓ (ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ) ଥିଲେ ମଧ୍ୟ ସାଧାରଣ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଉ ୫୪ଟି ସ୍ଥାନରେ କ୍ୟାମ୍ପ ଅଫିସ (ଆରଟିଓ) ଖୋଲିବାକୁ ଅନୁମତି ଦେଇଛନ୍ତି। ଏହି କ୍ୟାମ୍ପ ଅଫିସଗୁଡ଼ିକ ସମ୍ପୃକ୍ତ ଜିଲ୍ଲାରେ ଥିବା ଆରଟିଓ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରିବ। ସମ୍ପୃକ୍ତ ଆରଟିଓମାନେ ନିଜ ନିଜ ଅଂଚଳରେ ପ୍ରସ୍ତାବିତ କ୍ୟାମ୍ପ ଅଫିସରେ ବିଭିନ୍ନ ପରିବହନ ସେବା ଯୋଗାଇ ଦେବାକୁ ଉପସ୍ଥିତ ରହିବେ। ରାଜ୍ୟ ସଡ଼କ ଓ ପରିବହନ ବିଭାଗ ପକ୍ଷରୁ ରାଜ୍ୟ ପରିବହନ କମିଶନରଙ୍କୁ ଏହି ନୂଆ ୫୪ଟି କ୍ୟାମ୍ପ ଅଫିସ ଖୋଲିବାକୁ ସରକାର ଅନୁମତି ଦେଇଥିବା ନେଇ ଅବଗତ କରାଯାଇଛି। ରାଜ୍ୟ ପରିବହନ କମିଶନର ଗତ ଅଗଷ୍ଟ ୨୩ତାରିଖରେ ଏନେଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ଯାହାକୁ ଆଧାର କରି ରାଜ୍ୟ ସରକାର ଏହି ଅନୁମତି ଦେଇଛନ୍ତି। ଏସବୁ କ୍ୟାମ୍ପ ଅଫିସ୍ ସେହି ଜିଲ୍ଲାରେ ଥିବା ଆରଟିଓ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରିବ ଓ ଆରଟିଓ ଅଫିସରେ ଭିଡ଼ ହ୍ରାସ କରାଇବ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ଗଞ୍ଜାମ ଜିଲ୍ଲାରେ ଦୁଇଟି ଆରଟିଓ ଗଞ୍ଜାମ ଓ ଭଞ୍ଜନଗରରେ ଥିବାବେଳେ କ୍ୟାମ୍ପ ଅଫିସ ଯଥାକ୍ରମେ ବ୍ରହ୍ମପୁର ଓ ଆସିକାରେ ଖୋଲିବ। ସେହିପରି କଳାହାଣ୍ଡିରେ ଆରଟିଓ ଅଫିସ୍ ଥିବାବେଳେ କ୍ୟାମ୍ପ ଅଫିସ ଧର୍ମଗଡ଼, ମୟୂରଭଞ୍ଜର ରାଇରଙ୍ଗପୁରରେ ଆରଟିଓ ଅଫିସ ଅଧୀନରେ କରଞ୍ଜିଆ, ବାରିପଦା ଆରଟିଓ ଅଧୀନରେ ବେତନଟୀରେ କ୍ୟାମ୍ପ ଅଫିସ୍ ଖୋଲିବ। ସେହିପରି ବଲାଙ୍ଗିର ଆରଟିଓ ଅଧୀନରେ କଂଟାବାଞ୍ଜି ଓ ଟିଟିଲାଗଡ଼, ସମ୍ବଲପୁର ଆରଟିଓ ଅଧୀନରେ ରେଢ଼ାଖୋଲ ଓ କୁଚିଣ୍ଡା, ଜଗତସିଂହପୁର ଆରଟିଓ ଅଧୀନରେ ପାରାଦୀପ, କଟକ ଆରଟିଓ ଅଧୀନରେ ଆଠଗଡ଼ ଓ ନିଆଳି, କେନ୍ଦ୍ରାପଡ଼ା ଆରଟିଓ ଅଧୀନରେ ପଟ୍ଟାମୁଣ୍ଡାଇ, ଭଦ୍ରକ ଆରଟିଓ ଅଧୀନରେ ଚାନ୍ଦବାଲି ଓ ଧାମରା, ଯାଜପୁରର ଚଣ୍ଡିଖୋଲ ଆରଟିଓ ଅଧୀନରେ କଳିଙ୍ଗନଗର ଓ କାଳିଆପାଣ, ବାଲେଶ୍ୱର ଆରଟିଓ ଅଧୀନରେ ଜଳେଶ୍ୱର ଓ ନୀଳଗିରି, କେନ୍ଦୁଝରର ଆରଟିଓ ଅଧୀନରେ ଆନନ୍ଦପୁର ଓ ଚମ୍ପୁଆ, ସୁନ୍ଦରଗଡ଼ ଆରଟିଓ ଅଧୀନରେ ହେମଗିରି, ରାଉରକେଲା ଆରଟିଓ ଅଧୀନରେ ବଣାଇ, ରାଜଗାଙ୍ଗପୁର ଓ କୋଇଡ଼ା, ଅନୁଗୁଳ ଆରଟିଓ ଅଧୀନରେ ଆଠମଲ୍ଲିକ, ତାଳଚେର ଆରଟିଓ ଅଧୀନରେ ପାଲଲହଡ଼ା ଓ ଏନଟିପିସି କଣିହା, ଢେଙ୍କାନାଳ ଆରଟିଓ ଅଧୀନରେ କାମାକ୍ଷାନଗର, ଖୋର୍ଦ୍ଧା ଜିଲ୍ଲାର ଭୁବନେଶ୍ୱର-୧ ଆରଟିଓ ଅଧୀନରେ ବାଲୁଗାଁ ଓ ବୋଲଗଡ଼, ନୟାଗଡ଼ ଆରଟିଓ ଅଧୀନରେ ଦଶପଲ୍ଲା ଓ ଓଡ଼ଗାଁ, ପୁରୀ ଆରଟିଓ ଅଧୀନରେ ନିମାପଡ଼ା ଓ କୋଣାର୍କ, ରାୟଗଡ଼ା ଆରଟିଓ ଅଧୀନରେ ଗୁଣୁପୁର, କାଶୀପୁର ଓ ମୁନିଗୁଡ଼ା, କୋରାପୁଟ ଆରଟିଓ ଅଧୀନରେ ଜୟପୁର ଓ ସେମିଳିଗୁଡ଼ା, ଗଜପତି ଆରଟିଓ ଅଧୀନରେ ମୋହନା, ମାଲକାନଗିରି ଆରଟିଓ ଅଧୀନରେ ମୋଟୁ ଓ ଚିତ୍ରକୋଣ୍ଡା, ବରଗଡ଼ ଆରଟିଓରେ ପଦ୍ମପୁର, ଫୁଲବାଣୀ ଆରଟିଓ ଅଧୀନରେ ବାଲିଗୁଡ଼ା ଓ ଜି ଉଦୟଗିରି, ନବରଙ୍ଗପୁର ଆରଟିଓ ଅଧୀନରେ ଉମରକୋଟ ଓ ଡାବୁଗାଁ, ବୌଦ୍ଧ ଆରଟିଓ ଅଧୀନରେ କଣ୍ଟାମାଳ ଓ ଚାରିଛକ, ସୋନପୁର ଆରଟିଓ ଅଧୀନରେ ଡୁଙ୍ଗୁରିପାଲି, ଝାରସୁଗୁଡ଼ା ଆରଟିଓ ଅଧୀନରେ ଲଖନପୁର ଓ ବ୍ରଜରାଜନଗର ଏବଂ ଦେବଗଡ଼ ଆରଟିଓ ଅଧୀନରେ ରିଆମାଳଠାରେ କ୍ୟାମ୍ପ ଅଫିସ୍ ସ୍ଥାପନ ହେବ। କେବଳ ନୂଆପଡ଼ା ଜିଲ୍ଲା(ଆରଟିଓ)କୁ ବାଦ୍ ଦେଲେ ଅନ୍ୟ ସବୁ ଜିଲ୍ଲାରେ ଏହି ନୂଆ କ୍ୟାମ୍ପ ଅଫିସ୍ ଖୋଲିବ ବୋଲି ପରିବହନ ବିଭାଗ ପକ୍ଷରୁ ଜଣାପଡ଼ିଛି।

### କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ପ୍ରସ୍ତାବ

# ବଜ୍ରପାତକୁ ପ୍ରାକୃତିକ ବିପର୍ଯ୍ୟୟ ତାଲିକାରେ ସାମିଲ କରାଯାଉ



**ଭୁବନେଶ୍ୱର :** ରାଜ୍ୟରେ ବର୍ଷା ଅପେକ୍ଷା ବଜ୍ରପାତ ବହୁତ ହେଉଛି। ଗତ ୨ ତାରିଖରେ ରାଜ୍ୟରେ ବର୍ଷା ସହ ପ୍ରାୟ ୬୦,୦୦୦ ବଜ୍ରପାତ ହୋଇଥିଲା। ଯାହାଫଳରେ ରାଜ୍ୟରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୪ ଜଣ ଆହତ ହୋଇଥିଲେ। ଏହାବ୍ୟତୀତ ଅତ୍ୟଧିକ ବଜ୍ରପାତରେ ଗୋରୁ ଓ ଛେଳି ସମେତ ଅନେକ ପଶୁଙ୍କ ମୃତ୍ୟୁ ଘଟିଥିବାର ରିଲିଫ କମିଶନର ସୂଚନା ଦେଇଥିଲେ। ଅଧିକ ମାତ୍ରାରେ ବଜ୍ରପାତ ହେବାରୁ ଅନେକ ଧନ ଜୀବନ ହାନି ହେଉଛି। ସେହିଭଳି ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଭଳି ଏଥିରେ କୌଣସି ପ୍ରକାର ସହାୟତା ମିଳେ ନାହିଁ। ତେଣୁ ବାତ୍ୟା, ବନ୍ୟା, ଭୂମିକମ୍ପ ଭଳି ବଜ୍ରପାତକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି ରାଜ୍ୟ ସରକାର। ଏହା ସହ ବଜ୍ରପାତରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଏ ସମ୍ପର୍କରେ ଅଧିକ ସୂଚନା ଦେଇ କହିଛନ୍ତି ଯେ, ଏ ପ୍ରସ୍ତାବ ସଂକ୍ରାନ୍ତରେ କେନ୍ଦ୍ରମନ୍ତ୍ରୀଙ୍କ ସହ ବିସ୍ତୃତ ଆଲୋଚନା ହୋଇଛି। ବଜ୍ରପାତକୁ ପ୍ରାକୃତିକ ବିପର୍ଯ୍ୟୟ ତାଲିକାରେ ସାମିଲ କରି ବଜ୍ରପାତରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ମଧ୍ୟ କେନ୍ଦ୍ର ସରକାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରନ୍ତୁ ବୋଲି ନିବେଦନ କରିଛନ୍ତି। ସୂଚନାଥାଉ କି, ୨୦୨୧-୨୨ ବର୍ଷରେ ବଜ୍ରପାତରେ ୨୮୧ ଲୋକଙ୍କ ଜୀବନ ଯାଇଛି। ଯେଉଁଥିରୁ ଅଧିକାଂଶ ହେଉଛନ୍ତି ଗ୍ରାମାଞ୍ଚଳର ଲୋକ। ତେବେ ଏଠି ପ୍ରଶ୍ନ ଉଠୁଛି, ବଜ୍ରପାତରେ କାହିଁକି ଚାଲିଯାଉଛି ଏତେ ଜୀବନ? କେମିତି ଏହାକୁ ରୋକାଯାଇପାରିବ? ପାଣିପାଗ ବିଶେଷଜ୍ଞଙ୍କ ମତରେ ବଜ୍ରପାତଜନିତ ମୃତ୍ୟୁ ଲାଗି ତାଳଗଛ ହ୍ରାସ ଏକ ବଡ଼ କାରଣ। ପୂର୍ବରୁ ଗ୍ରାମାଞ୍ଚଳରେ ପ୍ରତି ବିଲ ହୁଡ଼ାରେ ତାଳଗଛ ଥିଲା। ସେହି ତାଳଗଛ ବଜ୍ର ସୁରକ୍ଷା ଯନ୍ତ୍ର ଭଳି କାମ କରୁଥିଲା। ବଜ୍ରପାତ ହେଲେ, ସୁଉଚ୍ଚ ହୋଇଥିବାରୁ ବିଜୁଳି ତାଳ ଗଛ ଉପରେ ପଡୁଥିଲା। ତାହାର ପ୍ରଭାବରେ ତାଳ ଗଛ ନଷ୍ଟ ହୋଇଯାଉଥିଲା। କିନ୍ତୁ ବିଲ ବାଡ଼ିରେ କାମ କରୁଥିବା ଲୋକେ ବର୍ତ୍ତି ଯାଉଥିଲେ। ସମୟକ୍ରମେ ତାଳଗଛ ସଂଖ୍ୟା କମିବାରେ ଲାଗିଛି। ଫଳରେ ବର୍ଷା ଓ ବିଜୁଳି ଘଡ଼ଘଡ଼ି ମାରିବା ସମୟରେ ଲୋକମାନେ ବିଲ ଆଖପାଖରେ ଥିବା ଝଙ୍କାଳିଆ ଗଛ ତଳେ ଆଶ୍ରୟ ନେଉଛନ୍ତି ଓ ବଜ୍ରପାତର ଶିକାର ହେଉଛନ୍ତି। ତେବେ ଗ୍ରାମାଞ୍ଚଳ ଲୋକଙ୍କ କହିବା କଥା, ଏବେ ଗାଁରେ ଛପର ଘର କମିଥିବାରୁ ଆବଶ୍ୟକ ପଡୁନି ତାଳଗଛ। ତେଣୁ ତାଳଗଛ ଲଗାଇବାକୁ ମନ ବଳାଉନାହାନ୍ତି ଲୋକେ।

# ରାଜ୍ୟରେ ନିର୍ମାଣ ହେବ ୨୦ ସୁପର ସ୍ପେଶିଆଲିଟି ହସ୍ପିଟାଲ



**ଭୁବନେଶ୍ୱର :** ରାଜ୍ୟରେ ନିର୍ମାଣ ହେବ ୨୦ଟି ସୁପର ସ୍ପେଶିଆଲିଟି ହସ୍ପିଟାଲ୍। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟରେ ସୁଦୃଢ ହୋଇଛି ସ୍ୱାସ୍ଥ୍ୟସେବା ଭିତ୍ତିଭୂମି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ 'ପ୍ରତିଟି ଜୀବନ ମୂଲ୍ୟବାନ' ମନ୍ତ୍ରକୁ ସାକାର ହେଉଛି। ୬ବର୍ଷ ମଧ୍ୟରେ ୮ଟି ନୂଆ ମେଡିକାଲ କଲେଜ୍ ହୋଇଛି। ୯୬.୫ ଲକ୍ଷ ପରିବାରକୁ ମାଗଣା ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ୭ଶହ ହସ୍ପିଟାଲରେ ମାଗଣା ଚିକିତ୍ସା ବ୍ୟବସ୍ଥା ରହିଛି। ୯୮ ପ୍ରତିଶତ ହିତାଧିକାରୀଙ୍କ ମତାମତ ସନ୍ତୋଷଜନକ ରହିଛି। ୨୦୦୦ମସିହାରେ ଲୋକଙ୍କ ପାଖରେ ବଥ ଅପରେସନ୍ ପାଇଁ ପଇସା ନଥିଲା, ଏବେ ଆପୋଲୋରେ ମାଗଣାରେ ବାଇପାସ ସର୍ଜରୀ କରାଯାଉଛି। କେବଳ ସ୍ୱାସ୍ଥ୍ୟ ନୁହେଁ ଗତ ୨୩ ବର୍ଷରେ ବିଭିନ୍ନ କ୍ଷେତ୍ରରେ ରାଜ୍ୟରେ ବିକାଶ ହୋଇଛି। ସେହିପରି ୨୦୦୦ ମସିହାରେ ରାଜ୍ୟରେ ୩ଟି ୟୁନିଭରସିଟି ଥିବା ବେଳେ ଏବେ ଏହି ସଂଖ୍ୟା ୩୫ରେ ପହଞ୍ଚିଛି। ସେତେବେଳେ ୯ ଭାଗ ଜଳସେଚିତ ଜମି ଥିବା ବେଳେ ଏବେ ୬୦ ଭାଗ ଜମିକୁ ଜଳସେଚନ କରାଯାଉଛି। ୨୦୦୦ ମସିହାରେ ଶିଳ୍ପ କହିଲେ ନାଲକୋ, ସେଲ୍ ଥିଲା ଏବେ କଳିଙ୍ଗନଗର, ଝାରସୁଗୁଡ଼ା, ଅନୁଗୁଳ, ପାରାଦୀପ, ଖୋର୍ଦ୍ଧା ଇଣ୍ଡଷ୍ଟ୍ରିଆଲ୍ କରିଡର ପାଲଟିଛି। ସେହିପରି ଏବେ ବିପର୍ଯ୍ୟୟ ପ୍ରଶମନରେ ଭାରତ ଏକ ନମ୍ବର ହୋଇଛି। ୨୦୦୦ ମସିହାରେ ରାଜ୍ୟ ଧାନ ମାଗୁଥିବା ବେଳେ ଏବେ ଭାରତରେ ତୃତୀୟ ଧାନ ଉତ୍ପାଦନକାରୀ ରାଜ୍ୟ ପାଲଟିଛି। ସେତେବେଳେ ଦୁଇଟି ଜଳଜ ବିଦ୍ୟୁତ କେନ୍ଦ୍ର ଥିବା ବେଳେ ଏବେ ୪୦ଟି ତାପଜ ବିଦ୍ୟୁତ କାରଖାନା ହୋଇଛି। ୨୦୦୦ ମସିହାରେ ୩ ହଜାର କୋଟିର ବଜେଟ୍ ଥିବା ବେଳେ ଏବେ ଅଢ଼େଇ ଲକ୍ଷ କୋଟିର ବଜେଟ୍ ହୋଇଛି । ସେହିପରି ୭୨୦ କିଲୋମିଟରର ରାଜ୍ୟ ରାଜପଥ ଏବେ ୨୩ହଜାର ୨ କିଲୋମିଟରରେ ପହଞ୍ଚିଛି।

### ଭୁବନେଶ୍ୱର-ଅମର୍ଦ୍ଦାରୋଡ୍ ମଧ୍ୟରେ ଉଡ଼ିବ ଏୟାର ଟ୍ୟାକ୍ସି

# ଜମି ପାଇଁ ରାଜ୍ୟ ସରକାର ଦେଇଛନ୍ତି ୨୬.୩ କୋଟି



**ଭୁବନେଶ୍ୱର :** ଅମର୍ଦ୍ଦାରୋଡସ୍ଥିତ ରାସଗୋବିନ୍ଦପୁର ବିମାନବନ୍ଦରର ବିକାଶ କାର୍ଯ୍ୟ ଆରମ୍ଭ ହେବ। ଏହି ବିମାନବନ୍ଦରର ଜମି ଅଧିଗ୍ରହଣ ପାଇଁ ରାଜ୍ୟ ସରକାର ୨୬ କୋଟି ୩ ଲକ୍ଷ ୧୦ ହଜାର ଟଙ୍କା ପ୍ରତିରକ୍ଷା ମନ୍ତ୍ରାଳୟ ଅଧୀନ ଡିଆରଡିଓ ଚାନ୍ଦିପୁରକୁ ପ୍ରଦାନ କରିବା ପରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ପକ୍ଷରୁ ୪୫ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଉଡାନ୍ ୪.୨ ଅଧିନରେ ଆରସିଏସ୍ ଯୋଜନାକ୍ରମେ ଏହି ବିମାନବନ୍ଦରରୁ ଭୁବନେଶ୍ୱର-ଅମର୍ଦ୍ଦାରୋଡ ମଧ୍ୟରେ ବିମାନ ଚଳାଚଳ ଆରମ୍ଭ ପାଇଁ ଏୟାର ଟ୍ୟାକ୍ସି କମ୍ପାନୀକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଜମି ଅଧିଗ୍ରହଣ ଅର୍ଥ ଜମା କରି ସାରିଥିବାରୁ ପ୍ରତିରକ୍ଷା ମନ୍ତ୍ରାଳୟ ଏହି ଜମିର ମାଲିକାନା ହସ୍ତାନ୍ତର ପ୍ରକ୍ରିୟା ଶୀଘ୍ର ଶେଷ ହେବ ବୋଲି ଆଶା କରାଯାଉଛି। ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଏହି ଜମିର ମାଲିକାନା ହସ୍ତାନ୍ତର କରାଯିବା ପରେ ରାଜ୍ୟ ସରକାର ଏଠାରେ ଉନ୍ନୟନ କାର୍ଯ୍ୟ ହାତକୁ ନେବେ। ଏହା ପରେ ଏୟାର ଟ୍ୟାକ୍ସି ପକ୍ଷରୁ ବିଧିବଦ୍ଧ ବିମାନ ସେବା ଆରମ୍ଭ କରାଯିବ ବୋଲି ଜଣାପଡ଼ିଛି।ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ୟବହାର ପାଇଁ ନିର୍ମାଣ କରାଯାଇ ଥିବା ରାସଗୋବିନ୍ଦପୁର ବିମାନବନ୍ଦର ଏବେ ପ୍ରତିରକ୍ଷା ମନ୍ତ୍ରାଳୟ ଅଧୀନରେ ରହିଛି। ଆରସିଏସ୍/ଉଡ଼ାନ୍ ଯୋଜନାରେ ଏଠାରୁ ବିମାନ ଚଳାଚଳ ଆରମ୍ଭ ପାଇଁ ରାଜ୍ୟ ସରକାର ଏବଂ ବିଭିନ୍ନ ନାଗରିକ ସଂଗଠନ ଦାବି କରିବା ପରେ କେନ୍ଦ୍ର ସରକାର ଏହାକୁ ଯୋଜନାରେ ସାମିଲ କରିଥିଲେ। ଗତ ବର୍ଷ ଫେବୃଆରୀ ମାସରେ ତତ୍କାଳୀନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରାଳୟର ସଚିବଙ୍କୁ ପତ୍ର ଲେଖି ଏଠାରୁ ବିମାନ ଚଳାଚଳ ଆରମ୍ଭ ନିମନ୍ତେ ଅନୁରୋଧ କରିଥିଲେ। ବିମାନବନ୍ଦରର ୧୬୦.୩୫ ଏକର ଜମି ହସ୍ତାନ୍ତର ପାଇଁ ରାଜ୍ୟ ସରକାର ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ମୁଖ୍ୟ ସଚିବ ପ୍ରତିଶ୍ରୁତି ଦେଇଥିଲେ।ଏହି କ୍ରମରେ ଡିଆରଡିଓ, ଚାନ୍ଦିପୁର ନିର୍ଦ୍ଦେଶକଙ୍କୁ ୨୬ କୋଟି ୩ ଲକ୍ଷ ୧୦ ହଜାର ୪୩୮ ଟଙ୍କା ପ୍ରଦାନ କରାଯିବା ନେଇ ପରିବହନ ବିଭାଗ ଗତ ମାସ ୨୫ ତାରିଖରେ ସୂଚନା ଦେଇଥିଲା। ଏବେ କେନ୍ଦ୍ର ସକରାର ୪୫ କୋଟି ଟଙ୍କା ମଞ୍ଜୁର କରିଥିବାରୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି। ଏହି ବିମାନବନ୍ଦରର ମାଲିକାନା ରାଜ୍ୟ ସରକାରଙ୍କ ଅଧିନକୁ ଆସିବା ପରେ ସେଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ଏହି ବିମାନବନ୍ଦରର ବିକାଶ କାର୍ଯ୍ୟ ନିଜ ହାତକୁ ନେଇଥିବାରୁ ଏହାର ଜମି ରାଜ୍ୟ ସରକାରଙ୍କ ହାତକୁ ଆସିବା ଜରୁରୀ ଥିଲା। ଏହି ବିମାନବନ୍ଦରରେ ପାଚେରୀ, ସଡ଼କ, ଏଟିସି ଟାୱାର, ହ୍ୟାଙ୍ଗର, ଦମକଳ କେନ୍ଦ୍ର ଆଦି ନିର୍ମାଣ କରାଯିବ। ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।

## ବରିଷ୍ଠ ନାଗରିକଙ୍କ ପାଇଁ 'ଅବଦାନ'



**ଭୁବନେଶ୍ୱର :** ପରିବାର ଠାରୁ ଅଲଗା ରହୁଥିବା ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା ଦିଗରେ ରାଜ୍ୟ ସରକାର ବଢ଼ାଇଛନ୍ତି ସହାୟତାର ହାତ। ବରିଷ୍ଠ ନାଗରିକଙ୍କ କଲ୍ୟାଣ ଲକ୍ଷ୍ୟରେ ଗଠନ ହୋଇଥିବା ବରିଷ୍ଠ ନାଗରିକ ସଂଘ ଏବଂ ଏହି ବର୍ଗର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ 'ଅବଦାନ' ଯୋଜନା ଅଧୀନରେ ସରକାର ଆର୍ଥିକ ସହାୟତା ପ୍ରଦାନ କରିବେ। ଏହି ଅର୍ଥରେ ସେମାନେ ନିଜ ସଦସ୍ୟମାନଙ୍କ ସମସ୍ୟା ସମାଧାନ ଦିଗରେ ମିଳିତ ପ୍ରୟାସ କରିବେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ (ଏସ୍ଏସ୍ଇପିଡି) ବିଭାଗ ପକ୍ଷରୁ ସମ୍ପୃକ୍ତ ସଂଘକୁ ଏକକାଳୀନ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏଥିନିମନ୍ତେ ପ୍ରତ୍ୟେକ ଜିଲ୍ଲାରେ ଥିବା ପଞ୍ଜିକୃତ ବୃଦ୍ଧ ସଂଘ, ବରିଷ୍ଠ ନାଗରିକ ସଂଘ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବିବରଣୀ ପ୍ରଦାନ କରିବା ଲାଗି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ପ୍ରତି ରାଜ୍ୟରେ ନଗର ଉନ୍ନୟନ ବିଭାଗ ସହାୟତାରେ ପ୍ରତ୍ୟେକ ଜିଲ୍ଲାରେ ବରିଷ୍ଠ ନାଗରିକଙ୍କ ପାଇଁ ଆଶ୍ରୟସ୍ଥଳ ବ୍ୟବସ୍ଥା କରାଯାଇଛି। ସେଠାରେ ବରିଷ୍ଠ ନାଗରିକଙ୍କ ସହ ଅନ୍ୟ ବର୍ଗର ଅସହାୟ ଲୋକ ମଧ୍ୟ ରହୁଛନ୍ତି। ଏହାର ପରିଚାଳନା ବାବଦ ଅର୍ଥ ସରକାର ବହନ କରୁଛନ୍ତି। ତଥାପି ଆଶ୍ରୟ ଅବା ସହାୟତା ଆବଶ୍ୟକ କରୁଥିବା ବହୁ ବରିଷ୍ଠ ନାଗରିକ ଏଠାରେ ପହଞ୍ଚି ପାରୁନାହାନ୍ତି। ବୃଦ୍ଧାଶ୍ରମରୁ ଦୂରରେ ଥାଇ ସୁଦ୍ଧା ସେମାନଙ୍କର ସହାୟତା ଆବଶ୍ୟକ ହେଉଛି। ବିଭିନ୍ନ କ୍ଷେତ୍ରରେ ବରିଷ୍ଠ ନାଗରିକମାନେ ବହୁ ସମସ୍ୟାର ସମ୍ମୁଖୀନ ହେବା ସହ ଏକାକୀ ଏହାର ସମାଧାନ କରିପାରୁ ନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ବରିଷ୍ଠ ନାଗରିକ ସଂଘ ଓ ଏହି ବର୍ଗର ଏସ୍ଏଚ୍ଜି ମାଧ୍ୟରେ ସେମାନଙ୍କୁ ଗୋଟିଏ ମଞ୍ଚରେ ଏକତ୍ର କରାଇ ସରକାର ସେମାନଙ୍କର ସମସ୍ୟା ସମାଧାନର ପ୍ରୟାସ କରିଛନ୍ତି। 'ଅବଦାନ' ଯୋଜନାରେ ପ୍ରଦତ୍ତ ଏହି ଅର୍ଥ ରାଶି ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନକୁ ସୁଗମ କରିବା ସହ ବିଭିନ୍ନ ଦିଗ ପ୍ରତି ଥିବା ସେମାନଙ୍କ ରୁଚି ଓ ଦକ୍ଷତା ଆକଳନ କରାଯାଇପାରିବ। ଏହାକୁ ପାଥେୟ କରି ବିଭିନ୍ନ ସମାଜକଲ୍ୟାଣମୂଳକ କାର୍ଯ୍ୟକ୍ରମରେ ସେମାନଙ୍କୁ ସାମିଲ କରାଯାଇପାରି।

# ଗରିବ ମେଧାବୀଙ୍କ ସ୍ୱପ୍ନ ପୂରଣ ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଉପଯୁକ୍ତ ପ୍ରତିଷ୍ଠାନ: ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ଇଂରାଜୀ ମାଧ୍ୟମ ସ୍କୁଲ୍ ପାଠ୍ୟକ୍ରମ ଢାଞ୍ଚାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ମାଇଲଖୁଣ୍ଟ ସାଜିଛି ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ଛାତ୍ରଛାତ୍ରୀ ପ୍ରତ୍ୟେକଟି କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରତିପାଦନ କରିଛନ୍ତି। ତେବେ ପିଲାଙ୍କ ଦକ୍ଷତାକୁ ଉପଲବ୍ଧି କରି ଉପଯୁକ୍ତ ଶିକ୍ଷା ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନବନିଯୁକ୍ତ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ଆଦର୍ଶ ବିଦ୍ୟାଳୟ ଓ ମାଇନିଂ ଆଦର୍ଶ ବିଦ୍ୟାଳୟରେ ନବନିଯୁକ୍ତ ୫୭୨ ଶିକ୍ଷକଙ୍କ ଦିଗ୍ଦର୍ଶନ କାର୍ଯ୍ୟକ୍ରମରେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ପିଲା ଅନନ୍ୟ ପ୍ରତିଭାର ଅଧିକାରୀ। ସେମାନଙ୍କ ଦକ୍ଷତା ଓ ପାରଦର୍ଶିତାକୁ ଉପଲବ୍ଧି କରି ଉପଯୁକ୍ତ ଶିକ୍ଷା ପ୍ରଦାନ କରିବା ଶିକ୍ଷକମାନଙ୍କ ଗୁରୁ ଦାୟିତ୍ୱ। ନବନିଯୁକ୍ତ ଅଧକ୍ଷମାନେ ସେମାନଙ୍କ ଶିକ୍ଷାନୁଷ୍ଠାନକୁ ଶ୍ରେଷ୍ଠ ଭାବେ ଗଢ଼ି ତୋଳିବାକୁ ପରାମର୍ଶ ଦେବା ସହ ପିଲାମାନଙ୍କୁ ବଡ଼ ସ୍ୱପ୍ନ ଦେଖିବାପାଇଁ ପ୍ରେରଣା ଦେବା ଓ ସେମାନଙ୍କ ସ୍ୱପ୍ନ ପୂରଣରେ ମାର୍ଗଦର୍ଶକ ସାଜିବା ହେଉଛି ଶିକ୍ଷକଙ୍କ ଜୀବନର ସବୁଠୁ ବଡ଼ ଉପଲବ୍ଧି ବୋଲି ସେ କହିଛନ୍ତି। '୫-ଟି' ରୂପାନ୍ତରଣ ପ୍ରକ୍ରିୟାରେ ରାଜ୍ୟରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଉତ୍କୃଷ୍ଟ ଶୈକ୍ଷିକ ଭିତ୍ତିଭୂମି ସୃଷ୍ଟି କରାଯାଇଛି। ଶିକ୍ଷକମାନେ ପ୍ରତ୍ୟେକଟି ରୂପାନ୍ତରିତ ଭିତ୍ତିଭୂମିକୁ ପିଲାମାନଙ୍କ ବୌଦ୍ଧିକ ବିକାଶ ଦିଗରେ ବିନିଯୋଗ କରିବା ଆବଶ୍ୟକ। ଏଥିସହ '୫-ଟି'ର ପ୍ରତିଟି ଅଧାରକୁ ଜୀବନରେ ଅନୁସରଣ କରି ପ୍ରତ୍ୟେକ ଛାତ୍ର ନିଜକୁ ଯେପରି ଜଣେ ଜଣେ ଆଦର୍ଶ ଛାତ୍ର ଭାବେ ଗଢ଼ିତୋଳିବେ, ସେ ଦିଗରେ ଯତ୍ନଶୀଳ ହେବାକୁ ମୁଖ୍ୟମନ୍ତ୍ରୀ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। ଗ୍ରାମାଞ୍ଚଳର ପିଲାଙ୍କୁ ମାଗଣା ଇଂରାଜୀ ମାଧ୍ୟମ ଶିକ୍ଷା ପ୍ରଦାନ ସହ ମେଧାବୀଙ୍କ ସ୍ୱପ୍ନ ପୂରଣ ଉଦ୍ଦେଶ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ(ଓଏଭିଏସ୍) ପ୍ରତିଷ୍ଠା କରାଯାଇଥିବା ଦର୍ଶାଇ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଜେଇଇ ଓ ନିଟ୍ ପରୀକ୍ଷାରେ ଓଏଭି ପିଲାମାନଙ୍କ ଅଭୂତପୂର୍ବ ସଫଳତାରେ ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲ୍ଲାରେ ୯ଟି ଓଏଭି ଛାତ୍ରାବାସ ଓ ଏକାଡେମିକ୍ ବିଲ୍ଡିଂକୁ ଲୋକାର୍ପଣ କରିବା ସହ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୱେବ୍ ପୋର୍ଟାଲର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଓଏଭିଏସ୍ର ଉପଦେଷ୍ଟା ଉପେନ୍ଦ୍ର ତ୍ରିପାଠୀ ଗୁଣାତ୍ମକ ଶିକ୍ଷାଦାନ ସମ୍ପର୍କରେ ନବନିଯୁକ୍ତ ଶିକ୍ଷକମାନଙ୍କ ମାର୍ଗଦର୍ଶନ କରିଥିଲେ। ନବନିଯୁକ୍ତ ଶିକ୍ଷକମାନଙ୍କୁ ସମ୍ବୋଧିତ କରି '୫-ଟି' ସଚିବ ଭି କେ ପାଣ୍ଡିଆନ କହିଥିଲେ, ନୂତନ ତଥା ସଶକ୍ତ ଓଡ଼ିଶା ଗଠନ ପାଇଁ ମୁଖ୍ୟମନ୍ତ୍ରୀ ଯୁବ ଓ ଦକ୍ଷ ଶିକ୍ଷକଙ୍କ ନିକଟରୁ ଅନେକ ଆଶା ରଖିଛନ୍ତି। ତେଣୁ କେଭି, ଜେଏନଭି ଭଳି ଆଦର୍ଶ ବିଦ୍ୟାଳୟଗୁଡ଼ିକୁ ମଡେଲ୍ ଶିକ୍ଷାନୁଷ୍ଠାନ ଭାବେ ଗଢ଼ିବା ଦିଗରେ କାର୍ଯ୍ୟ କରିବାକୁ ହେବ। ଶିକ୍ଷକମାନଙ୍କ ନିଯୁକ୍ତି ପ୍ରକ୍ରିୟାରେ ଯେଉଁଭଳି ଭାବେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି, ସେହିଭଳି ଭାବେ ଚାକିରିରେ ମଧ୍ୟ ନିଷ୍ଠା ଓ ସାଧୁତାର ସହ ଦାୟିତ୍ୱ ତୁଲାଇବାକୁ ଶ୍ରୀ ପାଣ୍ଡିଆନ ନବନିଯୁକ୍ତ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଗଣଶିକ୍ଷା ସଚିବ ଅଶ୍ୱତ୍ଥୀ ଏସ୍ ସ୍ୱାଗତ ଅଭିଭାଷଣ ରଖିଥିବାବେଳେ ଓଏଭିଏସର ପ୍ରକଳ୍ପ ନିର୍ଦ୍ଦେଶିକା ଯାମିନୀ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୧ - ୧୭ ସେପ୍ଟେମ୍ବର, ୨୦୨୩

# ସତ୍ୟ ସାମ୍ନାକୁ ଆସେ, ଦୋଷୀ ଦଣ୍ଡ ପାଏ

ଜୀବନରେ ବେଳେ ବେଳେ ଖେଳ ବିଗିଡେ, ସବୁ ଖେଳରେ ପୁରା ମାର୍କ ମିଳିନଥାଏ। ବିଶେଷକରି ରାଜନୀତି ଅଙ୍କ ଭାରି ଜଟିଳ। ଗୋଟେ ନିଭୃତ ଆଲୋଚନା ଏଭଳି ସନ୍ଦେହ ସୃଷ୍ଟି କରିଥାଏ ଯେ, ଏହାର ରହସ୍ୟ ଜାଣିବା ପାଇଁ କେତେ କେତେ ନୂଆ ସନ୍ଦେହ ତିଆରି ହୁଏ। ସାମ୍ପ୍ରତିକ ସମୟରେ ଦିନକୁଦିନ ଜଟିଳତା ବଢିଚାଲିଥିଲା ବେଳେ ଦେଶର ନାଁ ଇଣ୍ଡିଆ ପରିବର୍ତ୍ତେ ଭାରତ ଲେଖାଯିବାକୁ ନେଇ ପ୍ରବଳ ମତଭେଦ ଦେଖିବାକୁ ମିଳୁଛି। ସୋସିଆଲ ମିଡିଆରେ ଅନେକ ଲୋକ ଅନେକ ଲେଖା ପୋଷ୍ଟ କରୁଛନ୍ତି। ହେଲେ ଅସଲ ସତ ହେଉଛି ଏ ଦେଶ ଭାରତ ଥିଲା, ଭାରତ ହୋଇ ରହିବ। ଏହା ନିଃସନ୍ଦେହ ଯେ, ଗୋଲାମୀର ଚିହ୍ନ ନଲିଭିଲେ ଆମ ଭିତରେ ସ୍ୱାଧୀନ ଭାବ ଜାଗ୍ରତ ହୋଇପାରିବ କି! କେବେ ଦେଶ ପରାଧୀନ ଥିଲା ଇଂରେଜ ଶାସନ କରୁଥିଲେ ତାହା ଆଜିର ସମୟରେ ଜରୁରୀ ନୁହେଁ, ଜରୁରୀ ଏଇଆ ଯେ ଦେଶ କେତେ ବିକାଶ କରୁଛି, କରିଛି ଓ ଆଗାମୀ ଦିନରେ କଣ କରିବ। ବିଶ୍ୱର ଅନେକ ଦେଶ ଏବେ ଯୁଦ୍ଧ ଆଶଙ୍କା ଭିତରେ ରହୁଛନ୍ତି, ତାହା ଆମେରିକା, ଋଷ, ଚୀନ, ଭାରତ କି ପାକିସ୍ତାନ ହେଉ ସମସ୍ତେ ଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ବିକଶିତ ରାଷ୍ଟ୍ର ବିକାଶଶୀଳ ରାଷ୍ଟ୍ରକୁ ଯୁଦ୍ଧାସ୍ତ୍ର ବିକ୍ରି କରିବାକୁ ମସୁଧା ଚଳାଇଥିଲା ବେଳେ ଭାରତ ଆତ୍ମନିର୍ଭର ଭାରତ ଦିଗରେ ଦ୍ରୁତ ଗତିରେ ଆଗକୁ ପାଦ ବଢ଼ାଉଛି।

ନୂଆଦିଲ୍ଲୀରେ ଜି ୨୦ ସମ୍ମିଳନୀ ପୂର୍ବରୁ ରାଷ୍ଟ୍ରପତିଙ୍କ ନୈଶ୍ୟଭୋଜି ନିମନ୍ତ୍ରଣପତ୍ରରେ ପ୍ରେସିଡେଣ୍ଟ ଅଫ ଇଣ୍ଡିଆ ବଦଳରେ ପ୍ରେସିଡେଣ୍ଟ ଅଫ ଭାରତ ଲେଖାଯିବାକୁ ନେଇ ନୂଆ ବିବାଦର ସୂତ୍ରପାତ ବିରୋଧୀ ଆରମ୍ଭ କରିଦେଇଛନ୍ତି। ଏଥିରେ ନୂତନତା ଅପେକ୍ଷା ପ୍ରୟୋଗତ୍ମକ ଦିଗଟି ଅଧିକ ଗୁରୁତ୍ୱପୂର୍ଣ୍ଣ, କାରଣ ସମ୍ବିଧାନରେ ଇଣ୍ଡିଆ ଇଜ ଭାରତ ତ ରହିଛି। ତେଣୁ ଦେଶର ନାମକୁ ଇଣ୍ଡିଆ ବଦଳରେ ଭାରତ ଲେଖାଯିବାରେ ବାଧା କାହିଁକି? ଯେଉଁମାନେ ଏହି ବିଷୟରେ ଅଧିକ ଚର୍ଚ୍ଚା କରିବାକୁ ବ୍ୟଗ୍ର ଅଟନ୍ତି ସେମାନେ ଦେଶର ବିକାଶ ଧାରା ଉପରେ ଚର୍ଚ୍ଚା କରିବା ଉଚିତ। କେଉଁ ନୀତି ଶତ୍ରୁ ଦେଶକୁ ଅଧିକ ଡରାଉଛି ସେ ଦିଗ ଉପରେ ଧ୍ୟାନ ଦେବା ଜରୁରୀ। କେବଳ ବିରୋଧ ନାଁରେ ବିରୋଧ କରିବା କଣ ବୁଦ୍ଧିଜୀବୀଙ୍କ ବୁଦ୍ଧି ହୋଇପାରେ? ଯେଉଁ ତ୍ରୁଟି ଯୋଗୁଁ ଦେଶର ପ୍ରଗତି ମନ୍ଥର ରହିଥିଲା ଓ ଆମେ ପଡୋଶୀ ଶତ୍ରୁ ଦେଶ ବିରୋଧରେ ଜବାବ ଦେବାକୁ ଡରୁଥିଲେ ସେଭଳି ସ୍ଥିତି ଆଜି ଅଛି କି ନାହିଁ ତାହା ଉପରେ ଅଲୋଚନା ନକରି ଦଳ ଓ ନେତାଙ୍କୁ ଟାର୍ଗେଟ କରିବା କେତେ ଠିକ। ଗତକାଲିର ଭାରତ ଓ ଆଜିର ଭାରତ ମଧ୍ୟରେ ଯେଉଁ ପାର୍ଥକ୍ୟ ଦେଖିବାକୁ ମିଳୁଛି ତାହା ବିଶ୍ୱ ଅନୁଭବ କରୁଛି। ହେଲେ ଆମେ ଦେଶର ଖାଇ ବିଦେଶର ଗୁଣ ଗାଇବା କାହିଁକି। ଯାହା ଆଲୋଚନା ମାଧ୍ୟମରେ ସମ୍ଭବ ତାହା ନକରି ବିଦେଶ ମାଟିରେ ଦେଶକୁ ଗାଳି ଦେବା କେତେ ଯଥାର୍ଥ ତାହା ମଧ୍ୟ ଆଲୋଚିତ ହେବା ଉଚିତ କି ନାହିଁ ମତ ରଖାଯିବା ଦରକାର। କାହିଁକି ଏଯାଏ ପରିବାରବାଦରୁ ମୁକୁଳି ପାରୁନି କଂଗ୍ରେସ ଏହା ଉପରେ ଚର୍ଚ୍ଚା ଜରୁରୀ ନୁହେଁ କି? କାହିଁକି କଂଗ୍ରେସର ପୁରୁଖା ନେତା ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନହୋଇ ଗୋଟିଏ ପରିବାରରୁ ପ୍ରାର୍ଥୀ ବାଛିବେ। ଏହା କଣ ପ୍ରସଙ୍ଗ ନୁହଁ ଆଲୋଚନା ପାଇଁ। ପାକିସ୍ତାନ ଓ ଚୀନ ଯେଉଁ ହରକତ କରୁଛନ୍ତି ତାହାର ମୁହଁତୋଡ ଜବାବ ଦିଆଯିବା ଉଚିତ କି ନାହିଁ ତାହା ଉପରେ ଜୋରଦାର ଚର୍ଚ୍ଚା ହେଉ, ଦେଶବାସୀ ଜାଣନ୍ତୁ ଦେଶର

**ସମ୍ବାଦିକୀ**
**ତାରକ ମହାନ୍ତି**



ଅଖଣ୍ଡତା ପାଇଁ କିଏ କଣ କରିଛି ବା କରୁଛି। ଆଜି ଦେଶ ବିଭାଜନର ଫଳ ପାକିସ୍ତାନ କିଭଳି ଭୋଗୁଛି ତାହା ସମଗ୍ର ବିଶ୍ୱ ଦେଖୁଛି। ଏହି ପରିପ୍ରେକ୍ଷିରେ ଗୋଟିଏ ଦେଶର ସକଳ ଆହରଣ କରି ଯେଉଁମାନେ ଏହାର ଅଖଣ୍ଡତାକୁ ଭାଗ ଭାଗ କରି ନିଜର ହୀନ ସ୍ୱାର୍ଥ ଲାଭ କରିବାକୁ ଚାହାଁନ୍ତି ସେମାନେ କୌଣସି ପ୍ରକାରେ ଦେଶ ମାତୃକାର ବାଂଛିତ ସନ୍ତାନ ହୋଇପାରିବେନି। ତାଙ୍କ ମନ ଭିତରେ ଦେଶପେକ୍ଷ ନିଜର ରାଜନୈତିକ ସ୍ୱାର୍ଥ ହିଁ ଅସଲ କାରଣ। ସ୍ଥାନ କାଳ ଅନୁସାରେ ବହୁରୂପୀ ଏଣ୍ଡୁଅ ପରି ଏଭଳି ନେତା ଉପରକୁ ଦେଶଭକ୍ତର ପୋଷାକ ପିନ୍ଧୁଥିଲେ ବି ଭିତରେ ଭିତରେ ସୈତାନି ଯୋଜନାକୁ ଚାଲୁ ରଖିଥାଆନ୍ତି। ଖୋଲାଖୋଲି ଯୁଦ୍ଧର ଆହ୍ୱାନ ଦେଉଥିବା ଶତ୍ରୁ ଠାରୁ ଏଭଳି ଲୋକ ଢେର ଭୟଙ୍କର। ଭାରତରେ ଜି ୨୦ ଆୟୋଜନକୁ ନେଇ ଆଶଙ୍କିତ ଚୀନ ଓ ପାକିସ୍ତାନ ଦ୍ୱିଧାରେ ରହିଛନ୍ତି। ଯଦିଓ ପାକିସ୍ତାନ ସାଙ୍ଘାତିକ ଅବସ୍ଥା ଦେଇ ଗତି କରୁଛି ତଥାପି ସେ ତାର ଭାରତ ବିରୋଧୀ ମନୋଭାବରେ ସାମାନ୍ୟ ପରିବର୍ତ୍ତନ ଆଣିନାହିଁ। ଅନ୍ୟପକ୍ଷରେ ଆଫଗାନିସ୍ତାନ ସୀମାରେ ପାକିସ୍ତାନ ଉପରରେ ତେହରିକ ତାଲିବାନ ଗୋଷ୍ଠୀ ପକ୍ଷରୁ ଘନ ଘନ ଆକ୍ରମଣ ପାକ ସେନାକୁ ଚିନ୍ତାରେ ପକାଇଦେଇଛି। ଆତଙ୍କବାଦୀଙ୍କ ଏନ୍ତୁଡ଼ିଶାଳ ପାକିସ୍ତାନ କ୍ଷୁଧା ଓ ଅସ୍ଥିରତା ଦେଇ ଗତି କରୁଥିଲା ବେଳେ ପାକିସ୍ତାନ ଅକ୍ତିଆର କରିଥିବା କାଶ୍ମୀରରେ ଆନ୍ଦୋଳନ ତୀବ୍ର ହୋଉଛି। ଗିଲଗିଟ ଓ ବାଲୁଚିସ୍ଥାନବାସୀ ପାକ ବିରୋଧରେ ରଣ ହୁଙ୍କାର ଦେବା ସହ ଭାରତରେ ସାମିଲ ହେବାର ନାରା ଦେଉଛନ୍ତି। ଅନ୍ୟପଟେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ଆଫ୍ରିକୀୟ ଦେଶକୁ ସ୍ଥାୟୀ ସଦସ୍ୟତା ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଯାହାଫଳରେ ଆଫ୍ରିକା ଦେଶରେ ଚୀନ୍ ଚଳାଇଥିବା ନିଜ ଷଡଯନ୍ତ୍ର ଆଗକୁ ଫେଲ୍ ମାରିବ। ଚୀନ୍ ସର୍ବଦା ଛୋଟ ଛୋଟ ଗରିବ ଦେଶକୁ ଋଣ ଦେଇ ପ୍ରଥମେ ବିଶ୍ୱାସ ଜନ୍ମାଇଥାଏ। ପରେ ନିଜ ଅସଲ ଅବତାର ଆରମ୍ଭ କରି ଋଣ ଦେଇଥିବା ଦେଶମାନଙ୍କର ସମ୍ପତ୍ତି ଆହରଣ କରିବା ସହିତ ସେହି ସେହି ଦେଶକୁ ତଳିତଳାନ୍ତ କରିଦିଏ। ଏହାର ନଜିର ହେଉଛି ଶ୍ରୀଲଙ୍କା ଓ ପାକିସ୍ତାନ। ଆଜି ପାକିସ୍ତାନ ଯେଉଁ ଦୁର୍ଦ୍ଦିନର ସମ୍ମୁଖୀନ ହୋଇଛି ସେଥିପାଇଁ ଚୀନ୍ ଦାୟୀ। ବିଶ୍ୱରେ ଜଣେ ଜବରଦଖଲକାରୀ ଦେଶ ଭାବେ ଚୀନ୍‌ର ଦୁର୍ନାମ ରହିଛି। ହେଲେ ଚୀନ୍ ନିଜର ସବୁ ତ୍ରୁଟି ସତ୍ତ୍ୱେ ସତ୍ୟକୁ ସାମ୍ନା ନକରି ମନମୁଖୀ ଶାସନ କରିବା ଫଳରେ ଏହା ବିଶ୍ୱ ପାଇଁ ବିପଦ ଠିଆ କରିଛି। କରୋନା ଭୂତାଣୁ ହେଉ କିମ୍ବା ପରମାଣୁ ଅସ୍ତ୍ର ହେଉ ସବୁଥିରେ ଚୀନ୍‌ର ଭୂମିକା ଅତ୍ୟନ୍ତ ସନ୍ଦେହଜନକ। ଚୀନ୍ ବାରମ୍ବାର ଭାରତର ଅଖଣ୍ଡତା ଉପରେ ଆଘାତ ଦେବା ସହ ସୀମାରେ ଜମି ହଡପ ଏବଂ ସୈନ୍ୟ କାରବାର ଜାରି ରଖିବା ଫଳରେ ପଡୋଶୀ ଦେଶ ହୋଇ ସୁଦ୍ଧା ଭାରତ ଚୀନ୍ ସହିତ ସୁ-ସମ୍ପର୍କ ରଖିବାକୁ ଚାହୁଁନାହିଁ। କାରଣ ଭାରତରେ ଅସ୍ଥିରତା ସୃଷ୍ଟି କରିବାକୁ ପାକିସ୍ତାନକୁ ବାରମ୍ବାର ସହାୟତା ଯୋଗାଇ ଚାଲିଛି ଚୀନ୍। ଯାହାକି ଭାରତର ଭୌଗଳିକ ସ୍ଥିତି ପାଇଁ ମଧ୍ୟ ଚୀନ୍ ବିପଦର କାରଣ ପାଲଟିଛି। ପ୍ରଥମେ ଶ୍ରୀଲଙ୍କାକୁ ସହାୟତାର ହାତ ବଢ଼ାଇ ଉକ୍ତ ଦେଶକୁ ଚୀନ୍ ଖିନ୍‌ଭିନ୍ କରିଦେଇଛି। ଏହାପରେ ଏବେ ପାକିସ୍ତାନର ପାଳି। ପାକିସ୍ତାନ ନିଜର ଅଜ୍ଞତା ଜାଣି ନପାରି ଚୀନ୍ ଜାଲରେ ଫଶି ଭାରତ ବିରୋଧରେ ଯେଉଁ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇଥିଲା ତାହାର ପରିସମାପ୍ତି ଘଟିବାକୁ ଯାଉଛି। କାରଣ ଭାରତ ଏବେ ଆଉ ପୂର୍ବର ଭାରତ ନୁହେଁ। ଏହା ବିକଶିତ ଭାରତ ଓ ନୂତନ ଭାରତ। ତେଣୁ ସବୁବେଳେ ଚକ୍ରାନ୍ତ କରି ଅନ୍ୟକୁ ଫସାଇବା ସହଜ ନୁହେଁ। ଦିନେ ନା ଦିନେ ସତ୍ୟ ସାମ୍ନାକୁ ଆସେ ଏବଂ ଦୋଷୀ ଦଣ୍ଡ ପାଏ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଚୀନର ବିସ୍ତାରବାଦୀ ନୀତି : ଭାରତ ପାଇଁ ବଡ ଭୂମିକା ଗ୍ରହଣ କରିବାର ସମୟ



**ଡ.ସମନ୍ୱୟ ନନ୍ଦ**

ଭାରତରେ ଜି-୨୦ ଦେଶର ମାନଙ୍କର ଶିଖର ସମ୍ମିଳନୀ ହେବାର ଠିକ ପୂର୍ବରୁ ଚୀନ ତାର ହରକତକୁ ପୁଣି ଥରେ ଦୋହରାଇଛି। ଚୀନ ପୁଣି ଥରେ ଏକ କାଳ୍ପନିକ ମାନଚିତ୍ର ଜାରୀ କରିଛି। ଏହି କାଳ୍ପନିକ ମାନଚିତ୍ରରେ ଅରୁଣାଚଳ ପ୍ରଦେଶ ଓ ଅକ୍ସାଇ ଚିନକୁ ତାର ବୋଲି ଦର୍ଶାଇଛି। ଚୀନ କମ୍ୟୁନିଷ୍ଟ ପାର୍ଟିର ସରକାରୀ ପ୍ରପାଗଣ୍ଡା କରୁଥିବା ସମ୍ବାଦ ପତ୍ର ଜରିଆରେ ଚୀନ ଏହି କାଳ୍ପନିକ ମାନଚିତ୍ର ଜାରୀ କରିଛି। ଏହି କାଳ୍ପନିକ ମାନଚିତ୍ରରେ ସେ କେବଳ ଭାରତର କିଛି ଅଂଶକୁ ନିଜର ବୋଲି କହି ଦାବି କରି ନାହିଁ ବରଂ ଅନ୍ୟ ଦେଶ ମାନଙ୍କର ଅଂଶ ଗୁଡିକୁ ମଧ୍ୟ ନିଜର ବୋଲି ଦାବି କରିଛି। ଚୀନ ଏଭଳି ହରକତ ପ୍ରଥମ ଥର ପାଇଁ କରିଛି ତାହା ନୁହେଁ। ଚୀନ ଉପରେ ନଜର ରଖୁଥିବା ଲୋକ ମାନେ ଭଲ ଭାବେ ଜାଣନ୍ତି ଏହା କମ୍ୟୁନିଷ୍ଟ ଚୀନର ପୁରୁଣା ରଣନୀତି। ଚୀନ ପୂର୍ବରୁ ବାରମ୍ବାର ମଝିରେ ମଝିରେ ଏଭଳି ମାନଚିତ୍ର ମାନ ଜାରୀ କରି ଅନ୍ୟ ଦେଶର ଅଂଶ ଗୁଡିକୁ ନିଜର ବୋଲି ଦାବି କରିଥାଏ।

ଚୀନ ଉପରେ ମାଓଙ୍କ ଲାଲ ସେନାର କବଜା ହେବା ପରେ ହିଁ ଚୀନ ତାର ରଙ୍ଗ ଦେଖାଇବା ଆରମ୍ଭ କରିଥିଲା। ଚୀନ ପ୍ରଥମେ ତିବତକୁ ହଡପ କରି ନେଇଥିଲା। ତିବତକୁ ଜୋର ଜବରଦସ୍ତି ଅଧିକାର କରିବା ବେଳେ ଭାରତକୁ ଏହାର ବିରୋଧ କରିବାର ଥିଲା। କାରଣ ସୁରକ୍ଷା ଦୃଷ୍ଟିରୁ ତିବତ ସ୍ୱାଧୀନ ହୋଇ ରହିବା ଭାରତ ପାଇଁ ଜରୁରୀ ଥିଲା। ମାତ୍ର ସେତେବେଳର ଭାରତର ନେତୃତ୍ୱ ଚୀନର ବିରୋଧ କରିବା ପରିବର୍ତ୍ତେ ତିବତକୁ ଚୀନ ହାତରେ ଟେକି ଦେଇଥିଲେ।

ଏହା ପରେ ମାଓ ତିବତକୁ ଚୀନର ପାପୁଲି ବୋଲି କହିବା ସହ ଏହାର ପାଂଚଟି ଆଙ୍ଗୁଳି ରହିଛି ବୋଲି କହିଥିଲେ। ଏହି ପାଞ୍ଚଟି ଆଙ୍ଗୁଳି ହେଲା ଲଦାଖ, ଭୁଟାନ, ନେପାଳ, ସିକିମ ଓ ନେଫା (ବର୍ତ୍ତମାନର ଅରୁଣାଚଳ ପ୍ରଦେଶ)। ତେଣୁ ସେତେବେଳ ଠାରୁ ହିଁ ଚୀନ ତାର ଅସଲ ରୂପ ଦେଖାଇ ଥିଲା।

ଏହା ପରେ ମଧ୍ୟ ବିଭିନ୍ନ ସମୟରେ ଚୀନ ଏଭଳି କାଳ୍ପନିକ ମାନଚିତ୍ର ମାନ ଜାରୀ କରେ ଓ ବିଭିନ୍ନ ଦେଶର ଅଞ୍ଚଳ ଗୁଡିକୁ ନିଜର ବୋଲି ଦାବି କରେ। କେବଳ ଭାରତର ହିଁ ତାର ପଡୋଶୀ ଅନ୍ୟ ସମସ୍ତ ଦେଶ ମାନଙ୍କ ବିଭିନ୍ନ ଅଞ୍ଚଳ ଗୁଡିକୁ ମଧ୍ୟ ସେ ନିଜର ବୋଲି ଦାବି କରେ। ତେଣୁ ପ୍ରଥମ ଥର ପାଇଁ ଚୀନ ଏଭଳି ହରକତ କରି ନାହିଁ। ଏଭଳି କରିବା ଚୀନର ପୁରୁଣା ଅଭ୍ୟାସ ରହିଛି। ଭାରତ ସରକାର ଚୀନର ଏହି ହରକତର କଡା ଜବାବ ଦେଇଛି। ଭାରତର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରି ଏହି ମାନଚିତ୍ରକୁ ଅସ୍ୱୀକାର କରି ଦେଇଛି।

ଭାରତ ସରକାର ପୂର୍ବରୁ ମଧ୍ୟ ଏହି ମାମଲାରେ ଏହି ଭଳି ଜବାବ ଦେଉଥିଲା। ଚୀନ ଯେବେ ଯେବେ ଏଭଳି ମାନଚିତ୍ର ଜାରୀ କରେ କିମ୍ବା ଅରୁଣାଚଳ ପ୍ରଦେଶର ଲୋକ ମାନଙ୍କ ପାଇଁ ଷ୍ଟାପଲ୍ଡ ଭିସା ପ୍ରଦାନ କରେ ସେତେବେଳେ ଭାରତ ସରକାର ଏଭଳି ପ୍ରତିକ୍ରିୟା ପ୍ରଦାନ କରିଥାଏ। ଯେଉଁ ଦଳର ସରକାର ଥାଉ ନା କାହିଁକି ଏହି ସମାନ ପ୍ରତିକ୍ରିୟା ରହି ଆସିଛି। ତେବେ ବର୍ତ୍ତମାନ ସରକାରରେ କଣ ବଦଳିଛି? ବର୍ତ୍ତମାନ ସରକାରରେ ସୀମାବର୍ତ୍ତୀ ଅଞ୍ଚଳ ମାନଙ୍କରେ ଭିତିଭୂମିର ସ୍ଥିତି ବଦଳିଛି। ଗତ ୯ ବର୍ଷ ଧରି ତିବତ ସୀମାରେ ରାସ୍ତା, ପୋଲ ଓ ଅନ୍ୟାନ୍ୟ ଭିତିଭୂମି ଜୋରସୋରରେ ନିର୍ମାଣ ଚାଲିଛି। ଭାରତୀୟ ସେନା ଚୀନର ଲାଲ ସେନାକୁ ତାଙ୍କରି ଭାଷାରେ ଜବାବ ଦେଉଛି। ଡୋକଲାମ ହେଉ ବା ଗଲୱାନ ଉପତ୍ୟକା ହେଉ ଏହା ଏବେ ପ୍ରମାଣିତ ହୋଇ ସାରିଛି।

ଚଳିତ ଥର ଚୀନର କାଳ୍ପନିକ ମାନଚିତ୍ରକୁ ନେଇ ଭାରତର ବୈଦେଶିକ ମନ୍ତ୍ରଣାଳୟର ପ୍ରତିକ୍ରିୟା ପରେ ଭାରତର ବୈଦେଶିକ ମନ୍ତ୍ରୀ ଡ. ଏସ ଜୟଶଙ୍କର ମଧ୍ୟ ପ୍ରତିକ୍ରିୟା ଦେଇଛନ୍ତି। ସେ ତାଙ୍କର ପ୍ରତିକ୍ରିୟାରେ ଚୀନର ଭାରତୀୟ ଅଂଚଳ ଉପରେ ଦାବିକୁ 'ଆବସର୍ଡ କ୍ଲେମ' ବୋଲି କହିଛନ୍ତି। କୂଟନୀତିଜ୍ଞ ମାନେ ସାଧାରଣ ଭାବେ ଆବସର୍ଡ ଶବ୍ଦ ସାଧାରଣତଃ ବ୍ୟବହାର କରି ନଥାନ୍ତି। ହେଲେ ଏଥର ଏହି ଶବ୍ଦକୁ ଭାରତର ବୈଦେଶିକ ମନ୍ତ୍ରୀ ବ୍ୟବହାର କରିଛନ୍ତି। ତେଣୁ ଚୀନକୁ କଡା ଭାଷାରେ କୂଟନୈତିକ ଜବାବ ଦିଆଯାଇଛି।

ଚୀନ ହେଉଛି ଏକ ବିସ୍ତାରବାଦୀ ଦେଶ। ଚୀନ ସବୁବେଳେ ତାର ଆଖ ପାଖର ଦେଶ ମାନଙ୍କୁ କବଳିତ କରିବାକୁ ଚେଷ୍ଟା କରିଥାଏ। ଏବେ ମଧ୍ୟ ଯେଉଁ ପିପୁଲ୍ସ ରିପବ୍ଲିକ ଅଫ ଚାଇନା ରହିଛି ସେଥିରେ ଏଭଳି ବେଆଇନ ଭାବେ କବଜା କରିଥିବା ପଡୋଶୀ ଦେଶ ମାନଙ୍କର ଭୂମି ସାମିଲ ରହିଛି। ଚୀନ କେବଳ ଯେ ଏହି କାଳ୍ପନିକ ମାନଚିତ୍ରରେ ଭାରତର ଅଞ୍ଚଳ ଗୁଡିକୁ ଦର୍ଶାଇଛି ତା ନୁହେଁ। ସେ ବିଭିନ୍ନ ଦେଶର ବିଭିନ୍ନ ଅଞ୍ଚଳ ଗୁଡିକୁ ମଧ୍ୟ ତାର ବୋଲି ଦର୍ଶାଇଛି। ତେଣୁ କେବଳ ଭାରତ ନୁହେଁ ଏହି ଦେଶ ମାନେ ମଧ୍ୟ ଚୀନର ଏଭଳି କୃତ୍ୟ ପାଇଁ ତାକୁ ବିରୋଧ କରିବା ଆରମ୍ଭ କରି ଦେଇଛନ୍ତି। ଏହି ମାନଚିତ୍ରକୁ ନେଇ ଫିଲିପାଇନ୍ସ, ତାଇୱାନ, ମାଲେସିଆ ଓ ଭିଏତନାମ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କାରଣ ଏହି କାଳ୍ପନିକ ମାନଚିତ୍ରରେ ଚୀନ ଏହି ଦେଶ ମାନଙ୍କର ଅଂଶକୁ ମଧ୍ୟ ନିଜର ବୋଲି ଦର୍ଶାଇଛି।

ଫିଲିପାଇନ୍ସର ସାମୁଦ୍ରିକ ଅଞ୍ଚଳ ଗୁଡିକୁ ଚୀନ ଏହି କାଳ୍ପନିକ ମାନଚିତ୍ରରେ ନିଜର ବୋଲି ଦାବି କରିଥିଲା। ଫିଲିପାଇନ୍ସ ସରକାରର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଚୀନ ଦ୍ୱାରା ଏହି ଅଞ୍ଚଳ ଗୁଡିକୁ ନିଜର ବୋଲି ଦାବି କରିବା ଆନ୍ତର୍ଜାତିକ ଆଇନର ଉଲ୍ଲଂଘନ। ସେହିପରି ଭିଏତନାମର ସ୍ପ୍ରେଟଲି ଓ ପାରାସେଲ ଦ୍ୱୀପ ଓ ତାର ଜଳ କ୍ଷେତ୍ର ଉପରେ ଏହି କାଳ୍ପନିକ ମାନଚିତ୍ର ଜରିଆରେ ଦାବି କରିଛି। ଭିଏତନାମ ସରକାରଙ୍କ ପକ୍ଷରୁ ଏହି ପ୍ରସଙ୍ଗରେ ଚୀନ ବିରୁଦ୍ଧରେ କଡା ପ୍ରତିକ୍ରିୟା ଦିଆଯାଇଛି ଓ ଚୀନର ଦାବିକୁ ଖାରଜ କରାଯାଇଛି। ସେହିପରି ମାଲେସିଆ ପକ୍ଷରୁ ମଧ୍ୟ ଚୀନର ଏଭଳି ଦାବି କୁ ଅଗ୍ରାହ୍ୟ କରାଯାଇଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ଚୀନର ଏଭଳି ବିସ୍ତାରବାଦୀ ବ୍ୟବହାରକୁ ନେଇ କେବଳ ଭାରତ ନୁହେଁ ଅନ୍ୟ ଦେଶ ମାନେ ମଧ୍ୟ ସମସ୍ୟାରେ ଅଛନ୍ତି। ସମସ୍ତେ ଚୀନ ବିରୁଦ୍ଧରେ କଡା ମନ୍ତବ୍ୟ ଦେଉଛନ୍ତି। ଚୀନକୁ ସମସ୍ତେ ଶତ୍ରୁ ଭଳି ଦେଖୁଛନ୍ତି।

ଭାରତ ସ୍ୱାଧୀନ ହେବା ପରେ ଅନେକ ଦେଶ ଆଶା କରୁଥିଲେ ଯେ ଭାରତ ସେମାନଙ୍କର ନେତୃତ୍ୱ ନେବ। ବିଶେଷ ଭାବେ ଦକ୍ଷିଣ ଏସିଆ ଓ ଦକ୍ଷିଣ ପୂର୍ବ ଏସିଆର ଦେଶ ମାନେ ନେତୃତ୍ୱ ପାଇଁ ଭାରତ ଆଡକୁ ଦେଖୁଥିଲେ। କାରଣ ମଧ୍ୟ ସ୍ପଷ୍ଟ ଥିଲା। ଭାରତର ହଜାର ହଜାର ବର୍ଷର ସଭ୍ୟତା ଓ ସଂସ୍କୃତି ରହିଛି। ଦକ୍ଷିଣ ଏସିଆ ଓ ଦକ୍ଷିଣ ପୂର୍ବ ଏସିଆର ଦେଶ ମାନଙ୍କର ସଂସ୍କୃତି ଭାରତରୁ ହିଁ ଯାଇଛି। ତେଣୁ ଭାରତର ନେତୃତ୍ୱକୁ ସେମାନେ ଅନାଇଥିଲେ। ହେଲେ ବୋଧ ହୁଏ ସେତେବେଳର ଭାରତର ରାଜନୈତିକ ବୋଧ ହୁଏ ଏହା ଚାହୁଁ ନଥିଲା। ୧୯୬୨ ମସିହାରେ ଚୀନ ମଧ୍ୟ ଭାରତ ଉପରେ ଆକ୍ରମଣ କରି ଏହି ଦେଶ ମାନଙ୍କୁ ସଂକେତ ଦେଇ ଦେଇଥିଲା ଯେ ଭାରତ ଆଡକୁ ନେତୃତ୍ୱ ପାଇଁ ଯଦି ଚାହୁଁଛ ତାହେଲେ ଭୁଲ କରୁଛ। ମାତ୍ର ବର୍ତ୍ତମାନ ସ୍ଥିତି ବଦଳିଛି। ବର୍ତ୍ତମାନ ଭାରତ ବିଶ୍ୱର ବିକଶିତ ଦେଶ ମାନଙ୍କ ସହ ଆଖିରେ ଆଖି ମିଶାଇ କଥା ବାର୍ତ୍ତା କରୁଛି। ବିଶ୍ୱ ରାଜନୀତିରେ ଭାରତର ପ୍ରଭାବ ବଢିବାରେ ଲାଗିଛି। ଚୀନର ଏଭଳି କାଳ୍ପନିକ ମାନଚିତ୍ର ଜାରୀ ପ୍ରସଙ୍ଗ ଆଖ ପାଖର ଦେଶ ମାନଙ୍କୁ ଚୀନ ବିରୁଦ୍ଧରେ କରୁଛି। ଏଭଳି ସ୍ଥିତିରେ ଭାରତ ତାର ଭୂମିକାକୁ ବିସ୍ତାର ଦେବା ଉଚିତ। ଭାରତକୁ କେବଳ ଭାରତର ନୁହେଁ ବରଂ ଚୀନର ବିସ୍ତାରବାଦୀ ନୀତିର ଶୀକାର ହେଉଥିବା ଅନ୍ୟ ଦେଶ ମାନଙ୍କର ପ୍ରବକ୍ତା ମଧ୍ୟ ସାଜିବାର ସମୟ ଆସିଛି।

# ସମୃଦ୍ଧ ଓ ସମ୍ପର୍କ ଭାଷା ହିନ୍ଦୀ



**ଦିଲ୍ଲୀପ କୁମାର ବାଡତ୍ୟା**

ଅଭିବ୍ୟକ୍ତି ଏବଂ ସଂଳାପର ଆଧାର ହେଉଛି ଭାଷା। ଭାଷା ହିଁ ପରସ୍ପର ସଦଭାବ ଓ ସହଯୋଗର ଅନିବାର୍ଯ୍ୟ ଅଙ୍ଗ। ମନୁଷ୍ୟ ଭାଷା ମାଧ୍ୟମରେ ହିଁ ପରସ୍ପର ଭିତରେ ଥିବା ବୈଭବପୂର୍ଣ୍ଣ ସାଂସ୍କୃତିକ ଜ୍ଞାନ ବିଷୟରେ ଜାଣିଥାଏ। ଭାଷା ଏକ ସାମାଜିକ ସମ୍ପତ୍ତି ଯାହା ମନୁଷ୍ୟକୁ ଆପେ ଆପେ ମିଳେ ନହିଁ, ବରଂ ତାକୁ ସମାଜ ଭିତରେ ରହି ଶିଖିବାକୁ ପଡିଥାଏ। ଅନ୍ୟାନ୍ୟ ସାମାଜିକ ଆଚ୍ଚରଣ ଓ କାର୍ଯ୍ୟ କଳାପ ଶିଖିଲା ପରି ବାଳକଟି ତା'ର ଭାଷା ଜ୍ଞାନ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସମାଜରୁ ଶିକ୍ଷା ଲାଭ କରେ ସ୍ୱାଧୀନତାର ପରବର୍ତ୍ତୀ ଭାରତରେ ଅନେକ ଘଟଣାବଳୀ ଘଟି ଯାଇଛି, ସେ ସବୁ ଭିତରେ ଭାଷା ଜାଗରଣ ଘଟଣାଟି ଅନ୍ୟତମ, କିନ୍ତୁ ଆଶ୍ଚର୍ଯ୍ୟର କଥା ହେଲା ଆମେ କଳ କାରଖାନା ପ୍ରତି ଯେତେ ଆକୃଷ୍ଟ ହେଉଛେ, ସେ ତୁଳନାରେ ଭାଷା ଜାଗରଣ ପ୍ରତି ନୁହେଁ। ଭାରତୀୟ ଜନମାନସ ରେ ଯେତେ ଶୀଘ୍ର ଭାଷା ପ୍ରତି ମୋହ ବଢିବ ସେତେ ଶୀଘ୍ର ପ୍ରତ୍ୟେକ ପ୍ରଦେଶ ଭିତରେ ପାରସ୍ପରିକ ସୌହାର୍ଦ୍ଦ୍ୟ ବଢିବ। ଆଜିର ଭୂମଣ୍ଡଳିକରଣ ଯୁଗରେ ମନୁଷ୍ୟ ଚାହେଁ ତାର ସଫଳତା ର ଚର୍ଚ୍ଚା ବ୍ୟାପକ ଏବଂ ବିସ୍ତୃତ ଭାବରେ ଭୌଗଳିକ ସୀମା ସରହଦ ଡେଇଁ ପ୍ରସାରିତ, ସଂକ୍ରମିତ ହେଉ। ପ୍ରତ୍ୟେକ ଦେଶର ଭାଷାଗତ ସ୍ୱରୂପ ଚାରି ପ୍ରକାର ଥାଏ – ପ୍ରଥମଟି ହେଲା ରାଷ୍ଟ୍ରଭାଷା ଦ୍ୱିତୀୟଟି ହେଲା ରାଜଭାଷା ତୃତୀୟଟି ହେଲା ସମ୍ପର୍କ ଭାଷା ଓ ଚତୁର୍ଥଟି ହେଲା ସେହି ଅଞ୍ଚଳର ପ୍ରଚଳିତ ଲୋକ ଭାଷା ବ ପ୍ରାଦେଶିକ ଭାଷା। ରାଷ୍ଟ୍ର ଭାଷା କହିଲେ କୌଣସି ଦେଶର ବହୁଳ ଓ ବ୍ୟାପକ ଭାବରେ ବ୍ୟବହୃତ ହେଉଥିବା ବହୁସଂଖ୍ୟକ ଲୋକଙ୍କ ଭାଷା। ଯେତେବେଳେ କୌଣସି ଭାଷା ନିଜର ମହତ୍ତ୍ୱ ଓ ପ୍ରୟୋଜନ ଦୃଷ୍ଟିରୁ ବିସ୍ତୃତ ଅଞ୍ଚଳରେ ଦେଶବାସୀଙ୍କ ଦ୍ୱାରା ବ୍ୟବହୃତ ଓ ଗ୍ରହଣୀୟ ହୋଇଥାଏ, ସେତେବେଳେ ତାହା ରାଷ୍ଟ୍ରଭାଷା ସିଂହାସନରେ ସ୍ୱତଃ ଆରୋହଣ କରିବା ପାଇଁ ଅଧିକାର ପାଇଥାଏ। ସେଥିପାଇଁ ଭାରତବାସୀ ତା'ର ନିର୍ଦ୍ଦିଷ୍ଟ ବିଶେଷତ୍ୱ ପାଇଁ ତାକୁ ରାଷ୍ଟ୍ରଭାଷା ପଦରେ ଭୂଷିତ କରିଛନ୍ତି। ଦ୍ୱିତୀୟଟି ହେଲା ରାଜଭାଷା। ରାଜଭାଷା କହିଲେ ସମ୍ବିଧାନ ଦ୍ୱାରା ସ୍ୱୀକୃତ ଭାଷା। ସାମ୍ବିଧାନିକ ସ୍ୱୀକୃତି ଲାଭ କରିଥିବା କୌଣସି ଦେଶ କିମ୍ବା ରାଜ୍ୟର ଭାଷା ସେହି ଦେଶର ରାଜଭାଷା ଭାବେ ପରିଚୟ ପ୍ରାପ୍ତ କରି ଥାଏ। ତୃତୀୟଟି ହେଲା ସମ୍ପର୍କ ଭାଷା। ସମଗ୍ର ଦେଶର ସଂଚାର ଓ ସମ୍ପର୍କ ପାଇଁ ହିନ୍ଦୀ ହିଁ ଏକମାତ୍ର ଭାଷା ଯାହା ଦ୍ୱାରା ଜନସାଧାରଣ ପରସ୍ପର ମଧ୍ୟରେ ସମ୍ପର୍କ ସ୍ଥାପନ କରିଥାନ୍ତି। ହିନ୍ଦୀର ଏହି ବିଶେଷତ୍ୱକୁ ଲକ୍ଷ୍ୟ ରଖି ସମ୍ବିଧାନରେ ହିନ୍ଦୀକୁ ରାଜଭାଷାର ମର୍ଯ୍ୟାଦା ଦିଆ ଯାଇଛି। ତେଣୁ ସମଗ୍ର ରାଷ୍ଟକୁ ସମ୍ପର୍କ ସୂତ୍ରରେ ବାନ୍ଧି ରଖି ପାରୁଥିବା ଭାଷାକୁ ରାଷ୍ଟ୍ର ଭାଷା ଭାବରେ ପରିଚିତ କରାଇବା କୌଣସି ଆପତ୍ତିଜନକ ତଥ୍ୟ ବୋଲି ଭାବିବା ଉଚିତ ନୁହେଁ। ଭାରତୀୟ ସମ୍ବିଧାନର ଭାଗ ୧୭ ଅଧ୍ୟାୟ ୧ର ଧାରା ୩୪୩ (ସ) ଅନୁସାରେ କେନ୍ଦ୍ରର ରାଜଭଷା ହିନ୍ଦୀ ଓ ଲିପି ଦେବନାଗରୀ ଓ ସଂଘର ଶାସକୀୟ ପ୍ରୟୋଜନ ପାଇଁ ଭାରତୀୟ ଅଙ୍କର ଅନ୍ତରାଷ୍ଟ୍ରୀୟ ରୂପ ବ୍ୟବହୃତ କରିବା ପାଇଁ ବିଧି ରହିଛି। ୧୪ ସେପ୍ଟମ୍ବର ୧୯୪୯ ମସିହାରେ ସର୍ବସମ୍ମତିକ୍ରମେ ହିନ୍ଦୀକୁ ରାଜଭାଷା ଭାବେ ସାମ୍ବିଧାନିକ ସ୍ୱୀକୃତି ଦିଆ ଯାଇଥିବା ହେତୁ ଆଜିର ଦିନଟିକୁ ହିନ୍ଦୀ ଦିବସ ରୂପେ ସମଗ୍ର ଭାରତ ବର୍ଷରେ ପାଳନ କରାଯାଉଛି। କାଶ୍ମୀର ଠାରୁ କନ୍ୟା କୁମାରୀ ଗୋଆ ଠାରୁ ଗୌହାଟି ଯାଏ ବହୁବିଧ ଭାଷାର ପ୍ରଚଳନ ରହିଛି, ତନ୍ମଧ୍ୟରୁ ହିନ୍ଦୀ ହିଁ କୋଟି କୋଟି ଭାରତୀୟଙ୍କ ହୃଦୟର ସ୍ୱର ଓ କଣ୍ଠର ହାର ଭାବେ ଶୋଭା ପାଉଛି। ଭାବାଭିବ୍ୟକ୍ତିର ଉତ୍କୃଷ୍ଟ ଓ ଅଦ୍ଭୁତ କ୍ଷମତାର ଅଧିକାରିଣୀ ହିନ୍ଦୀ ଦେଶର ଅନେକ ସାଧୁ ସନ୍ଥଙ୍କର ପଦ ରଜରେ ଅଭିଷିକ୍ତା। ଚତୁର୍ଥଟି ହେଲା ପ୍ରାଦେଶିକ ଭାଷା। ଆଞ୍ଚଳିକ ଭାଷା ରାଷ୍ଟ୍ରଭାଷାର ଅନ୍ତର୍ନିହିତ ଶକ୍ତି ସ୍ୱରୂପା ଓ ସହାୟିକା। ଆଞ୍ଚଳିକ ଭାଷା ହିଁ ରାଷ୍ଟ୍ରଭାଷାକୁ ସମୃଦ୍ଧ ଓ ସମ୍ପନ୍ନ କରେ। ଆଞ୍ଚଳିକ ଭାଷା ହିଁ ରାଷ୍ଟ୍ରଭାଷାର ଜୀବନୀ ଶକ୍ତି। ତେଣୁ ରାଷ୍ଟ୍ରଭାଷା ଯଦି ମୁଝ୍ୟ ନଦୀ ହୁଏ ତେବେ ଆଞ୍ଚଳିକ ଭାଷା ତାର ସହାୟକ ନଦୀ। ସେ ତାର ଦୁଇ କୁଳରେ ବସବାସ କରୁଥିବା ସଭ୍ୟତା ଓ ସଂସ୍କୃତି ଦ୍ୱାରା ରାଷ୍ଟ୍ରଭାଷାକୁ ସମୃଦ୍ଧ କରେ। ଆମର ସ୍ୱାଧୀନତା ସଂଗ୍ରାମୀ ମାନେ ସ୍ୱଦେଶୀ ମାଧ୍ୟମରେ ହିଁ ଦେଶାତ୍ମବୋଧ ଭାବନାକୁ ଜାଗ୍ରତ କରାଇପାରି ଥିଲେ। ତାଙ୍କ ଆନ୍ଦୋଳନ ର ମୁଖ୍ୟ ଲକ୍ଷ୍ୟ ଥିଲା ଯେ ଭାରତବାସୀ ନିଜ ଭାଷା ଓ ସଂସ୍କୃତି ପ୍ରତି ଉନ୍ମୁଖ ହୁଅନ୍ତୁ। ୧୯୨୫ ମସିହାରେ ଆୟୋଜିତ କାନପୁର କଂଗ୍ରେସ ଅଧିବେଶନରେ ସର୍ବସମ୍ମତି କ୍ରମେ ସ୍ୱୀକୃତ ହେଇ ଥିବା ଭାଷା ହେଲା ହିନ୍ଦୀ। ଅଧିବେଶନରେ ପ୍ରାଦେଶିକ ଭାଷା ସହିତ ଅଖିଳ ଭାରତୀୟ ସ୍ତରରେ ହିନ୍ଦୀର ବ୍ୟବହାରକୁ ଅନିବାର୍ଯ୍ୟ କରାଗଲା। ବିଦେଶୀ ଭାଷା ସ୍ଥାନରେ ରାଷ୍ଟ୍ରୀୟ ଭାଷାର ପ୍ରୟୋଗକୁ ଗୁରୁତ୍ୱ ଦେବା ଏବଂ ବିଦେଶୀ ଶାସନ ବିରୁଦ୍ଧରେ ଚାଲିଥିବା ଆନ୍ଦୋଳନକୁ ସକ୍ରିୟ ଏବଂ ସୁଦୃଢ କରିବା ଏହି ପ୍ରସ୍ତାବର ମୂଳ ଲକ୍ଷ୍ୟ ଥିଲା। ବସ୍ତୁତଃ ଭାଷା ନଷ୍ଟ କରିବା ହେଲା କୌଣସି ଦେଶକୁ ପରାଧୀନ କରିବାର ପ୍ରଥମ ପଦକ୍ଷେପ। ଯେଉଁ ଜାତି ଓ ଦେଶ ନିଜ ଭାଷାକୁ ବଞ୍ଚାଇ ନ ପରେ ସେହି ଜାତି ଓ ଦେଶ ପାଇଁ ପରାଧୀନତା ଅବଶ୍ୟମ୍ଭାବି। ଯେଉଁ ଦେଶର ନିଜର ଭାଷା ନାହିଁ ସେ ଦେଶ ମୃତ ବ୍ୟକ୍ତି ପରି ନିସ୍ତେଜ। ଥରେ କନଫୁସୀୟସଙ୍କୁ କେହି ଜଣେ ପଚାରିଲେ "ଯଦି ଆପଣଙ୍କୁ ରାଜା କରି ଦିଆଯାଏ ତେବେ ରାଜ୍ୟ ପାଇଁ ଆପଣ ପ୍ରଥମେ କଣ କରିବେ? ସେ ତତକ୍ଷଣାତ ଉତ୍ତର ଦେଲେ ଭାଷା ଶୁଦ୍ଧି।" ବ୍ୟକ୍ତି ଜଣକ ପୁନର୍ବାର ପ୍ରଶ୍ନ କଲେ ଭାଷା ଶୁଦ୍ଧି ସହିତ ରାଜ୍ୟର କଣ ସମ୍ପର୍କ? କନଫୁସୀୟସ ଉତ୍ତର ଦେଲେ ଭାଷା ଅଶୁଦ୍ଧି ରେ ନ୍ୟାୟର ଅଶୁଦ୍ଧି ଓ ନ୍ୟାୟ ନ ମିଳିଲେ ଅରାଜକତା ଏବଂ ଅରାଜକତା ଯୋଗୁଁ ରାଜ୍ୟ ହାନୀ। ରାଷ୍ଟ୍ର ଭାଷା ପାଇଁ କେତେକ ନିର୍ଦ୍ଦିଷ୍ଟ ଗୁଣ ଯେଉଁ ଭାଷାରେ ସର୍ବାଧିକ ରହିଥିବ ସେହି ଭାଷା ହିଁ ରାଷ୍ଟ୍ରଭଷାର ଅଧିକାରିଣୀ ହେବା ଉଚିତ। ତେବେ ରାଷ୍ଟ୍ରଭାଷାର କେତେକ ଗୁଣ ପ୍ରତି ଆଲୋକପାତ କରାଯାଉ। ଭାଷାର ଦୁଇଟି ରୂପ ଗୋଟିଏ ମୌଖିକ ଓ ଅନ୍ୟଟି ଲିଖିତ। କଥିତ ଓ ଲିଖିତ ଭାଷା ମଧ୍ୟରେ ଅଧିକରୁ ଅଧିକ ସାମଞ୍ଜସ୍ୟ ହିଁ ଭାଷାକୁ ଅଧିକ ଉନ୍ନତ ଓ ବୈଜ୍ଞାନିକ କରି ଗଢି ଥାଏ। ଏ ପରିପ୍ରେକ୍ଷୀରେ ଦେବନାଗରୀ ଲିପି ର ବୈଜ୍ଞାନିକତା ଉପରେ ଆଲୋଚନା କଲେ ଜଣାଯାଏ, ଏଥିରେ ଦୋଷ କମ ଗୁଣ ଅଧିକ। ଦେବନାଗରୀ ଲିପି ସମସ୍ତ ଧ୍ୱନିକୁ ଉଚ୍ଚରିତ କରିବାରେ ସକ୍ଷମ। ଏଥିରେ ପ୍ରତ୍ୟେକ ବର୍ଣ୍ଣ ପାଇଁ ଏକ ନିଶ୍ଚିତ ଚିହ୍ନ ନିର୍ଦ୍ଧାରିତ ହୋଇ ରହିଛି। ତେଣୁ ଲିପିର ବୈଜ୍ଞାନିକତା ଓ ଭାଷାର ବୋଧଗମ୍ୟତା ଦୃଷ୍ଟିରୁ ଜାତୀୟ ସଂସ୍କୃତିକୁ ପ୍ରତିନିଧିତ୍ୱ କରୁଥିବା ହିନ୍ଦୀ ଏକ ସମୃଦ୍ଧ ଭାଷା ହୋଇ ଭାରତ ମାତାର ଶ୍ରୀ ବୃଦ୍ଧିରେ ସହାୟକ ହେବ ଏଥିରେ ସନ୍ଦେହ ନାହିଁ।

*ସ୍ନାତକୋତ୍ତର ହିନ୍ଦୀ ଶିକ୍ଷକ*
*ଜବାହାର ନବୋଦୟ ବିଦ୍ୟାଳୟ ,*
*ପାଲଝର ,ବୌଦ୍ଧ*

# ସମ୍ଭବାମି ଯୁଗେ ଯୁଗେ



**ଦେବସ୍ମିତା ବିଶ୍ୱାଳ**

ଶ୍ରୀକୃଷ୍ଣ ଭଗବାନଙ୍କ ଅବତାର। ସିଏ ହିଁ ଜଗନ୍ନାଥ, ସେ ହିଁ କୃଷ୍ଣ କୃଷ୍ଣ। ସେ ହିଁ ଭଗବାନ। ତେଣୁ କୁହାଯାଏ "କୃଷ୍ଣସ୍ଥ ଭବନା ସ୍ୱୟମ", ତାଙ୍କର ମହିମା ଅଲୌକିକ, ଅସାଧାରଣ। ଆମେ ତାଙ୍କୁ ଦେଖୁ ଗୋପାଳକ, ଅଦ୍ଭୁତ ଶକ୍ତିର ଅଧିକାରୀ, ରସିକନାଗ, ରଥର ସାରଥୀ, ଯୁଦ୍ଧ ବିଶାରଦ, ଜଣେ ଜଣେ ଉତ୍ତମ ସଖା, ଦାର୍ଶନିକ ଭାବରେ। ଏମିତି ଅନେକ ଗୁଣ, ରୂପର ସମାହାର ଶ୍ରୀକୃଷ୍ଣ।

ଧରାପୃଷ୍ଠରୁ ପାପର ବିନାଶ ପାଇଁ ସାଧୁସନ୍ଥଙ୍କ ଉଦ୍ଧାର କରିବାକୁ ଭଗବାନ ମର୍ତ୍ତ୍ୟରେ ଯୁଗ ଯୁ ଧରି ଜନ୍ମଗ୍ରହଣ କରିଛନ୍ତି। ସ୍ୱୟଂ ଭବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି-

"ଯଦାଯଦା ହି ଧର୍ମସ୍ୟ, ଗ୍ଲାନିର୍ଭବତି ଭାରତ,

ଅଭ୍ୟୁତ୍‌ଥାନମଧର୍ମସ୍ୟ, ତଦାତ୍ମାନଂ ସୃଜାମ୍ୟହଂ।

ପରିତ୍ରାଣାୟ ସାଧୁନାଂ ବିନାଶାୟ ଦୃଷ୍କୃତାଂ।

ଧର୍ମସଂସ୍ଥାପନାର୍ଥାୟ, ସମ୍ଭାବାମି ଯୁଗେଯୁଗେ।

ସେ ଅନାଦି, ଅନନ୍ତ। ତାଙ୍କୁ ପାଇବା ପାଇଁ ମୁନି, ଋଷିମାନେ ଲକ୍ଷଲକ୍ଷ ବର୍ଷ ତପସ୍ୟା କରିଛନ୍ତି।

ଭଗବାନଙ୍କ ଅଷ୍ଟମ ଅବତାର, ଜଗତର ରକ୍ଷକ, ଶ୍ରୀକୃଷ୍ଣଙ୍କ ପୁଣ୍ୟ ଜନ୍ମତିଥି ହେଉଛନ୍ତି ଭାଦ୍ରବ ମାସର କୃଷ୍ଣପକ୍ଷ ଅଷ୍ଟମୀ ତିଥି। ଏହି ପବିତ୍ର ଦିନକୁ ଜନ୍ମାଷ୍ଟମୀ ଭାବେ ସମଗ୍ର ଦେଶରେ ପାଳନ କରାଯାଏ। ଶ୍ରୀକ୍ଷେତ୍ରରେ ଏହାକୁ ଆଧାର କରି ନବମୀ ଦିନ ନନ୍ଦ ଉତ୍ସବ, ଦଶମୀରେ ବଣଭୋଜି ବେଶ, ଏକାଦଶୀରେ କାଳୀୟ ଦଳନ ବେଶ, ତ୍ରୟୋଦଶୀରେ କୃଷ୍ଣ ବଳରାମ ବେଶ ପ୍ରଭୃତି ଉତ୍ସବ ପାଳନ କରାଯାଏ।

ଭଗବାନ ଶ୍ରୀକୃଷ୍ଣ ଜନ୍ମ ସମ୍ପର୍କରେ ପୌରାଣିକ ଆଖ୍ୟାନ ରହିଛି। କଂସାସୁରର ନିର୍ମମ ଅତ୍ୟାଚାରରେ ଅତିଷ୍ଠ ହୋଇ ଦେବତା ମାନେ ଭଗବାନ ବିଷ୍ଣୁଙ୍କ ନିକଟରେ ଗୁହାରି କରିଥିଲେ। ଭଗବାନ ବିଷ୍ଣୁ ଆଶ୍ୱାସନା ଦେଲେ, ଭୟ କରନାହିଁ ଦେବଗଣ। ମୁଁ ଖୁବ୍‌ଶୀଘ୍ର ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମ ନେବି। କଂସକୁ ବିନାଶ କରି ସାଧୁସନ୍ଥଙ୍କୁ ପରିତ୍ରାଣ କରିବି।

କଂସର ଭଉଣୀ ଦେବକୀ ଓ ତ୍ୱାଙ୍କ ବସୁଦେବକୁ ନେଇ କଂସ ରଥରେ ଗଲାବେଳେ ଶୂନ୍ୟବାଣୀ ହେଲା ରେ କଂସ, ତୁ ଯାହାକୁ ସାଙ୍ଗରେ ଆନନ୍ଦ ମନରେ ରଥରେ ବାହି ଚାଲିଛୁ, ତା'ର ଅଷ୍ଟମ ଗର୍ଭର ସନ୍ତାନ ତୋର ମୃତ୍ୟୁର କାରଣ ହେବ। କଂସ ଏଥିରେ ସ୍ତମ୍ଭୀଭୂତ ଓ ଭୟଭୀତ ହୋଇ ପଡିଲା। ସେ ଅଧାବାଟରୁ ରଥ ଫେରାଇ ଆଣି ତୁରନ୍ତ ଦେବକୀ ଓ ତାର' ସ୍ୱାମୀ ବସୁଦେବଙ୍କୁ ବନ୍ଦୀଶାଳାରେ ନେଇ ରଖିଲା। ପିତା ଉଗ୍ରସେନଙ୍କୁ ଗାଦିଚ୍ୟୁତ କରି ବନ୍ଦୀଶାଳାର ଦ୍ୱାରପାଳ କରି ରଖିଲା।

କଂସ ମନରେ ଭାବିଲା- ମୂଳୁ ମାଇଲେ ଯିବସରି, ଦେବଙ୍କ ସଙ୍ଗେ କିମ୍ପା କଳି। ବନ୍ଦୀ ଶାଳାରେ ଦେବକୀ ଗର୍ଭରୁ ଜନ୍ମିତ ଗୋଟି ଗୋଟି କରି ସାତଟି ଯାକ ପୁତ୍ରକୁ ହତ୍ୟା କଲା ସେ। ପରିଶେଷରେ ସେଇ ଆଲୋକର ଦିନ, ମୁକ୍ତିର ସମୟ ଆସିଗଲା। ଦେବକୀଙ୍କ ଅଷ୍ଟମ ଗର୍ଭରୁ ସ୍ୱୟଂ କୃଷ୍ଣ ଭୂମିଷ୍ଠ ହେଲେ। କାରାବକ୍ଷ ଆଲୋକିତ ହେଲା। ସମସ୍ତ ସୈନ୍ୟ, ପ୍ରହରୀ ନିଦ୍ରାଭିଭୂତ ହୋଇପଡିଲେ। ଅପୂର୍ବ, ଅପାର ସେ ଦୃଶ୍ୟ। ଭକ୍ତ କବି ଦୀନକୃଷ୍ଣଙ୍କ ଭାଷାରେ -

"କଲେ ଶଙ୍ଖଚକ୍ର ଧରି କଂସଠାରେ
କ୍ରୋଧ କରି
ବାଳକାଳୁଁ ବୀରବେଶ କଲେ ପ୍ରକାଶ।
କିରଣ ପ୍ରକାଶ, ପା ଅନ୍ଧାର ନାଶ
କଟି ତଟ ପୀତ ବସନ
କଳା ମେଘ କୋଳରେ ବିଜୁଳି
ଯେସନ"

ଅନିନ୍ଦ୍ୟ ବୀରବେଶ, କଟିରେ ପୀତବସନ, କଣ୍ଠରେ କଉସ୍ତୁଭ ମଣିଏ ଜଗତ ମୋହନ ରୂପ, ନବଜାତ ଶିଶୁକୁ ନେଇ ବସୁଦେବ ଚାଲିଲେ ଗୋପପୁରକୁ। ମୂଷଳ ଧାରାରେ ବର୍ଷା ହେଉଥାଏ। ସପ୍ତଫେଣୀ ନାଗ ତାକୁ ଛତ୍ର ଆକାରରେ ଘୋଡାଇ ରଖିଲା। ଯମୁନା ନଈ ଉଚ୍ଛୁଳୁଥାଏ। ହଠାତ୍ ଶୁଖିଲା ହୋଇଗଲା। ନନ୍ଦରାଜାଙ୍କର କନ୍ୟାଟିଏ ଜନ୍ମ ହୋଇଥିଲା। ଭଗବାନଙ୍କ ନିର୍ଦ୍ଦେଶରେ ଶିଶୁ ପୁତ୍ରକୁ ରଖି, ସେଇଠୁ ବସୁଦେବ ନେଇ ଆସିଲେ କନ୍ୟାଟିକୁ। ହଠାତ୍ ଶିଶୁର କ୍ରନ୍ଦନରେଳରେ ପ୍ରହରୀମାନଙ୍କ ନିଦ୍ରା ଭଙ୍ଗ ହେଲା। କଂସ ରାଜା ପାଖକୁ ଖବର ଗଲା ଦେବକୀର ଅଷ୍ଟମ ଗର୍ଭରୁ କନ୍ୟାଟିଏ ଜନ୍ମ ନେଇଛି। ସେ ବିଶ୍ୱାସ କରିପାରିଲା ନାହିଁ। ଦେବବାଣୀ ମିଥ୍ୟା କିପରି ହେଲା? ଧାଇଁଗଲା ବନ୍ଦୀ ଶାଳାକୁ। ଦେବକୀର ବିକଳ କାନ୍ଦଣା ସତ୍ତ୍ୱେ କନ୍ୟାଟିକୁ ପଥର ଦେହରେ ନିଷ୍ଠୁର ଭାବରେ କଚାଡି ଦେଲା। କନ୍ୟାଟି ଶୂନ୍ୟକୁ ଯାଇ ହସି ହସି କହିଲା- ରେ ମୂର୍ଖ କଂସ, ମୁଁ ବିଜୁଳି କନ୍ୟା। ତୋର ଶତ୍ରୁ ଗୋପପୁରରେ ବଢୁଛି।

କଂସ କ୍ରୋଧରେ ଜଳିଗଲା। ସୈନ୍ୟମାନଙ୍କୁ ଆଦେଶ ଦେଲା, ଗୋପପୁରର ସମସ୍ତ ଶିଶୁଙ୍କୁ ବଧ କରିବା ପାଇଁ। ପୁତନା, ଅଘାସୁର, ବକାସୁର, ଶକଟାସୁର, ପ୍ରଲମ୍ବାସୁର ଧାଇଁଗଲେ କୃଷ୍ଣଙ୍କୁ ମାରିବା ପାଇଁ। କୃଷ୍ଣଙ୍କ ହାତରେ ସମସ୍ତ ଅସୁରଙ୍କର ବିନାଶ ହେଲା।

ଭଗାବ ଶ୍ରୀକୃଷ୍ଣଙ୍କୁ ଜନ୍ମ ଧରାପୃଷ୍ଠରେ ଶାନ୍ତି ଓ ଆନନ୍ଦ ଆଣିଦେଲା। କଂସ, ଚାଣୁର, ଜରାସନ୍ଧ ଭଳି ବହୁ ଦୈତ୍ୟଙ୍କୁ ସେ ସଂହାର କଲେ। ପାଣ୍ଡବଙ୍କ ପକ୍ଷରେ ରହି କୌରବ ବଂଶ ବିନାଶ କଲେ। ପରିଶେଷରେ ଜରାଶବର ହସ୍ତରେ ତାଙ୍କର ମୃତ୍ୟୁ ହେଲା।

ଶ୍ରୀକୃଷ୍ଣଙ୍କ ଜନ୍ମ ଓ ତାଙ୍କର ଅଲୌକିକ ଗୁଣାବଳୀରେ ସ୍ମାରକୀ ସ୍ୱରୂପ ଦେଶରେ ପାଳିତ ହୁଏ ଜନ୍ମାଷ୍ଟମୀ। ମଥୁରା, ଗୋପପୁର, ଦ୍ୱାରକା ସମେତ ଦେଶର ସମସ୍ତ ଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ମନ୍ଦିରରେ ଜନ୍ମାଷ୍ଟମୀ ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଥାଏ। କୃଷ୍ଣଭକ୍ତ ମାନେ ଦିନସାରା ଉପବାସ ରହି ଉତ୍ସବକୁ ପାଳନ କରନ୍ତି। ଘରେ ଘରେ, ମନ୍ଦିରରେ ଭାଗବତ ଗ୍ରନ୍ଥର ଦଶମ ସ୍କନ୍ଧ ଗୋପଲୀଳା ପାଠ କରାଯାଏ। ଏହି ବ୍ରତ ସ୍ମାର୍ତ୍ତ ମତରେ ଓ ବୈଷ୍ଣବ ମତରେ ଦୁଇଦିନ ପାଳିତ ହୋଇଥାଏ। ଗୌଡୀୟ ବୈଷ୍ଣବମାନେ ନବମୀ ଦିନ ନନ୍ଦୋତ୍ସବ ପାଳନ କରିଥାନ୍ତି।

ଭଗବାନ ଶ୍ରୀକୃଷ୍ଣଙ୍କର ପୁଣ୍ୟ ଜନ୍ମତିଥିକୁ ଲୋକେ ନିଷ୍ଠା ଓ ପବିତ୍ରତାର ସହ ପାଳନ କରି ନିଜକୁ ଧନ୍ୟ ମନେ କରିଥାନ୍ତି ଏବଂ ଗାଇଥାନ୍ତି – 'ହରେକୃଷ୍ଣ, ହରେ କୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ' ଓଁ ଭଗବତେ ବାସୁଦେବାୟ ନମଃ'

*ସାଲେପୁର, କଟକ*
*ଦୂରଭାଷ : ୭୦୦୮୧୮୧୯୯୭*


## ଧାରାବାହିକ ଉପନ୍ୟାସ

# ଅନ୍ତ ଦୃଶ୍ୟ



**କ୍ଷୀରୋଦ ଦାସ**

ଭାଗ-୧୧




(ପୂର୍ବପ୍ରକାଶ ଉତ୍ତାରୁ)

ତାଙ୍କ ସମୟରେ ତ ଜଣେ ଯକ୍ଷ୍ମାରୋଗୀକୁ ତା ବେଡ୍ ଉପରେ ଏକ ଚିତିସାପ କାମୁଡିବାରୁ ତା'ର ମୃତ୍ୟୁ ହୋଇଯାଇଥିଲା। ସେଥିପାଇଁ ସରକାର ହସ୍ପିଟାଲର ମୁଖ୍ୟ ପରିଚାଳକ ଡାକ୍ତର ଶ୍ୟାମପ୍ରସାଦ ଗନ୍ତାୟତଙ୍କୁ ଛ' ମାସ ପାଇଁ ଚାକିରିରୁ ନିଲମ୍ବନ କରିଥିଲେ।

ଏବେ ତ କ୍ୟାମ୍ପସ୍ ପରିସର ଚିକ୍‌ଚିକ୍ ମାର୍ବଲରେ ଶୋଭା ପାଉଛି। ଅନେକ ନୂଆ ଓ ଅତ୍ୟାଧୁନିକ ବିଭାଗ ଖୋଲିବା ସହିତ ହସ୍ପିଟାଲର ଆଙ୍ଗିକ ଅବସ୍ଥାରେ ମଧ୍ୟ ଅନେକ ପରିବର୍ତ୍ତନ ଘଟିଛି। ଏବେ ତାଙ୍କ ସମସାମୟିକ ସବୁ ଡାକ୍ତର, ନର୍ସ ଏବଂ ଅନ୍ୟ ଷ୍ଟାଫ୍‌ମାନେ ଅବସର ନେଇ ସାରିଲେଣି। କିଛି ଲୋକ ନିଜ ନିଜ ଧନ୍ଦାରେ ଲାଗିଥିବେ। ଆଉ କିଛି ଲୋକ ଇହଧାମ ତ୍ୟାଗ କରି ସାରିବେଣି। କିଏ ବା କାହାର ଖବର ରଖୁଛି ?

ସମୟର ଚକ୍ର ଭିତରେ ସାମାନ୍ୟ ଏକ କ୍ରୀଡନକ ଭଳି ମଣିଷ ଯାହା ଆତଯାତ ହେଉଛି।

ଗାଡି ଭିତରେ ନିରବରେ ବସିଥିଲେ ଡାକ୍ତର ଶୁଭକାନ୍ତ। ଗୋଟେ ଅସ୍ଥିର ଉଦ୍‌ବେଳନ ତାଙ୍କ ଭିତରେ ତାଙ୍କୁ ହଲାପଟା କରୁଥିଲା। ଏକ ଅସ୍ୱସ୍ତିକର ଭାବନା କଣ୍ଠାଗ୍ରତ କରିପକାଉଥିଲା ତାଙ୍କୁ ଇନିସ୍‌ପେକ୍ଟରଙ୍କୁ ଅନୁରୋଧ କରି ସେ ସିନା ଚାଲିଆସିଲେ ଝିଅଟିକୁ ହସ୍ପିଟାଲ୍ ବେଡ୍‌ରେ ଦେଖା କରିବା ପାଇଁ! ହେଲେ ଏଠିକୁ ତାଙ୍କର ଆସିବା କେତେଦୂର ଯୁକ୍ତିଯୁକ୍ତ ?

ଯେଉଁ ହସ୍ପିଟାଲ୍‌ରେ ସେ ଏକଦା ଜଣେ ସମ୍ମାନାସ୍ପଦ ଡାକ୍ତର ଥିଲେ, ହଜାର ହଜାର ରୋଗୀ କୁଆଡୁ କୁଆଡୁ ଆସି ତାଙ୍କଠାରୁ ଚିକିତ୍ସା ପାଇବା ପାଇଁ ଦିନ ଦିନ ଅପେକ୍ଷା କରି ରହୁଥିଲେ, ଏବେ ସେ ଏଠାକୁ ଛପି ଛପି ଆସିଛନ୍ତି ଜଣେ ବଳାତ୍କାରୀର ପିତାର ପରିଚୟକୁ ଗୋପନ ରଖି ବଳାତ୍କୃତ ଝିଅଟିକୁ ଦେଖା କରିବା ପାଇଁ!

ଭାଗ୍ୟର କି ବିଡମ୍ବନା! ସମୟର କି କ୍ରୂର ପରିହାସ ତତେ! ସଂହମୟ ତାଙ୍କ ପରି ଜଣେ ଶାନ୍ତ, ସରଳ, ସଂଭ୍ରାନ୍ତ ମଣିଷକୁ କେଉଁଠୁ ନେଇ କେଉଁଠାରେ ଫୋପାଡିଲାଣି, ଦେଖ! କେଡେ ବଳବାନ ଏ ସମୟ! କେଡେ ବେଦର୍ଦ୍ଦୀ ଆଉ ବେଇମାନ ସତେ!

ସମୟ କେବେ ବେଦର୍ଦ୍ଦୀ ଆଉ ବେଇମାନ ହୋଇପାରେନା - ଶୁଭକାନ୍ତଙ୍କ ଅନ୍ତରାତ୍ମା କହିଲା : ତାହା ସ୍ଥିର ଅଥଚ ପ୍ରବହମାନ। ତାହା କ୍ରୂର ଅଥଚ କ୍ଷମାଶୀଳ। ତାହା କ୍ଷୁବ୍ଧ ଅଥଚ ଶାନ୍ତ। ବାସ୍ତବରେ ମଣିଷ ହିଁ ବେଇମାନ, ବେଦର୍ଦ୍ଦୀ। ସମୟ ତାକୁ ଯେତେ ସୁବିଧା ସୁଯୋଗ ଦେଲେ ବି, ଯେତେ ଶିକ୍ଷା ଦେଲେ ବି, ଯେତେ କ୍ଷମା ପ୍ରଦାନ କଲେ ବି ସେ ନିଜକୁ ସୁଧାରି ପାରେନା କିମ୍ବା କିଛି ବି ଶିକ୍ଷା କରିପାରେନା। କିଛି ବି ପରିବର୍ତ୍ତନ ଘଟେନା ତା' ପ୍ରକୃତିର।

ଯେତେ ପରାମର୍ଶ ଦେଲେ ବି, ଯେତେ ଆକଟ ଅନୁରୋଧ କଲେ ବି ନିଜକୁ ସାମାନ୍ୟ ବି ସୁଧାରି ପାରିଲା କି ସଂଜୟ! କିଛି ବି ପରିବର୍ତ୍ତନ ହେଲା କି ତା'ର ବ୍ୟବହାର ଓ ଚାଲିଚଳନରେ! ଭାରି ଶାନ୍ତ ଓ ସୁଧାର ଭାବରେ ବିତିଥିଲା ତା ପିଲାଦିନ। ସେମାନଙ୍କ ବିବାହର ଏଗାର ବର୍ଷ ପରେ ସଂସାରକୁ ଆସିଥିବା ଯେ ପିଲାଟି ପାଇଁ ରାଜଲକ୍ଷ୍ମୀ ଧୀରେ ଧୀରେ ଚିକିତ୍ସା ବିଜ୍ଞାନ ଉପରୁ ଆସ୍ଥା ତୁଟାଇ ହଜାରେ ଦେବଦେବୀଙ୍କ ଶରଣାପନ୍ନ ହୋଇଥିଲେ। ସ୍ତ୍ରୀ-ରୋଗ ଓ ପ୍ରସୂତି ବିଭାଗର ସୁନାମଧନ୍ୟ ଡାକ୍ତର ଭାବରେ କେତେକେତେ ନାରୀମାନଙ୍କୁ ଚିକିତ୍ସା କରି ସେମାନଙ୍କୁ ବନ୍ଧ୍ୟା ଦୋଷରୁ ମୁକ୍ତ କରିଥିବା ଖୋଦ୍ ଶୁଭକାନ୍ତ କିନ୍ତୁ ନିଜ ବେଳକୁ ହାରି ଯାଇଥିଲେ।

ଅନେକ ଦେବାଦେବୀଙ୍କ ଆଶୀର୍ବାଦର ଫଳ ହେଉଛି ଏଇ ତାଙ୍କ ପୁଅ-ସଞ୍ଜୟ। ଏକଥା ମୁକ୍ତ କଣ୍ଠରେ ବାରମ୍ବାର ଘୋଷଣା କରନ୍ତି ରାଜଲକ୍ଷ୍ମୀ। ଅତିକ୍ରାନ୍ତ ବୟସରେ ଏକମାତ୍ର ପୁତ୍ରର ଜନ୍ମ। ଆନନ୍ଦର ଅତିଶଯ୍ୟରେ ସ୍ୱାମୀ-ସ୍ତ୍ରୀ ଦୁହିଁଙ୍କ ଗୋଡ ତଳେ ଲାଗୁ ନଥିଲା। ଗୋଟେ ସତେଜ ଫୁଲତୋଡା ଭଳି ବିଭୋର ଓ ସ୍ୱପ୍ନଚ୍ଛନ୍ନ ଦେଖାଯାଉଥିଲା ରାଜଲକ୍ଷ୍ମୀଙ୍କ ମୁହଁ। ସୁଖ ଆଉ ସମୃଦ୍ଧିରେ ଉଚ୍ଛୁଳୁ ମୁଛୁଳୁ ହେଉଥିଲା ତାଙ୍କ



ଜୀବନପାତ୍ର। ନିଃସଙ୍ଗ ଓ ରିକ୍ତ ଲାଗୁଥିବା ପୃଥିବୀଟା ପରିପୂର୍ଣ୍ଣ ହୋଇଯାଇଥିଲା ଦିଗନ୍ତବ୍ୟାପୀ ସବୁଜିମାରେ।

ପୁତ୍ର ମୋହରେ ଏକବାର ଅନ୍ଧ ହୋଇଯାଇଥିଲେ ରାଜଲକ୍ଷ୍ମୀ। ଦୁନିଆର ସବୁ ସୁଖ, ସବୁ ସ୍ୱାଚ୍ଛନ୍ଦ୍ୟ ତୋଳିଆଣି ପୁଅ ଉପରେ ଅଜାଡି ପକାଇବାକୁ ସବୁବେଳେ ଚେଷ୍ଟିତ ଥିଲେ ସେ। ତାଙ୍କର ଏଇ ଅନନ୍ୟ, ଅମୂଲ୍ୟ ପ୍ରାପ୍ତି ଏତେ ବିଶାଳ ଥିଲା ଯେ, ସେ ବାସ୍ତବିକ ଭୁଲିଯାଇଥିଲେ ସବୁ ଦୁଃଖ, ସବୁ ଅପୂର୍ଣ୍ଣତା।

ସବୁ ଥିଲା। ଧନ, ମାନ, ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ ସବୁ। ସ୍ନେହ ଓ ମମତାର ଘିଅ ମହୁରେ ଭାସୁଥିଲେ ଦୁଇଟି ମଣିଷ। ଶୁଭକାନ୍ତ ଓ ରାଜଲକ୍ଷ୍ମୀ। ଥିଲା ଗୋଟିଏ ଅଭାବବୋଧ। ତାହା ବି ପୂରଣ ହୋଇଗଲା ଦୈବୀକୃପାରୁ। ଜୀବନ ଓ ସଂସାର ଭିତରେ ଆନନ୍ଦ ଉଲ୍ଲାସର ମହୋତ୍ସବ ସୃଷ୍ଟି କରି, ପୃଥିବୀକୁ ଆଉ ଟିକେ ମନଲୋଭା ଓ ସୁନ୍ଦର କରି ନୂତନ ଆଗନ୍ତୁକ ଭାବରେ ସନ୍ତାନଟିଏ ଆସିଲା ରାଜଲକ୍ଷ୍ମୀଙ୍କ କୋଳକୁ, ସେମାନଙ୍କର ଦୀର୍ଘଦିନର ତପସ୍ୟାର ତଥାସ୍ତୁ ହୋଇ। ସଂସାର ନଈରେ ସେମାନଙ୍କ ଜୀବନ ନୌକା ହଲିଦୋହଲି ଚାଲୁଥିଲା ବାଧାହୀନ ଭାବରେ।

ଏକ ସୁନ୍ଦର ଫାଲ୍‌ଗୁନ ସଞ୍ଜରେ ଜନ୍ମ ହୋଇଥିବାରୁ ପୁଅର ନାମ ଦିଆଗଲା ସଂଜୟ। ଡାକ ନାମ ସଂଜୁ। ଜୀବନ ଯେ ଏକ ସତେଜ ସବୁଜ ରଙ୍ଗିନ ଫୁଲବଗିଚା ଏକଥା ସଙ୍ଗେ ସକାଳେ ପ୍ରତିପାଦିତ କରୁଥିଲା ସଂଜୁର ଠୁକୁଠୁକୁ ଚାଲି, ଖିଲିଖିଲି ହସ, ମିଠା ମିଠା ଦରୋଟି କଥା। ଜୀବନକୁ ମହିମାନ୍ୱିତ କରୁଥିଲା ତାର ଉଉଲଡାଉଳ ଚେହେରା।

ବଦଳିଗଲା ରାଜଲକ୍ଷ୍ମୀଙ୍କ ଜୀବନର ପରିପାଟୀ। ତାଙ୍କ ଦେହ ଓ ମହଁର ସବୁ ନିରସତା ଓ ନିସ୍ପୃହ ଭାବ ଉଭାନ ହୋଇଗଲା କୁଆଡେ। ସକାଳୁ ରାତି ଅଧ ଯାଏ ସେ କେବଳ ଲାଗି ରହିଥିଲେ ପୁଅର କାମରେ। ମା' ଓ ପୁଅଙ୍କ ସୁଖ ଦେଖି ଆତ୍ମବିଭୋର ହେଉଥିଲେ ଶୁଭକାନ୍ତ। ବଡ ହେଉଥିଲା ସଂଜୁ। ତତ୍ପରତା ବଢୁଥିଲା ରାଜଲକ୍ଷ୍ମୀଙ୍କର।

ବୋଧହୁଏ ସଂଜୁକୁ ସେତେବେଳେ ତିନି କି ଚାରିବର୍ଷ ହେବ। ଥରେ ଅପରାହ୍ନରେ ଘର ଆଗରେ ସାଙ୍ଗ ପିଲାମାନଙ୍କ ଗହଣରେ ଦୌଡାଦୌଡି ଖେଳୁଥିବା ବେଳେ ଜଣେ ପିଲାର ଦେହରେ ପିଟିହୋଇ ସଂଜୁ ପଡିଗଲା ତଳେ। ଦୂରରୁ ଏକଥା ଲକ୍ଷ୍ୟ କରୁଥିଲେ ରାଜଲକ୍ଷ୍ମୀ। ଧାଇଁଆସି କାନ୍ଦୁଥିଲା ପୁଅକୁ ତଳୁ ଉଠାଇ କହିଲେ- "ତୁ ପୁଅପିଲାଟି, କାନ୍ଦୁଚୁ ଗୋଟେ କଣ ? ଯା, ଯେଉଁ ପିଲା ତତେ ତଳେ ପକାଇଦେଲା, ଧକ୍କା ମାରି ତାକୁ ତଳେ ପକଇଦେ..."

ସଂଜୁ ସଙ୍ଗେ ସଙ୍ଗେ ଆଦେଶ ପାଳନ କଲା ମା'ର।

ଏକଥା ଶୁଭକାନ୍ତଙ୍କ କାନରେ ପଡିଲା। ସେ ପତ୍ନୀଙ୍କୁ କହିଲେ- "ପିଲାଙ୍କୁ କ'ଣ ଏପରି ଶିକ୍ଷା ଦିଆଯାଏ ? ତୁମେ ତାକୁ ବୁଝାଇ ଦେଇଥାଆନ୍ତ। ସେତକ ନ କରି ପିଲାକୁ ଆହୁରି ହିଂସ୍ର ଓ ପ୍ରତିଶୋଧପରାୟଣ ହେବାକୁ ପ୍ରବର୍ତ୍ତାଉଛ! ପିଲାର ମନରେ କି ପ୍ରଭାବ ପଡିବ ? ସେ କଣ ଶିକ୍ଷା କରିବ ଏଥିରୁ।

(କ୍ରମଶଃ)

## ନିର୍ଭୀକ ଲେଖିକା



# ଉଦୟରାଗ



**ସୁମିତା ବେହେରା**

ମାତୃଗର୍ଭରୁ ଅନ୍ଧାରକୁ ଭେଦ କରି
ଆଲୁଅକୁ ଅନୁଭବି ଥିବା ପରି
ଗର୍ଭବତୀ ରାତିର ଜରାୟୁରେ
ପ୍ରତି ମୁହୂର୍ତ୍ତରେ ଶ୍ୱାସ ନେଉଥାଏ
ଏକ ସମ୍ଭାବ୍ୟ ଜୀବନ,
ଅନୁରାଗର ଶୀତଳତାରେ
ଅଲକ୍ଷ୍ୟରେ ଝରୁଥିବା କାକର ବିନ୍ଦୁ
ଘୋଡାଇ ରଖିଥାଏ
ଦରଜର ଦୈର୍ଘ୍ୟ, ପ୍ରସ୍ଥ
କୁଆଁ ମେଲୁଥାଏ ତା ସହିତ
କିଛି ସଜୀବ, ସଚଳ ସ୍ୱପ୍ନ।

ନିର୍ଜନତାର ଅସହାୟତାରେ ବି
ନାନା ରଙ୍ଗରେ ରଙ୍ଗେଇ ହୁଏ ଚିତ୍ର ଖାତା ପରି
ଫାଳେ ଜୀବନ୍ତ ପଣତ,
ଟିକେ ମହୁବୋଳା ମିଠା
ଟିକେ ଖଟା, ଟିକେ କଷା
ଟିକେ ରାଗ, ଟିକେ ଈର୍ଷାରେ
ସଜେଇ ହୁଏ, ତାର ସକଳ ସାମର୍ଥ୍ୟ।
ଖଣ୍ଡେ ଇତିହାସକୁ
କାଇଦାରେ କବର ଦେଇ
ସ୍ୱରହୀନ ନିରବତାକୁ
ଛନ୍ଦମୟ କରିବାକୁ ରଚୁଥାଏ ଚନ୍ଦ୍ରବନ୍ଧନୀ
ଧୂଳିର ଚଦର ଘୋଡେଇ
ନିଦରେ ଥିବା ଗଛ, ବୃଛ, ମଣିଷ
ସଭିଏଁ ଅନାହତ ଅପେକ୍ଷାରେ
ପ୍ରେମର ଯାଚନାରେ।

ଧିମା ଅନ୍ଧାର ରାତିକୁ ପିଠିକରି
ବୃନ୍ତରେ ଫୁଟୁଥିବା ଫୁଲ ପରି
ମଣିଷ ଫୁଟିବାକୁ ଆରମ୍ଭ କରେ
ବିଶ୍ୱାସରେ ସେଇ ଆଲୁଅ ଟିକକ ଭରସାରେ।

*ବାରିପଦା*
*ଦୂରଭାଷ : ୬୩୭୨୮୫୬୯୯୪*

# ରେବତୀର ବିଳାପ



**ଅନସୂୟା ମହାପାତ୍ର**

କାଲି
ରେବତୀ ମୁଁ
କେଉଁ ଏକ ଅତୀତ ପୃଷ୍ଠାରେ
ପରିଚୟ କ୍ଷୁଦ୍ର ମୋର
ଗୁଞ୍ଜରିତ କର୍ଣ୍ଣଗୁହରରେ
ଟିରିଲାଟିଏ ମୁଁ
ପିଠାପଣା ଅବା ଝୋଟି ଦେବାର
ଜେଜିମାର ଏକ ଛୋଟ ଦୁନିଆରେ ବନ୍ଦୀ
ବ୍ୟାସଙ୍କର ସର୍ଜନାରେ ପରାହତ
ମୁଁ ଏକ ସୁଷୁପ୍ତ କାହାଣୀ
ବାରଣ ଥିଲା ମୋ ପାଇଁ
ଜାଣିବାକୁ ଅଜଣା ଦୁନିଆ
କାଳର ସେ କଳା ଛାୟା
ପୋଛିନେଲା ପିତା ମାତା
ପ୍ରିୟଜନ ବାସୁଭାଇଟିକୁ
ସ୍ୱପ୍ନାତୁର ମୋ ଜୀବନ
ପ୍ରଜାପତି ଡେଣା ନେଇ ଉଡୁଥାଏ
ଆକଟର ଓଢଣୀ ଟେ ଟାଣି
ମୋ ଜେଜୀମା ଦାଣ୍ଡ ପିଣ୍ଡାଟାରେ
ଲୋ ରେବି ଲୋ ନିଆଁ ଲୋ ଚୁଲୀ ଡାକ
ତୋଳୁଅଛି ନିଜ ଅନ୍ତିମ ସ୍ୱରର
ଅସହାୟ ଏକ ଅନ୍ତରାଗଟିଏ ।


ଆଜି
ରେବତୀ ମୁଁ
ବର୍ତ୍ତମାନର ଉଜ୍ଜ୍ୱଳ ପୃଷ୍ଠାରେ
ପରିପୁଷ୍ଟ ମୁଁ ସନ୍ତୁଷ୍ଟ
ସମୟର ଘୂର୍ଣ୍ଣନ ଭଉରୀରେ
ମୁଁ ସଶକ୍ତିକରଣର ଧ୍ୱଜାଧାରୀ
ଜାଣିଜାଣି ଜିଣିଛି ଦୁନିଆ
ମୁହିଁ ମୋର ବାହୁବଳେ
ଲିଭାଇ ସେ ଲକ୍ଷ୍ମଣର ରେଖା
ଡେଇଁଛି ମୁଁ ସାତଦରିଆ ତେର ନଈ
ଏ ମାଟିରୁ ଚନ୍ଦ୍ରୟାନ ଯାଏଁ
ଅଗମ୍ୟକୁ ଗତି କରି
ଲିଭିଛି ମୋ ଜେଜେମାର ସ୍ୱର
ସେବା ଢାଳେ ଅଗଣାରୁ ମହାକାଶ ଯାଏ
ଶାସନ ଅବା ଶୃଙ୍ଖଳାର ରଜ୍ଜୁଧରି
ହୃଦୟର ଦୁର୍ଲଂଘ୍ୟ ଆଦେଶରେ
ସ୍ୱୟଂସିଦ୍ଧା ମୁଁ ପାରଗ ପଣରେ
ଆକାଂକ୍ଷା ମୋ ଉନ୍ମୀଳିତ ବିକଶିତ
ନାହିଁମାତ୍ର ସନ୍ଦେହଟି ତିଳେ

*ଶିକ୍ଷୟିତ୍ରୀ*
*ଦୂରଭାଷା : ୮୭୬୩୩୯୭୧୯୯*

# ପେଚା



**ସୁନନ୍ଦା ମହାନ୍ତି**



ମାମୁଁଘରର ଗୋଟେ ନିଆରା ଆକର୍ଷଣ ଥାଏ ପିଲାଦିନେ ସବୁ ପିଲାମାନଙ୍କର। ଯେମିତି ବରାଦ ଅନୁଯାୟୀ ଅଜା ଆଣନ୍ତି ଖାଇବା ଦରବ ବଜାରରୁ ଆଉ ସେମିତି ବରାଦ ଅନୁଯାୟୀ ଗପ କହେ ଆଇ। ଆଜି କଲରା ବିଷୟରେ ଗପ କହ ତ ଆଇ, ବଖାଣିବ ଆଇ ସେଇ ଧାଇଁ ଧାଇଁ ଖାଏ କଲୁରୀ ବେଣ୍ଟ ଗପର ନୂଆ ସଂସ୍କରଣ। ସେମିତି ତାରା, ଫୁଲ, କିଆ, ସ୍ୱାରୀ, ଯୋଉ ଶବ୍ଦ କହିବ ଆଇ ବଖାଣିବ ସୁନ୍ଦର ଗପଟିଏ। ସେସବୁ ଗପ ଭିତରେ ଆଇ ତା ନିଜ ହିସାବରେ ଯେଉଁ ଶବ୍ଦରେ ଗପ କହେ ତାହା ଗୋଟେ ପେଚାର। ସେ ଗପରେ ଡାହାଣୀ ପେଚାର ବେକ ମୋଡି ରକ୍ତ ପିଇବା ଶୁଣି ଶୁଣି ପେଚା ପ୍ରତି ଗୋଟେ ଆନ୍ତରିକତା ଜାଗେ ଲିସା ମନରେ! କି ଅପରାଧ କରିଛି କେଜାଣି ପେଚା ପକ୍ଷୀ. ବଞ୍ଚିବାର ସ୍ୱାଦ ହରେଇ, ସବୁ ବେଳେ ଦାହାଣୀ ହାବୁଡ଼ରେ ପଡୁଛି ଥରକୁ ଥର।

ଯେତେ ଅନ୍ଧାରୁଆ ଗଳି, ଖୋପ ବା କୋରଡ଼ରେ ରହିଲେ ମଧ୍ୟ! ମାମୁଁ ଘରୁ ଫେରିଲା ପରେ ମନରେ ପେଚା ପ୍ରତି ଥିବା ଦୁର୍ବାର ଦୁର୍ବଳତା ଲିସାକୁ ପେଚାଟିଏ ପଞ୍ଜୁରୀରେ ରଖିବାର ଇଚ୍ଛାକୁ ଫଳବତୀ କରିବାକୁ ଇଚ୍ଛାରେ, ଯେତେ ନେହୁରା ହେଲେ ବି ବାପା କହୁଥିଲେ ଅଶୁଭ ପକ୍ଷୀଟିକୁ କେହି କଣ ପୋଷା କରେ ? ବୋଉ କହେ ତାକୁ ଦିନରେ ଦେଖାଯାଏନି, ବିଲେଇ ଝାମ୍ପ ମାରି ଖାଇଯିବନି ତାକୁ। ବୋଉର ସେଇ ପଦକ କଥାରେ ଲିସା ମନରେ, ପେଚାଟିଏ ପିଞ୍ଜରାବଦ୍ଧ କରିବା ନିଶା ର ଆଶା ଫୁଲ ମୌଳିଯାଇଥିଲା। ବଡ଼ ହେଲାବେଳକୁ ଆଇ ନଥିଲେ ସେ ପେଚା ଚଢେଇ ଗପର ପୁନରାବୃତ୍ତି କରିବାକୁ। ତା ଛଡା ଉଚ୍ଚ ଶିକ୍ଷା ସମାପ୍ତି, ତାପରେ ଶିକ୍ଷୟିତ୍ରୀ ଓ ପରେ ସ୍ତ୍ରୀ ହୋଇ ଯୁଗଳଙ୍କ ସଂସାରରେ ସମ୍ପୂର୍ଣ୍ଣ ଭୁଲିଯାଇ ଥିଲେ ପେଚା ନାମକ ଏକ ପକ୍ଷୀ ପାଇଁ ତାଙ୍କ ହୃଦୟରେ ବିରାଟ ଶୂନ୍ୟସ୍ଥାନଟିଏ ଥାଇପାରେ।

ସାଂସାରିକ ଜୀବନରେ, ଅନେକ ନଡିଆ, ଗୁଆ, କଦଳୀ ଗଛ ଭିତରେ ଲିସା ଲଗେଇ ଥାଆନ୍ତି ଆମ୍ବ ପଣସ, ପିଜୁଳି, ଜାମୁ ଓ ଫଳନ୍ତି ସେପେଟା ଗଛ। ପିଲାମାନେ ଚାକିରୀ କରି ବାହାଘର ପରେ ରହୁଥାନ୍ତି ଦୂରରେ। ଦିନେ ହଠାତ ଅର୍ଦ୍ଧନିର୍ମିତ ତିନି ତାଲା ଉପରକୁ ପେଚାଟିଏ ଉଡି ଆସିଲା। ତା ପଛେ ପଛେ ଡାହାଣୀ ଚିରିଗୁଣୀ, ପିତାଶୁଣୀ ପରି ମେଞ୍ଚାଏ କାଉ। କାଉଙ୍କ କା କା ରାବ ହିଁ ଜଣେଇ ଦେଇଥିଲା ପେଚାର ଅବସ୍ଥିତି ତ ଲିସା ଧାଇଁ ଯାଇଥିଲେ ଉପରକୁ। ଘରତୋଳା ପାଇଁ ରଖାଯାଇଥିବା ସିମେଣ୍ଟ, ବାଲି, ଗୋଡି, ଛଡ଼, ରଡ଼ ଭିତରେ ପଡିଉଠି ପେଚାଟିକୁ ଠାବ କରିବା ସମ୍ଭବ ହେଲାନି ସତ ହେଲେ କାଉ ମାନେ ଫେରିପଡୁଥିଲେ ସଗର୍ବରେ। ଫେରିଆସୁ ଆସୁ ନଜର ପଡିଲା ଜାକିଜୁକି ଗୋଟେ ଠଣା ଭଳି ହୋଇଥିବା ସ୍କାଏ ଲାଇଟ ଖୋପ ଭିତରେ ଜଡ଼ସଡ଼ ଅବସ୍ଥାରେ ପେଚାଟି। ବହୁଦିନର ଆଶା ପୁଣି ଉଜ୍ଜୀବିତ ହେଲା। ରାତିକୁ ରାତି ଚିକେନ କେଳେଇ ସାରିବା ପରର ଅବାଶିଷ୍ଟାଂଶ ଘରକୁ ଆସିଲା। ସ୍ୱାମୀ ସ୍ତ୍ରୀ ଦୁହେଁ ଟର୍ଚ୍ଚ ପକେଇ ପେଚା ପାଇଁ ଖାଦ୍ୟ ରଖିଲେ, ପାଣି ଥୋଇଲେ। ପନ୍ଦର ଦିନ ଯାଇଛି କି ନାହିଁ ଶାଶୁ ଓ ଲିସାଙ୍କ ବାପା ଚାଲିଗଲେ। ଆଉ ସମସ୍ତେ କହିଲେ ପେଚାହିଁ ଏହାର କାରଣ। ଲିସାଙ୍କ ମନ ମାନୁନଥିଲା ଏକଥାରେ ତ ସେ ଆଉ କେବେ ଗପୁନଥିଲେ ତାଙ୍କ ଘରେ ପେଚା ରହିଛି ବୋଲି।

ଶାଶୁ ଓ ବାପାଙ୍କ ଅନ୍ତେଷ୍ଟି କ୍ରିୟା କର୍ମ ସାରି ପ୍ରକୃସ୍ଥିତି ହେଲା ପରେ ଲିସା ପୁଣି ଯେବେ ଟର୍ଚ୍ଚ ସହାୟତାରେ ସ୍ୱାମୀଙ୍କ ସଙ୍ଗେ ପେଚାଟିର ଅବସ୍ଥିତି ଜାଣିବା ପାଇଁ ଛାତ ଉପରକୁ ଗଲେ, ପେଚାର ସ୍ଥିତି ସୁଦୃଢରୁ ସୁଦୃଢତର ହୋଇସାରିଥିଲା। କଣ ସବୁ ଅଣ୍ଟରେ ଧରିରଖି ଭକ୍ଷଣ ପୂର୍ବପ୍ରସ୍ତୁତି ପୂର୍ବରୁ ଆମ ଉପସ୍ଥିତିର ବାଧକ ତାକୁ ଡରୁଆ କରୁନଥିଲା ବରଂ ରାଜକୀୟ ଠାଣିରେ ସେ ଯେମିତି ପଚାରୁ ଥିଲା ମୋ ଇଲାକାରେ ତୁମେ କିଏ ? କାରଣ ଏବେ ସେ ଏକୁଟିଆ ନଥିଲା। ଗୋଟିକ ଜାଗାରେ ଦୁଇଟି ପେଚାଙ୍କ ସ୍ଥିତି ମନରେ କେଜାଣି କାହିଁକି ଭୟର ସଂଚାର କରୁଥିଲା

ଘର ତୋଳା କାମ ଆରମ୍ଭ ହେଲେ ମନକୁ ପଳେଇବେ ଭାବି ଆମେ ସ୍ଥିର ଥିଲା ବେଳେ, ପେଚା ଦୁଇଟି କିନ୍ତୁ ରାତ୍ରୀର ଆଗମନରେ ଅନାୟାସରେ ଉପର ତଳ ହେଉଥିଲେ। ଘରକାମ ହେଲା ପରେ ମଧ୍ୟ ଦିନସାରା କୋଉଠି ଛପି ରହି, ରାତିରେ ଦୃଷ୍ଟି ଗୋଚର ହେଉଥିଲେ। ହଇରାଣ କରୁଥିବା ମୂଷା ଉତ୍ପାତ କମିଯିବାର କାରଣ ମଧ୍ୟ ପେଚା ଦୁଇଟି ବୋଲି ଆମେ ଜାଣିସାରିଥିଲୁ।

ସେଦିନ କାମ ସାରି ଫେରିବା ବେଳେ ରାଜ ମିସ୍ତ୍ରୀ ସହ ଦୁଇ ଯୁବ ଶ୍ରମିକ ଗୋଟେ ବଡ଼ କାଗଜ ପେଟି ଦେଖାଇ ଯେବେ କହିଲେ ଭଲ ମାଲ ମିଳିଛି ମାଆ। ଗୋଟେ ନୁହେଁ ଦୁଇଟା। ଆଜି ସେମାନଙ୍କୁ ଜଙ୍ଗଲରେ ଗୁଣିଆ ପାଖେ ଦିଆଯିବ। ସେ ଏମାନଙ୍କୁ ମାରି ଆମ ପାଇଁ ତାବିଜ କରିବ। ତାକୁ ପିନ୍ଧିଲେ ସବୁ ଗ୍ରହ ରିଷ୍ଟ ଖଣ୍ଡନ ହେବ। ଆଜିଯାଏଁ ମିଳୁନଥିଲେ। ଯା ହେଉ ଆପଣଙ୍କ ଘରୁ ଠାବ କରି ଧରିଛୁ। ଆପଣ ମଧ୍ୟ ଅମଙ୍ଗଳରୁ ବଞ୍ଚିଗଲେ। ପ୍ରତିବାଦ କରିବାର ଜୁ ନଥିଲା ଲିସା ବା ସ୍ୱାମୀଙ୍କର। ରାତି ସାରା ଲିସା କାନ୍ଦୁଥିଲେ। ପିଲାଦିନେ ଆଇ କହିଥିବା ଗପର ଜୀବନ୍ତ କାହାଣୀ ନିଜେ ପାଳାଟିବେ ସେ ଭାବି ନଥିଲେ। ସ୍ୱାମୀ ଯେତେ ପ୍ରବୋଧନା ଦେଲେ ବି କାହିଁକି ପ୍ରତିବାଦ କଲେ ନାହିଁ ଆତ୍ମଗ୍ଲାନିରେ ଜର୍ଜରିତ ଲିସା ସକାଳେ ପୁଣି କାମକୁ ଆସୁଥିବା ସେ ଦୁଇ ଶ୍ରମିକଙ୍କ କଥା ଶୁଣିପାରିଲେ। ଜଣେ କହୁଥିଲା, ପେଚା ନୁହେଁ ତ ସାକ୍ଷାତ ବାଘ ଯେମିତି। ରାତିରେ ଗୁଣିଆ ଦୁହିଁଙ୍କୁ ମାରିବ କଣ ଦେଖିକି ଡରିଗଲା। ତା ହୋସ ଉଡ଼ିଗଲା ବେଳକୁ ପେଚା ଦୁଇଟି ଚମ୍ପଟ ମାରିଥିଲେ। ଦେଖିବୁ କାଳେ କୋଉଠି ଛୁଆ କରିଥିବେ, ମିଳିଯାଇ ପାରନ୍ତି। ଛୁଆ ତ ମିଳିନଥିଲେ। ସବୁ ଶୁଣି ଓ ଜାଣି ଲିସା କିନ୍ତୁ ଆଶ୍ୱସ୍ତିର ଦୀର୍ଘାନିଶ୍ୱାସ ନେଉଥିଲେ।

*ସାକ୍ଷୀଗୋପାଳ, ପୁରୀ*
*ଦୂରଭାଷ : ୯୦୪୦୯୭୭୩୨୭*

# ବିଶ୍ୱାସର ବିଶ୍ୱ



**ଡକ୍ଟର ମନୋରଞ୍ଜନ ବିଷୋୟୀ**


ଭ୍ରାତୃପ୍ରେମ, ମାତୃପ୍ରେମ
ଦେଶପ୍ରେମ କାହିଁ ?
ଗାନ୍ଧାରୀ ମାତାର ଦେହ
ପଣ୍ୟ ହୁଏ ଏଠି
ଭରତ ଭ୍ରାତୃର ବକ୍ଷେ
ଅସିଘାତ କରି
ଉନ୍ମତ୍ତ ହୁଅଇ ଆଜି
ଶତାବ୍ଦୀର ଭୂତ ।
ବିଶ୍ୱାସର ବୀଜ ରୋପି
ବିଶ୍ୱଶାନ୍ତି ପଥେ
ଉଡ଼ାନ୍ତି ବିଜୟ ବାନା ।
ଶତ ଶତ ଶାନ୍ତିର କପୋତ
ରଞ୍ଜିତ କରନ୍ତି ସଦା
ଅମ୍ବରଙ୍କ ବକ୍ଷ ।
କିନ୍ତୁ କାହିଁ ଶାନ୍ତି ?
କାହିଁ ଦେଶଭକ୍ତି ?
ତଥାପି ଆଜିର ମାନବ
ଦେଖେ ସେହି ଆଦାମଙ୍କ ସ୍ୱପ୍ନ
ଅଭିସାର ସାରି
ଶଶା ଦାନ୍ତରା ବକ୍ଷରେ
ଅଞ୍ଜନାର ପୁତ୍ର
ଅନିଶା କରଇ
ତପ୍ତ ରୌଦ୍ରପଥ ପରେ
କରିବ ତ ଜୟ ?
ଅବା ଫେରି
ନିରାଶ ହୃଦୟେ
ସହସ୍ରାକ୍ଷି ଦନ୍ତାଘାତେ
ହୋଇବ ଆକୁଳ ।

*ସ୍ନାତକୋତ୍ତର ଓଡ଼ିଆ ବିଭାଗ,*
*ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,*
*ଭଞ୍ଜବିହାର*
*ମୋ:୮୮୯୫୧୪୧୭୨୭*

# ସୃଷ୍ଟିର ନିସର୍ଗ କବିତା



**ସୌମେନ୍ଦ୍ର ତ୍ରିପାଠୀ**



ବନ ଜୀବଙ୍କୁ ସ୍ନେହ କରି,
ସଂସାର ସାଗରୁ ଉଦ୍ଧରି।
ଜୀବେ ଦୟାର ମନ୍ତ୍ର ଧରି,
ସୃଷ୍ଟିକୁ ଗଢ଼ ଦୃଢ଼ କରି।
ଜୀବ ବଞ୍ଚିଲେ ହସେ ସୃଷ୍ଟି,
ଜଙ୍ଗଲ ଥିଲେ ଯେହ୍ନେ ବୃଷ୍ଟି।
ଜୀବର ଚଳନେ ସଂସାର,
ଦିଶଇ ଅତି ମନୋହର।
ଜଙ୍ଗଲ ବଢ଼ଇ ଯେତିକି,
ଦୁନିଆ ସୁନ୍ଦର ସେତିକି।
ବୃକ୍ଷ ବିହୁନେ ସୃଷ୍ଟି ନାଶ,
ବୃକ୍ଷ ବହୁଲେ ହସ ହସ।
ଜୀବ ଜନ୍ତୁଙ୍କ ଆଶ୍ରାସ୍ଥଳ,
କରଇ ସୃଷ୍ଟିର ମଙ୍ଗଳ।
ଜଙ୍ଗଲ ଚଉବର୍ଗ ଦାନୀ,
ଖୁସିରେ ବିଚରନ୍ତି ପ୍ରାଣୀ।
ବଣ ଜଙ୍ଗଲ ବୃକ୍ଷ ଲତା,
ବିଭୂଙ୍କ ସୁନ୍ଦର କବିତା।
ମନରୁ କଳୁଷ ହରଇ,
ଦିବ୍ୟ ଭାବନା ଅଙ୍କୁରଇ।
ବୃକ୍ଷ ହିଁ ବୃକ୍ଷର ଉପମା,
ମର୍ତ୍ତ୍ୟଚର ସ୍ୱର୍ଗର ସୁଷମା।
ବୃକ୍ଷ ହିଁ ନିସର୍ଗ କବିତା,
ସୃଷ୍ଟିର ସୁନ୍ଦରୀ ବନିତା।
ବୃକ୍ଷରେ ପ୍ରକୃତି ମଣ୍ଡିତ,
ଧରାରେ ପୂତ ଭଗିରଥ।
ପୃଥ୍ୱୀକୁ ଉଦ୍ଧରିବା ପାଇଁ,
ବୃକ୍ଷରୋପଣ କର ଭାଇ।
ତାପ, ସନ୍ତାପ ନାଶ ଯିବ,
ଏ ମର୍ତ୍ତ୍ୟ ବୈକୁଣ୍ଠ ହୋଇବ।

*(ଜୀବନର ଅନ୍ତିମ କବିତା)*
*ରଘୁନାଥପୁର, ଭୁବନେଶ୍ୱର*





# ନିଆରା ଭିନ୍ନକ୍ଷମ କଳା ଶିକ୍ଷକ ଉପେନ୍ଦ୍ର ସ୍ୱାଇଁ

**ଅସ୍ତରଙ୍ଗ:** 'ଗୁରୁଙ୍କୁ ନମନିବ ନର, ଗୁରୁ ହିଁ ସାକ୍ଷାତ ଈଶ୍ୱର' ଗୁରୁ ବିନା ଏ ସଂସାରରେ କୌଣସି ପ୍ରକାର କାର୍ଯ୍ୟ ସମ୍ଭବ ନୁହେଁ। ଆଜି ଦୁନିଆରେ ଯିଏ ଯେତେ ଉପରକୁ ଯାଇଛି ସମସ୍ତଙ୍କ ପଛରେ ଗୋଟେ ଗୁରୁଙ୍କ ଆଶୀର୍ବାଦ ରହିଛି। ସେପ୍ଟେମ୍ବର ୫, ସର୍ବପଲ୍ଲୀ ରାଧାକ୍ରିଷ୍ଣାନଙ୍କ ଜନ୍ମଦିନ। ଆଉ ଏହି ଦିନ ପୁରା ଭାରତ ବର୍ଷ ପାଳନ କରୁଛି ପବିତ୍ର ଗୁରୁ ଦିବସ। ଅର୍ଥାତ ଗୁରୁଙ୍କ ପାଇଁ ଦିନ ଟିଏ। ଆମେ ଆଜି ଭେଟିଥିଲୁ ଅସ୍ତରଙ୍ଗ ବ୍ଲକ ପାଟଅଳଦା ଗ୍ରାମର ଜଣେ ଭିନ୍ନକ୍ଷମ ଗୁରୁ ଉପେନ୍ଦ୍ର ସ୍ୱାଇଁଙ୍କୁ। ଭିନ୍ନକ୍ଷମ ହେଲେ ବି ଜୀବନ ଯୁଦ୍ଧରେ ହାରି ନାହାନ୍ତି ଉପେନ୍ଦ୍ର। ଆଜି ବି ଛୋଟରୁ ବୟସ୍କ ସମସ୍ତଙ୍କୁ ଶିଖାଉଛନ୍ତି ବାଦ୍ୟ ଆଉ ଗୀତର ଶିକ୍ଷା। ଆଉ ଏହି ପବିତ୍ର ଦିନରେ ତାଙ୍କ ପାଖକୁ ଅନେକ ଶିଷ୍ୟ ଧାଇଁ ଆସିଛନ୍ତି ଆଜି ଏହି ଗୁରୁଙ୍କ ଦର୍ଶନ ପାଇଁ, ଆଉ ନେଉଛନ୍ତି ସାନିଧ୍ୟ। ଉପେନ୍ଦ୍ର ୧୯୭୬ ମସିହାରେ ନିମାପଡା କଳା କଳନା ଏକାଡେମୀରେ ସଙ୍ଗୀତ ଓ ବାଦ୍ୟର ଶିକ୍ଷା



ନେଇଥିଲେ ଆଉ ଅସ୍ତରଙ୍ଗ, କାକଟପୁରର ବିଭିନ୍ନ ଅଞ୍ଚଳରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇ କିଛି ଉପାର୍ଜନ କରୁଥିଲେ। ଆଉ ଆଜକୁ ପାଖାପାଖି ତିରିଶ ବର୍ଷ ହେବ ପାଟଅଳଦା ସୀତାରାମ ଆଶ୍ରମରେ ଦେଇ ଆସୁଛନ୍ତି ସଙ୍ଗୀତ ବାଦ୍ୟର ଶିକ୍ଷା। ସେ କୌଣସି କାରଣରୁ ପକ୍ଷାଘାତ ରୋଗରେ ପଡି ଜଣେ ଭିନ୍ନକ୍ଷମ କିନ୍ତୁ ତଥାପି ଶିକ୍ଷା ଦାନ ବନ୍ଦ ହୋଇନି ଗୁରୁ ଉପେନ୍ଦ୍ରଙ୍କର। ପକ୍ଷାଘାତ ରୋଗରେ ଗୋଟେ ପଟ ଅଙ୍ଗ ସମ୍ପୂର୍ଣ୍ଣ ଅଚଳ। ଜଣକ ସହାୟତାରେ ଉଠିବା, ବସିବା ଠୁ ଆରମ୍ଭ କରି ସମସ୍ତ କାର୍ଯ୍ୟ କରନ୍ତି। କିନ୍ତୁ ଗୋଟେ ହାତରେ ତବଲା, ହାରମୋନିୟମ୍ ବଜାଉଛନ୍ତି ଉପେନ୍ଦ୍ର, ଯାହାକୁ ଖାଲି ଆଖିରେ ନଦେଖିଲେ କେହି କେବେ ବିଶ୍ୱାସ କରିବେନି। ଆଉ ସବୁଠୁ ବଡ କଥା ହେଲା ଉପେନ୍ଦ୍ରଙ୍କ ଠୁ ଶିକ୍ଷା ଲାଭ କରି ଅନେକ ସଙ୍ଗୀତ ଶିକ୍ଷକ ଆଜି ରୋଜଗାର କ୍ଷମ ହେଇଛନ୍ତି ଆଉ ଆଜି ଭଳି ପବିତ୍ର ଦିନରେ ଆସିଛନ୍ତି ଗୁରୁଙ୍କୁ ପୂଜା କରି ତାଙ୍କ ଆଶୀର୍ବାଦ ନେବାକୁ ଏହି ପବିତ୍ର ଦିନରେ କାହାଠୁ କେବେ କୌଣସି ଅର୍ଥ ଲୋଡ଼ କରିନାହାନ୍ତି ଉପେନ୍ଦ୍ର। ଯେତେବେଳେ ଯିଏ ଯାହା ଦେଲା ତାହାକୁ ଗୁରୁ ଦକ୍ଷିଣା ଭାବେ ଗ୍ରହଣ କରି ନିଜ ଖର୍ଚ୍ଚ ତୁଲାନ୍ତି ଆଉ ତାଷହିତ କିଛି ସଙ୍ଗୀତ ଶିକ୍ଷକ ପରିବାରଙ୍କୁ ଅର୍ଥ ପ୍ରଦାନ କରନ୍ତି ଉପେନ୍ଦ୍ର। ସତରେ ସେ ଅର୍ଜୁନଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟ ହୁଅନ୍ତୁ, କି ସଚିନ ତେନ୍ଦୁଲକରଙ୍କ ଗୁରୁ ରମାକାନ୍ତ ଆଚରେକରଙ୍କ ହୁଅନ୍ତୁ, ଗୁରୁ ଶିଷ୍ୟଙ୍କ ନିଆରା ପରମ୍ପରା ଆଜି ବି ଭାରତ ଇତିହାସରେ ସ୍ୱତନ୍ତ୍ରତା ବଜାୟ ରଖିଛି। ଆଉ ଅସ୍ତରଙ୍ଗ ଅଞ୍ଚଳର ଭିନ୍ନକ୍ଷମ ଗୁରୁ ଉପେନ୍ଦ୍ର ସାଜିଛନ୍ତି ଗୁରୁ ପରମ୍ପରାର ଏକ ପ୍ରକାର ଅନନ୍ୟ ଉଦାହରଣ।

# ଶିମିଳିପାଳ ଓ ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ଭଞ୍ଜ ସେନାର ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଘେରାଉ

**ବାରିପଦା,(ବିକୁ ସିଂ):** ମୟୂରଭଞ୍ଜ ଜିଲ୍ଲାର ଗର୍ବ ଓ ଗୌରବ ବହନ କରୁଥିବା ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ଯୋଗାଇ ଦେବା ସହିତ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ପାଇଁ ଜିଲ୍ଲାର ଅଗ୍ରଣୀ ସଙ୍ଗଠନ 'ଭଞ୍ଜସେନା' ପକ୍ଷରୁ ବାରମ୍ବାର ଦାବି ହେଉଅଛି। ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ଶିମିଳିପାଳ ଭିତରେ ଓ ବାହାରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ବହୁ ଗେଷ୍ଟ ହାଉସ ନିର୍ମାଣ ହୋଇଛି ଆଉ ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ଥିବା ଶ୍ୟାମାଖୁଣ୍ଟା ବ୍ଲକ ସ୍ଥିତ ଲୁଲୁଙ୍ଗ ଅରଣ୍ୟ ନିବାସ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଆସେ। ମାତ୍ର ଧନୀ ଲୋକ ଏହାର ସୁବିଧା ଉଠାଉଥିବା ବେଳେ ଜିଲ୍ଲା ତଥା ଓଡ଼ିଶା ରାଜ୍ୟର ମଧ୍ୟବିତ୍ତ ଓ ଗରୀବ ପରିବାର ଲୋକେ ଏଥିରୁ ବଞ୍ଚିତ ହେଉଛନ୍ତି। ଆଉ ରାଜ୍ୟସରକାରଙ୍କ ପର୍ଯ୍ୟଟନ ବିଭାଗ ଯୋଉ ଆଶାରେ ଏହାକୁ ନିର୍ମାଣ କରିଥିଲେ ତାର ସଂମ୍ପୂର୍ଣ୍ଣ ବିପରୀତ କାର୍ଯ୍ୟ କରୁଛି ଏହି ଲୁଲୁଙ୍ଗ ସ୍ଥିତ ଅରଣ୍ୟ ନିବାସର ମ୍ୟାନେଜମେଣ୍ଟ। ଏଣୁ



ଭଞ୍ଜସେନା ପକ୍ଷରୁ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସତ୍ୟଭାମା ବେହେରାଙ୍କ ମାଧ୍ୟମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ଦାବି ଗୁଡିକ ହେଲା ଅରଣ୍ୟ ନିବାସରେ ମଧ୍ୟବିତ୍ତ ପରିବାର ବର୍ଗଙ୍କ ପାଇଁ ୫୦ପ୍ରତିଶତ କୋଠରୀ ସଂରକ୍ଷଣ ସହିତ ସ୍ୱଳ୍ପ ମୂଲ୍ୟ ବ୍ୟବସ୍ଥା କରାଯାଉ। ଅନ୍ୟାନ୍ୟ ଦେଶୀ ବିଦେଶୀ ଖାଦ୍ୟ ସହିତ ମୟୁରଭଞ୍ଜର ପ୍ରସିଦ୍ଧ ଘରୋଇ ଖାଦ୍ୟ ଗୁଡିକୁ ମଧ୍ୟ ଅଧିକ ମାତ୍ରାରେ ବ୍ୟବହୃତ କରାଯାଉ। ସକାଳ ୭ଟାରୁ ସଂଧ୍ୟା ୮ଘଟିକା ପର୍ଯ୍ୟନ୍ତ ଉକ୍ତ କ୍ୟାମ୍ପସ ଭିତରେ ଏକ ଭୋଜନାଳୟ ଖୋଲିବାର ବ୍ୟବସ୍ଥା କରିବା ସହ ଆଗନ୍ତୁକ ପର୍ଯ୍ୟଟକ ମାନେ ସେଠି ସମୟ ସୀମା ମଧ୍ୟରେ ଯାଇ ନିଜସ୍ୱ ଖର୍ଚ୍ଚରେ ଭୋଜନ କରିପାରିବାର ସୁବିଧା ଯୋଗାଇ ଦିଆଯାଉ। ପର୍ଯ୍ୟଟକଙ୍କ ଆମୋଦ ପ୍ରମୋଦ ପାଇଁ ପ୍ରତିଦିନ କେବଳ ମୟୂରଭଞ୍ଜର ଆଦିବାସୀ ନାଚ, ଛଉ ଓ ଝୁମର ନାଚ ଭଳି ଲୋକସଂସ୍କୃତିର ସୁଯୋଗ ସୃଷ୍ଟି କରାଯାଉ। ବନ୍ୟଜନ୍ତୁ ସୁରକ୍ଷା ଦୃଷ୍ଟିରେ ଜଙ୍ଗଲ ମଧ୍ୟରେ ବିଦ୍ୟୁତ ତା'ର ଉପରେ ନଯାଇ କେବୁଲ ମାଧ୍ୟମରେ ମାଟି ତଳେ ନିଆଯାଉ। ଅରଣ୍ୟ ନୀବାସରେ ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯାଉ। ଅରଣ୍ୟ ନିବାସ ସହିତ ଲୁଲୁଙ୍ଗ ଫରେଷ୍ଟ ଗେଟ ଭିତରେ ଥିବା ଅନ୍ୟାନ୍ୟ ଘୋରଇ ଗେଷ୍ଟ ହାଉସ ଗୁଡିକରେ ଶିକାରୀ ଓ କାଠ ମାଫିଆ ମାନେ ରହି ଯୋଜନା ମୁତାବକ ଅବାଧରେ ଶିମିଳିପାଳ ଅଭୟାରଣ୍ୟରୁ ମୂଲ୍ୟବାନ କାଠ ଚୋରି, ହାତୀ ଓ ମହାବଳ ବାଘ ଶିକାରରେ ସକ୍ରିୟ ଥିବା ଶୁଣିବାକୁ ମିଳୁଛି ଏଣୁ ଏହାର ଉପଯୁକ୍ତ ତଦନ୍ତ କରି ମାଫିଆଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଉକ୍ତ କ୍ୟାମ୍ପସ ଭିତରେ ପ୍ରତିଦିନ ବୁଲିବାକୁ ଆସୁଥିବା ପୁରୁଷ ଓ ମହିଳା ପର୍ଯ୍ୟଟକଙ୍କ ନିମନ୍ତେ ସୁଲଭ ଶୌଚାଳୟ ନିର୍ମାଣ କରାଯାଉ। ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ମୟୂରଭଞ୍ଜକୁ ବହୁ ଦେଶୀ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ଉପରୋକ୍ତ ଦାବି ଗୁଡିକ ବାବଦରେ ଉଚିତ ପଦକ୍ଷେପ ନେବାରେ ଯଦି ସରକାର କାଳବିଳମ୍ବ ନୀତି ଅବଲମ୍ବନ କରନ୍ତି ତେବେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ଘେରାଓ କାରାଯିବ ବୋଲି ଜିଲ୍ଲା ସଭାପତି ପିଣ୍ଟୁ ମାଇତି ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ପିଣ୍ଟୁ ମାଇତିଙ୍କ ସମେତ ଜିଲ୍ଲା ଓବିସି ଶାଖା ସଭାପତି ରାକେଶ ବେହେରା, ଜିଲ୍ଲା ଯୁବ ଶାଖା ସଭାପତି ସୌମ୍ୟରଞ୍ଜନ ମିଶ୍ର ପ୍ରମୁଖ ସାମିଲ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜି-୨୦ ଶିଖର ...

ଗତ ତିନି-ଛଅ ଡିସେମ୍ବର ପର୍ଯ୍ୟନ୍ତ ହରିୟାଣାର ନୁହ ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ଜି୨୦ ଶେରପା ବୈଠକରେ ୟୁକ୍ରେନ ପ୍ରସଙ୍ଗର ଉଲ୍ଲେଖ କରୁଥିବା ପାଠ ଉପରେ କୌଣସି ସହମତି ହୋଇପାରିନଥିଲା।

ଅନ୍ୟପଟେ ଭାରତ, ଆମେରିକା, ସାଉଦୀ ଆରବ ଏବଂ ୟୁରୋପୀୟ ସଂଘ ଜି-୨୦ ଶିଖର ସମ୍ମିଳନୀ ଅବସରରରେ ଏକ ବହୁରାଷ୍ଟ୍ରୀୟ ରେଳ ଏବଂ ବନ୍ଦର ପରିକଳ୍ପନାର ଘୋଷଣା କରିଛନ୍ତି। ଏହି ଘୋଷଣାକୁ ଚୀନର ମହତ୍ତ୍ୱାକାଂକ୍ଷୀ ବେଲ୍ଟ ଆଣ୍ଡ୍ ରୋଡ ଇନିସିଏଟିଭ (ବିଆରଆଇ)କୁ ପ୍ରତିହତ କରିବା ଉଦ୍ଦେଶ୍ୟରେ ଏହି ଘୋଷଣାକୁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଆମେରିକୀୟ ରାଷ୍ଟ୍ରପତି ଜୋ ବାଇଡେନ, ସାଉଦି ଆରବର କ୍ରାଉନ ପ୍ରିନ୍ସ ମହମ୍ମଦ ବିନ ସଲମାନ ଏବଂ ୟୁରୋପୀୟ ସଂଘର ନେତାଙ୍କ ସହ ଏହି ମେଗା ଭିତ୍ତିଭୂମି ଚୁକ୍ତି ଘୋଷଣା କରିଛନ୍ତି। ଏହି ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡରର ଶୁଭାରମ୍ଭ ଏବଂ ବୈଶ୍ୱିକ ଭିତ୍ତିଭୂମିରେ ପୁଞ୍ଜି ବିନିଯୋଗ ପାଇଁ ମିଳିତ କାର୍ଯ୍ୟକ୍ରମର ଘୋଷଣା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ମୋର ମିତ୍ର ରାଷ୍ଟ୍ରପତି ଜୋ ବାଇଡେନଙ୍କ ସହ ମୋତେ ଏହି ଆୟୋଜନର ଅଧ୍ୟକ୍ଷତା କରି ବହୁତ ଖୁସି ଅନୁଭବ ହେଉଛି। ଆଜି ଆମେ ସମସ୍ତେ ଏକ ମହତ୍ତ୍ୱପୂର୍ଣ୍ଣ ଏବଂ ଐତିହାସିକ ଚୁକ୍ତିନାମା ହୋଇଥିବା ଦେଖିଛୁ। ଆଗାମୀ ସମୟରେ ଏହା ଭାରତ, ପଶ୍ଚିମ ଏସିଆ ଏବଂ ୟୁରୋପ ମଧ୍ୟରେ ଅର୍ଥନୈତିକ ଏକୀକରଣର ଏକ ପ୍ରଭାବଶାଳୀ ମାଧ୍ୟମ ହେବ। ଏହା ସମଗ୍ର ବିଶ୍ୱର ସଂଯୋଗ ଏବଂ ସ୍ଥାୟୀ ବିକାଶ ପାଇଁ ଏକ ନୂତନ ଦିଗ ଦେବ। ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ କହିଛନ୍ତି, ଏହି ଚୁକ୍ତି ବାସ୍ତବରେ ଏକ ବଡ଼ ଚୁକ୍ତି । ଏହା ବାସ୍ତବରେ ଏକ ବଡ଼ କଥା। ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି। ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ ହେଉଛି ଜି-୨୦ ଶିଖର ସମ୍ମିଳନୀର କେନ୍ଦ୍ରବିନ୍ଦୁ। ଏବଂ ଅନେକ ଉପାୟରେ ଏହି ମଧ୍ୟ ଏହି ସହଭାଗିତାର କେନ୍ଦ୍ରବିନ୍ଦୁ ଯାହା ବିଷୟରେ ଆମେ ଆଜି କହୁଛୁ।

### ବେଳାଭୂମିରେ ...

ଉଚ୍ଚସ୍ତରୀୟ ବୈଠକରେ ବେଳାଭୂମିଗୁଡ଼ିକରେ ମଦ ପରିବେଷଣ ପାଇଁ ନିଷ୍ପତ୍ତି ହୋଇଛି। ମିଳିଥିବା ସୂଚନା ଅନୁସାରେ, ଖାରବେଳ ଭବନ ସମ୍ମିଳନୀ କକ୍ଷରେ ରାଜ୍ୟରେ ପର୍ଯ୍ୟଟନ ଅଭିବୃଦ୍ଧି ଓ ଭିତ୍ତିଭୂମି ବିକାଶ ଉପରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ତ୍ରିପାଠୀ ବିଭିନ୍ନ ପ୍ରକଳ୍ପଗୁଡ଼ିକର ତୁରନ୍ତ ରୂପାୟନ ଉପରେ ଗୁରୁତ୍ୱ ଦେଇଛନ୍ତି। ଉପକୂଳ ଓଡ଼ିଶାରେ ଥିବା ଗୋପାଳପୁର, ଚାନ୍ଦିପୁର, ତଳସାରି, ପାରାଦୀପ ଓ ସୋନାପୁର ଇତ୍ୟାଦି ବେଳାଭୂମିରେ ପ୍ରାୟ ୧୫ଟି ବିଚ୍ ସ୍ୟାକ୍ ନିର୍ମାଣ କରାଯିବ। ଏସବୁ ସ୍ଥାନରେ ବସିବା ପାଇଁ ସ୍ଥାନ ସହ ଶୌଚାଳୟ, ମାର୍କେଟ କମ୍ପ୍ଲେକ୍ସ ଓ ପାର୍କିଂ ଆଦି ନିର୍ମାଣ କରାଯିବ। ରାଜ୍ୟର ସମୁଦ୍ର ଉପକୂଳବର୍ତ୍ତୀ ସହରଗୁଡ଼ିକୁ ଗୋଆ ଢାଞ୍ଚାରେ ଗଢ଼ିତୋଳିବାକୁ ଅତ୍ୟାଧୁନିକ ପ୍ରକଳ୍ପଗୁଡ଼ିକୁ ପିପିପି ମୋଡରେ ସମ୍ପୂର୍ଣ୍ଣ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ସମ୍ବଲପୁର ଜିଲ୍ଲାରେ ହୀରାକୁଦ ବୋଟ୍ କ୍ଲବର କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ। ହୀରାକୁଦ ଜଳଭଣ୍ଡାରରେ ମାସକ ମଧ୍ୟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ବଡ଼ କ୍ରୁଜ୍ ଚଳାଚଳ କରିବ। ପର୍ଯ୍ୟଟନର ବିକାଶ ହେଲେ ଓଡ଼ିଶାର ସାମଗ୍ରିକ ବିକାଶ ହେବ ଓ ସ୍ଥାନୀୟ ବାସିନ୍ଦାଙ୍କ ରୋଜଗାର ପାଇଁ ସୁଯୋଗମାନ ସୃଷ୍ଟି ହେବ ବୋଲି ଦର୍ଶାଇ ଶ୍ରୀ ତ୍ରିପାଠୀ ଲୋକାଭିମୁଖୀ କାର୍ଯ୍ୟଗୁଡ଼ିକ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପର୍ଯ୍ୟଟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁରେନ୍ଦ୍ର କୁମାର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୧ ଏପ୍ରିଲ ମାସରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ବେଳାଭୂମିରେ ମଦ ପରିବେଷଣ କରିବା ପାଇଁ ଏଭଳି ୨୦ଟି ବିଚ୍ ସ୍ୟାକ୍ ନିମନ୍ତେ ଟେଣ୍ଡର କରାଯାଇଥିଲା। କିନ୍ତୁ ବିଭିନ୍ନ ବର୍ଗର ବିରୋଧ ପରେ ସରକାର ଏହି ନିଷ୍ପତ୍ତିରୁ ଓହରିଥିଲେ ସୁଦ୍ଧା ୨୦୨୩-୨୪ ଅବକାରୀ ନୀତିରେ ଏହି ବିଚ୍ ସ୍ୟାକକୁ ପ୍ରୋତ୍ସାହିତ କରିବାକୁ ନିଷ୍ପତ୍ତି ନେଇଥିଲେ। ରାଜ୍ୟରେ ମଦ କାରବାର ବୃଦ୍ଧି ଯୋଗୁ ଅପରାଧ ହାର ବଢ଼ିବାରେ ଲାଗିଥିବାବେଳେ ରାଜସ୍ୱ ସଂଗ୍ରହ ନିଶାରେ ବେଳାଭୂମିଗୁଡ଼ିକରେ ମଦ ବିକ୍ରି କରି ରାଜ୍ୟ ସରକାର ସାଧାରଣ ଲୋକ ଓ ପର୍ଯ୍ୟଟକମାନଙ୍କ ଜୀବନକୁ ବିପଦକୁ ଠେଲି ଦେବାକୁ ବସିଛନ୍ତି।

### ସବୁ ଗାଡିରେ ...

ଡିଭାଇସ୍ ଲଗାଇବାକୁ କୁହାଯାଇଛି। ଦୁଇଚକିଆ, ତିନିଚକିଆ ଓ ରିକ୍ସାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଗାଡ଼ି ଯଥା ବସ୍, ଶିକ୍ଷାନୁଷ୍ଠାନ ବସ୍, ଆମ୍ବୁଲାନ୍ସ, ସବୁପ୍ରକାରର କ୍ୟାବ୍ , ଓମିନି ବସ୍, ମୋଟର କ୍ୟାବ୍, ପ୍ରାଇଭେଟ୍ ସର୍ଭିସ ଗାଡ଼ି ଓ ନ୍ୟାସନାଲ ପରମିଟ୍ ଥିବା ମାଲବାହୀ ଗାଡ଼ିଗୁଡ଼ିକରେ ଏହି ଭିଏଲଟିଡି ଡିଭାଇସ୍ ଲାଗିବ। ଅକ୍ଟୋବର ୧ ତାରିଖରେ ଅବା ଏହାପରେ ଯେଉଁ ନୂଆ ଗାଡ଼ିଗୁଡ଼ିକ କ୍ରୟ ହେବ ସେଥିରେ ପଞ୍ଜିକରଣ ସମୟରେ ଭିଏଲଟିଡି ଡିଭାଇସ୍ ଲଗାଇବା ଜରୁରୀ। ସେହିପରି ଯେଉଁ ଗାଡ଼ିଗୁଡ଼ିକ ଚଳିତମାସ ୩୦ତାରିଖ ମଧ୍ୟରେ କ୍ରୟ ହୋଇଛି ସେଗୁଡ଼ିକ ୨୦୨୩ ଡିସେମ୍ବର ୩୧ତାରିଖ ପୂର୍ବରୁ ଏହି ଡିଭାଇସ୍ ଲଗାଇବେ। ଯଦି କୌଣସି ପୁରୁଣା ଗାଡ଼ିରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଏହି ଭିଏଲଟିଡି ଡିଭାଇସ୍ ନଲାଗେ, ତା'ହେଲେ ସମ୍ପୃକ୍ତ ଗାଡ଼ିକୁ ଫିଟନେସ, ମାଲିକାନା ପରିବର୍ତ୍ତନ, ପରମିଟ୍ ଓ ନ୍ୟାସନାଲ ପରମିଟ୍ ଆଦି ସୁବିଧା ମିଳିବ ନାହିଁ। ଓଡ଼ିଶା ସରକାରଙ୍କ ପରିବହନ ବିଭାଗର ୱେବସାଇଟକୁ ଯାଇ କ୍ଷମତାପ୍ରାପ୍ତ ବିକ୍ରେତାଙ୍କୁ ଚୟନ କରି ଅବା ନିକଟସ୍ଥ ରେଟ୍ରୋ ଫିଟମେଣ୍ଟ ସେଣ୍ଟର (ଆରଏଫସି)କୁ ଯାଇ ଏହି ଡିଭାଇସ୍ ଗାଡ଼ିରେ ଲଗାଇ ପାରିବେ। ଗାଡ଼ି ମାଲିକମାନେ ଓଡ଼ିଶା ସରକାରଙ୍କ ଦ୍ୱାରା ଅନୁମୋଦିତ ଯେକୌଣସି କମ୍ପାନୀର ଭିଏଲଟିଡି ଡିଭାଇସ୍ ଲଗାଇ ପାରିବେ। ଶେଷ ସମୟରେ ଭିଡ଼ ହ୍ରାସ ନିମନ୍ତେ ଗାଡ଼ିମାଲିକମାନେ ଧାର୍ଯ୍ୟ ସମୟସୀମା ପୂର୍ବରୁ ଭିଏଲଟି ଡିଭାଇସ୍ ଲଗାଇବାକୁ ପରିବହନ କମିଶନର ପରାମର୍ଶ ଦେଇଛନ୍ତି।

### 'ମୁଁ କାହିଁକି ...

ସେମାନେ କଣ ଦଳ ବଦଳାଇ ନାହାନ୍ତି ? ମନ୍ତ୍ରୀଙ୍କ ପରାମର୍ଶ କ'ଣ ବେଦର ଗାର ? ମୁଁ ତିନିଟି ଭୂମିକା (ଖବରକାଗଜ ପ୍ରକାଶକ, ସମ୍ପାଦକ ଓ ବିଜେଡି କର୍ମୀ)ରେ ଅଛି, ତେଣୁ ଦ୍ୱନ୍ଦ୍ୱ ରହିବା ସ୍ୱାଭାବିକ। ଯେହେତୁ ବିଜେଡ଼ିକୁ ଭଲ ପାଏ, ଦଳର ଦୋଷ ଦୁର୍ବଳତା ସୁଧାରିବା ଦାୟିତ୍ୱ ମଧ୍ୟ ଅଛି। ସେହିପରି ସୌମ୍ୟ ଯୁକ୍ତି ବାଢ଼ିଛନ୍ତି ମୁଁ କାହିଁକି ଦଳ ଛାଡ଼ିବି ? ସେମାନଙ୍କର ନିଲମ୍ବନ ଅଧିକାର ଅଛି, ସେମାନେ ଯାହା କରିବେ। ତାଙ୍କର ବୟାନରେ ମନ୍ତ୍ରୀ ପ୍ରତାପ ଦେବ କହିଥିଲେ ଯେ ଯଦି ସୌମ୍ୟଙ୍କର କୌଣସି କଥାକୁ ନେଇ ଅସନ୍ତୋଷ ଅଛି ବା ପରାମର୍ଶ ଅଛି, ତେବେ ତାହା ଦଳୀୟ ଫୋରମରେ ଆଲୋଚନା ହୋଇପାରିବ। ଏହାର ଜବାବରେ ସୌମ୍ୟ ପଚାରିଛନ୍ତି, ଦଳୀୟ ଫୋରମ କେଉଁଠି ଅଛି ? ଦଳୀୟ ଫୋରମ୍ ତୃତୀୟ ମହଲାରେ ଅଛି କି ? ଦରମା ପାଉଥିବା ସଚିବମାନେ ଦଳୀୟ କାମରେ ମୁଣ୍ଡ ପୁରାଇବା ଅନୁଚିତ। ଜଣେ ଦୁଇଜଣ ଆଇଏଏସ୍ ଅଫିସର ଦଳ ସମ୍ଭାଳିବେ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଯଦି ଦଳୀୟ କାର୍ଯ୍ୟକ୍ରମ କରିବାକୁ ଇଚ୍ଛା ଅଛି ତେବେ ସଚିବ ଇସ୍ତଫା ଦେଇ ଆସନ୍ତୁ। ଚାକିରି ଛାଡି ରାଜନୀତି କଲେ କୌଣସି ଆପତ୍ତି ନାହିଁ। ଏହାସହ ୫-ଟି ସଚିବଙ୍କ ଜିଲ୍ଲା ଗସ୍ତକୁ ନେଇ ସୌମ୍ୟ କହିଛନ୍ତି, ସିଏମଓ ଲୋକଙ୍କ ପାଖକୁ ଆସିଛି ବୋଲି କୁହାଗଲା। କିନ୍ତୁ ସିଏମଓରୁ ତ ଆଉ କେହି ଯାଉନାହାନ୍ତି, କ'ଣ ସେହି ଜଣେ ଲୋକ ଅଛନ୍ତି, ଯିଏ ସିଏମଓ କଥା ବୁଝୁଛନ୍ତି, ସରକାରୀ କଥା ବୁଝୁଛନ୍ତି, ସାଧାରଣ ଲୋକଙ୍କ ସୁଖଦୁଃଖ କଥା ବୁଝୁଛି। ଏହା କ'ଣ ସାଧାରଣ ଲୋକଙ୍କ ପାଇଁ ଅପମାନଜନକ ନୁହେଁ କି ? ସେଥିପାଇଁ ତ ଲେଖିଥିଲି 'ଆତ୍ମବିଭୋର ପ୍ରଶାସକ ଓ ଅସହାୟ ରାଜନେତା'। ମନ୍ତ୍ରୀଙ୍କ ଦ୍ୱାରା ଶାଗ ସିଝିବନି, ସେମାନେ ଅସହାୟ ବୋଲି ଉତ୍ତର ଦେଉନାହାନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ତାଙ୍କୁ ବିଶ୍ୱାସ କରୁନାହାନ୍ତି। କେବଳ ଜଣେ ଲୋକ ଅଛି ଯାହା ଉପରେ ସେ ବିଶ୍ୱାସ କରୁଛନ୍ତି। ଏତେ କ୍ଷମତା, ଏତେ ସମର୍ଥନ ଦେଖିଲେ ଯେ କେହି ବି ବିଭୋର ହୋଇଯିବ। ତାହା ତ ସମ୍ପାଦକୀୟରେ ଲେଖିଛି। ମୁଖ୍ୟମନ୍ତ୍ରୀ ପଠାଇଛନ୍ତି ବୋଲି ଲୋକଙ୍କୁ କହୁଛନ୍ତି। ବାସ୍ତବରେ ମୁଖ୍ୟମନ୍ତ୍ରୀ କ'ଣ ଏତେ ଅସହାୟ ହୋଇଗଲେଣି ଯେ, ଭିଡ଼ିଓ ବାର୍ତ୍ତାରେ ଅସ୍ପଷ୍ଟ ଭାଷାରେ କହିବେ ମୁଁ ପଠାଉଛି ଲୋକଙ୍କ ସୁଖଦୁଃଖ ବୁଝିବା ପାଇଁ। ଏଭଳି ଶାସନ ଉପରେ ବିଶ୍ୱାସ କରିବା କି ? ମୁଖ୍ୟମନ୍ତ୍ରୀ ଭାଗ୍ୟବାନ ବ୍ୟକ୍ତି ଯେ, ଓଡ଼ିଶାବାସୀ ତାଙ୍କୁ ଶ୍ରଦ୍ଧା, ଆଶୀର୍ବାଦ ଓ ସମର୍ଥନ ଦେଇଛନ୍ତି ତାହା ପୂର୍ବରୁ କେହି ପାଇ ନଥିଲେ କି ଭବିଷ୍ୟତରେ କେହି ପାଇବେ ନାହିଁ। ଏହି ସ୍ନେହ, ଶ୍ରଦ୍ଧାର ଉତ୍ତର କଣ ଭିଡ଼ିଓ ବାର୍ତ୍ତା ବୋଲି ପ୍ରଶ୍ନ କରିଛନ୍ତି ସୌମ୍ୟ। ଏହା ପୂର୍ବରୁ ମନ୍ତ୍ରୀ ପ୍ରତାପ ଦେବ କହିଥିଲେ ଯେ, ସୌମ୍ୟବାବୁ ଜଣେ ଶିକ୍ଷିତ ଓ ଜ୍ଞାନୀ ଗୁଣି ଲୋକ। ତାଙ୍କୁ ଉପଦେଶ ଦେବା ମୋର କିଛି ଦରକାର ନାହିଁ। ସେ ବିଜୁ ଜନତା ଦଳର ବିଧାୟକ ହୋଇ ନିରନ୍ତର ଭାବେ ସରକାର ଓ ଦଳକୁ ସମାଲୋଚନା କରୁଛନ୍ତି। ଯଦି ସମାଲୋଚନା କରିବାର ଅଛି ଦଳରୁ ବାହାରି କରନ୍ତୁ। ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ଲୋକଙ୍କ ପାଖକୁ ଯାଉଛି। ନିର୍ଦ୍ଦିଷ୍ଟ କେଉଁ ବ୍ୟକ୍ତି ବିଶେଷ ଯାଉନାହିଁ। ମୁଖ୍ୟମନ୍ତ୍ରୀ ଏହି କଥାକୁ ସ୍ପଷ୍ଟ କରିଛନ୍ତି। ଏତେସବୁ ପରେ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରକୁ ଓ ସରକାରଙ୍କୁ ସମାଲୋଚନା କରିବା ବିଲକୁଲ ସମୀଚିନ ନୁହେଁ ଓ ଏହା ସମ୍ପୂର୍ଣ୍ଣ ଭୁଲ୍। ଦଳୀୟ ପ୍ଲାଟଫର୍ମରେ ରହି ଏକ ପାଖିଆ ଭାବରେ ସୌମ୍ୟ ବାବୁ ସବୁକଥାରେ ସରକାରଙ୍କୁ ସମାଲୋଚନା କରୁଛନ୍ତି। ଏହାକୁ ଆମେ ବ୍ଲାକମେଲିଂ ବୋଲି କହିବା।

### ଖୋର୍ଦ୍ଧାରେ ...

ଏହା ଥିଲା ଦେଶର ପ୍ରଥମ ବିଦ୍ରୋହ ବୋଲି ଐତିହାସିକ ମାନେ ମତପ୍ରକାଶ କରନ୍ତି। ଏହି ମହାନ ପାଇକ ପରମ୍ପରାକୁ ଉଜ୍ଜିବିତ କରି ରଖିବା ସହ ଏ ଦିଗରେ ଅଧିକ ଗବେଷଣା ପାଇଁ ଓଡିଶା ପାଇକ ଏକାଡେମୀ ଓ ଗବେଷଣା କେନ୍ଦ୍ର ମାର୍ଗ ପ୍ରଶସ୍ତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୫ଟି ସଚିବ ଭି.କେ. ପାଣ୍ଡିଆନ ଗତ ଅଗଷ୍ଟ ମାସ ଶେଷ ସପ୍ତାହରେ ଖୋର୍ଦ୍ଧା ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ପାଇକ ସଂଗଠନର ସଦସ୍ୟମାନଙ୍କୁ ଭେଟିଥିଲେ ଏବଂ ପାଇକ ପରମ୍ପରାର ସୁରକ୍ଷା ଓ ପ୍ରସାର ସମ୍ପର୍କରେ ତାଙ୍କ ସହିତ ଆଲୋଚନା କରିଥିଲେ। ଓଡିଶା ଇତିହାସରେ ପାଇକ ପରମ୍ପରାକୁ ଗୌରବମୟ ଅଧ୍ୟାୟ ଭାବରେ ଶ୍ରୀ ପାଣ୍ଡିଆନ ବର୍ଣ୍ଣନା କରିଥିଲେ ଏବଂ ଏହାର ସୁରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ପରେ ଏ ବିଷୟରେ ସେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ।

### ଜବରଦଖଲ ...

ଫଳରେ ସେ ଜନସ୍ୱାର୍ଥ ପାଇଁ ଘଟଣାସ୍ଥଳରେ ପହଞ୍ଚିବା ସହ କେନାଲ ଖୋଳି ଜଳସେଚନ ବ୍ୟବସ୍ଥା କରିଥିଲେ। ଅପରାଜିତା ଚିଠିରେ ଉଲ୍ଲେଖ କରିଥିଲେ ଯେ ଯେଉଁ ଜମିରେ ବାଡ଼ ଘେରାଯାଇଛି ସେଥିରୁ କିଛି କିଣା ଯାଇଥିବା ବେଳେ କେତେକ ସରକାରୀ ଜମି, ଜଙ୍ଗଲ ଜମି, ଧବଳେଶ୍ୱର ଦେବଙ୍କ ଜମି ରହିଛି। ବଳପୂର୍ବକ ଭାବେ କେନାଲ ପୋତି ଦିଆଯାଇଛି। ସାଧାରଣ ଲୋକଙ୍କୁ ଭୟଭୀତ କରି ଜମି କିଣି ନିଆଯାଇଛି। ପ୍ରାୟ ୧୫୦ ଏକର ଜାଗା ତାରବାଡ଼ ଘେରାଯାଇଛି। ଆଉ ଅପରାଜିତା ନିଜେ ଲୋକଙ୍କ ସହ ମିଶି କେନାଲ ଖୋଳିବା ସହ ମୁଖ୍ୟ ଯନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଆଉ ବିଭାଗ ପକ୍ଷରୁ ଏହି ଘଟଣାକୁ ସ୍ୱୀକାର କରାଯାଇ ତୁରନ୍ତ ଜବରଦଖଲ ହଟାଇବାକୁ କୁହାଯାଇଛି।

### ଲୋକଙ୍କ ...

ଠିକାଦାରଙ୍କ ନିମ୍ନମାନର କାମ ବିଷୟରେ ସାଧାରଣ ଲୋକ ପାଣି ପାଇବାରୁ ବଞ୍ଚିତ ହୋଇପଡିଥିବା ବିଷୟରେ ଅଭିଯୋଗ ଆଣିଥିଲେ କିନ୍ତୁ ଜିଲ୍ଲାପାଳ ମହାଶୟ ବିଭାଗୀୟ ଯନ୍ତ୍ରୀ ମହାଶୟା ଦୀପାଳିକା ବିଶ୍ୱାଳଙ୍କୁ ପଚାରିବାରୁ ସେ ଏକମାସ ମଧ୍ୟରେ ବାକି ଥିବା ୧୦ଗୋଟି ୱାର୍ଡକୁ ସୁଚାରୁପେ ପାଣି ଯୋଗାଇ ଦେବା ନିମନ୍ତେ ପ୍ରତିସୃତି ଦେଇଥିଲେ। ଏହି ପ୍ରତିଶ୍ରୁତି ଆଜକୁ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ବିଭିନ୍ନ ଆଳ ଦେଖାଇ ଆଜି ପର୍ଯ୍ୟନ୍ତ ସମୟ ଗଡାଇ ଚାଲିଛନ୍ତି କାର୍ଯ୍ୟ ଓ ଜିଲ୍ଲାପାଳଙ୍କୁ ଦେଇଥିବା ପ୍ରତିସୃତି - ପ୍ରତିସୃତିରେ ହିଁ ରହିଯାଇଛି। ଏହାସହିତ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଶେଷହୋଇ ପୂର୍ଣ୍ଣବାର ଉକ୍ତ ଟାଙ୍କିର ରିପାରିଙ୍ଗ କାର୍ଯ୍ୟ ବାବଦରେ ଅର୍ଥମଧ୍ୟ ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଗ୍ରାମାଞ୍ଚଳ ବାସୀଙ୍କ ପାଖରେ ପାଣି ପହଞ୍ଚି ପାରୁନାହିଁ। ଏସମ୍ବନ୍ଧରେ ପଞ୍ଚାୟତର ରଶ୍ମୀରଞ୍ଜନ ସ୍ୱାଇଁ କିଛି ମାସତଳେ ସୂଚନା ଅଧିକାର ଆଇନ ଦ୍ୱାରା ମାଗିଥିବା ତଥ୍ୟ ବିଭାଗୀୟ ଅଧିକାରୀ ସଠିକ୍ ଦେଇନଥିବା ଜଣାପଡେ। ଏଥିରୁ ସାଧାରଣରେ ଜଣାପଡେଯେ ଉକ୍ତ କାର୍ଯ୍ୟ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ନିମ୍ନମାନର କାମ କରାଯାଇଥିବାରୁ ପାଣିନପାଇ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏ ବିଷୟରେ ପଞ୍ଚାୟତର ସାଧାରଣ ଲୋକମାନେ ଦାବୀ କରନ୍ତି ଯେ ଉକ୍ତ କାର୍ଯ୍ୟ ସମ୍ବନ୍ଧରେ ଉଚ୍ଚସ୍ତରୀୟ ବିଭାଗୀୟ ଅଧିକାରୀ ଓ ଓଡିଶା ଦୁର୍ନୀତି ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଗଲେ କାର୍ଯ୍ୟ ସମ୍ବନ୍ଧରେ ସଠିକ ତଥ୍ୟ ଲୋକ ଲୋଚନକୁ ଆସିପାରିବ ବୋଲି ଦାବୀ କରିଛନ୍ତି। ରଘୁନାଥପୁର ବ୍ଲକ ଅଧିନରେ ଥିବା ୧୯ଗୋଟି ପଞ୍ଚାୟତରେ ମଧ୍ୟ ଯନ୍ତ୍ରୀ ଓ ଠିକାଦାରଙ୍କ ମନମୁଖି କାର୍ଯ୍ୟ ଯୋଗୁ ଏହିଭଳି ସମସ୍ୟା ଦେଖିବାକୁ ମିଳିଛି।

# ଏମ୍‌ସିଏ ପାତ୍ରପଡା ଯୋଗ ସାଧନା କେନ୍ଦ୍ରରେ ଗୁରୁ ଦିବସ ପାଳନ

**ଭୁବନେଶ୍ୱର :** ପାତ୍ରପଡା ଯୋଗ ସାଧନା କେନ୍ଦ୍ରରେ ଗୁରୁ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ସାଧକ ସାଧିକା ମାନେ ବିପୁଳ ସଂଖ୍ୟାରେ ଯୋଗ ଦେଇଥିଲେ। ଉକ୍ତ ସଭାରେ ହେମନ୍ତ କୁମାର ଖୁଣ୍ଟିଆ ଅଧ୍ୟକ୍ଷତା କରିଥିଲେ ଏବଂ କେନ୍ଦ୍ର ପ୍ରମୁଖ ପ୍ରତାପ ଚନ୍ଦ୍ର ମହାପାତ୍ର ଓଁ କି ଧ୍ୱନି ଓ ଗାୟତ୍ରି ମନ୍ତ୍ର ଉଚ୍ଚାରଣ କରିଥିବାବେଳେ ସ୍ୱାଗତ ଭାଷଣ ମଧ୍ୟ ପ୍ରଦାନ କରିଥିଲେ। ଶ୍ରୀ ଶ୍ରୀ ଗଣେଶ ଭଗବାନଙ୍କ ଫଟୋରେ ଧୂପ ପୁଷ୍ପ ସହ ପ୍ରଦୀପ ପ୍ରଜ୍ୱଳନ ଓ ଶଙ୍ଖ ଧ୍ୱନି ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସାଧିକାମାନେ ଗୁରୁ ବନ୍ଦନା ସହ ଦୀପଂଜ୍ୟୋତି ମନ୍ତ୍ର ଗାନ କରିଥିଲେ। ଏହାପରେ ଉଭୟ ଗୁରୁଜୀ ଉଦୟ ନାଥ ସାହୁଜୀ ଏବଂ ପ୍ରତାପ ଚନ୍ଦ୍ର ମହାପାତ୍ର ଜୀଙ୍କୁ ସାଧକ ସାଧିକାମାନେ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଗୁରୁ ଦିବସର ଗୁରୁତ୍ୱ ଉପରେ ଆଲୋଚନାରେ କେନ୍ଦ୍ରର ସାଧକ ସାଧିକାମାନେ ଯଥା ପ୍ରତାପ ଚନ୍ଦ୍ର ମହାପାତ୍ର, ବିକର୍ତ୍ତନ ତ୍ରିପାଠୀ, ତରୁଣ ବାଳା ମହାପାତ୍ର, ଦିପଙ୍କର ସାହୁ, ପ୍ରଭାକର ପଣ୍ଡା, ଉମାକାନ୍ତ ପାଢୀ, ସନ୍ତୋଷ



କୁମାର ମହାନ୍ତି ଓ ସୁନନ୍ଦା ସାହୁ ଭାଗ ନେଇଥିଲେ। ଶେଷରେ ମୁଖ୍ୟ ଅତିଥି ତଥା ସଭାପତି ହେମନ୍ତ କୁମାର ଖୁଣ୍ଟିଆ ନିଜ ବକ୍ତବ୍ୟରେ ଯୋଗ ଶିକ୍ଷକମାନେ ଓ ଯୋଗ ଶିକ୍ଷା କିପରି ସୁସ୍ଥ ସମାଜ ଗଠନ ଓ ସୁସ୍ଥ ଜୀବନ ଶୈଳୀ ପାଇଁ ଗୁରୁତ୍ୱପୂର୍ଣ୍ଣ, ଏହା ଉପରେ ସାରଗର୍ଭକ ମନ୍ତବ୍ୟ ପ୍ରଦାନ କରିଥିଲେ। ସାଧକ ତଙ୍କଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପୁଷ୍ପାଞ୍ଜଳି ରାଉତରାୟ ପ୍ରାର୍ଥନା ଓ ଶାନ୍ତି ପାଠ ଆବୃତ୍ତି କରିଥିଲେ। ସର୍ବ ଶେଷରେ ମହେନ୍ଦ୍ର ରଣସିଂହଙ୍କ ନେତୃତ୍ୱରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଗୁରୁ ଦିବସ ଉତ୍ସବର ସମଗ୍ର କାର୍ଯ୍ୟକ୍ରମକୁ ସାଫଲ୍ୟ କରିବାରେ କେନ୍ଦ୍ରର ସମସ୍ତ ସାଧକ ସାଧିକାମାନେ ଅକୁଣ୍ଠ ସହଯୋଗ ଓ ଶ୍ରମ ପ୍ରଦାନ କରିଥିଲେ। ପରିଶେଷରେ କାର୍ଯ୍ୟକ୍ରମ ସମାପ୍ତ ଘୋଷଣା କରାଯାଇଥିଲା।

# ରବୀନ୍ଦ୍ର ଓ ଅନସୂୟା ପାଇଲେ ପରିବେଶ ବନ୍ଧୁ ପୁରସ୍କାର

**ଭୁବନେଶ୍ୱର:** ଭୁବନେଶ୍ୱର ଉପକଣ୍ଠ ସତ୍ୟଭାମାପୁର ସ୍ଥିତ ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ -୨ର ସ୍କାଉଟ୍ ମାଷ୍ଟର ରବୀନ୍ଦ୍ର କୁମାର ମହାରଣା ଏବଂ ଗାଇଡ୍ କ୍ୟାପଟେନ୍ ଅନସୂୟା ମହାରଣାଙ୍କୁ ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ତରଫରୁ ଗତ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଦ୍ୟାଳୟ ତରଫରୁ ପରିବେଶ ବନ୍ଧୁ ପୁରସ୍କାର -୨୦୨୩ ଖାଦ୍ୟ ଯୋଗାଣ ଓ ସମବାୟ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ସଭାପତି (ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍) ଅତନୁ ସବ୍ୟସାଚୀ ନାୟକ ଏବଂ




ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର (ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଓ ଗାଇଡସ୍) ଡଃ କାଳିପ୍ରସାଦ ମିଶ୍ର ୯୩ ତମ ରାଜ୍ୟ କାଉନସିଲ ବୈଠକରେ ପ୍ରଦାନ କରିଥିଲେ। ବିଦ୍ୟାଳୟର ଏହି ସଫଳତା ପାଇଁ ସ୍କୁଲ ପରିଚାଳନା କମିଟି, ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଶିକ୍ଷକ ଶିକ୍ଷୟତ୍ରୀ ଏବଂ ସ୍କାଉଟ୍ ଓ ଗାଇଡ୍ ଶାଖା ତରଫରୁ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଡାକ ବିଭାଗର ବିଚିତ୍ର ସେବା; ୫ ବର୍ଷ ପରେ ପହଞ୍ଚିଲା ମନି ଅର୍ଡର


**ଅସ୍ତରଙ୍ଗ :** ଭାରତବର୍ଷରେ ଟଙ୍କା ପ୍ରେରଣ ଏବଂ ପତ୍ର ବିନିମୟର ମୁଖ୍ୟ ସୁରକ୍ଷିତ ବ୍ୟବସ୍ଥା ହେଲା ଭାରତୀୟ ଡାକ ବିଭାଗ। କିନ୍ତୁ ସେହି ବିଭାଗରେ ଟଙ୍କା ପଠେଇ ସାରିଲା ପରେ ଯଦି ସେ ଟଙ୍କା ଠିକଣା ଜାଗାରେ ନ ପହଞ୍ଚି ବର୍ଷ ବର୍ଷ ଧରି ଡାକ ବିଭାଗରେ ପଡ଼ିରହିବ ତାହାଲେ ଡାକ ବିଭାଗ ଉପରୁ ସାଧାରଣ ଜନତାଙ୍କ ଆସ୍ଥା ତୁଟିଯିବା ସହିତ ଯେଉଁ କାର୍ଯ୍ୟ ପାଇଁ ଟଙ୍କା ପ୍ରେରଣ ହୋଇଥିଲା ସେ କାର୍ଯ୍ୟରେ ବି ବାଧା ସୃଷ୍ଟି ହେବା ସ୍ୱାଭାବିକ। ସେହିପରି ଏକ ଘଟଣା ଦେଖିବାକୁ ମିଳିଛି ଅସ୍ତରଙ୍ଗ ବ୍ଲକ ପାଟଳଦା ପଞ୍ଚାୟତ ଆଦିକନ୍ଦ ପୁର ଗ୍ରାମର ସୁଧୀର କୁମାର କରଙ୍କ ସହିତ ସୂଚନା ମୁତାବକ ୨୦୧୮ମସିହା ଅଗଷ୍ଟ ୨୪ତାରିଖ ରେ ଚନ୍ଦନପୁର ସବ ପୋଷ୍ଟ ଅଫିସରେ ବିରନରସିଂହପୁର ଗ୍ରାମର ପ୍ରକାଶ କୁମାର ରଥ ଏକ ହଜାର ଟଙ୍କା ସୁଧୀର କୁମାର କରଙ୍କ ପାଖକୁ ମନି ଅର୍ଡର ମାଧ୍ୟମରେ ପଠେଇ ଥିଲେ। ଯାହାର ଇଏମଓ ନମ୍ବର ୦୬୬୭୪୩୩୫୦୮୭୫୨୪୧୦୧୦। କିନ୍ତୁ ବିଡମ୍ବନାର ବିଷୟ ସେ ଟଙ୍କା ଠିକଣା ଜାଗାରେ ପହଞ୍ଚିନଥିଲା। କଣ ପାଇଁ ଟଙ୍କା ପହଁଚିଲାନି ଡାକ ଘରେ ପଚାରିବାରୁ ସେଠୁ କିଛି ସନ୍ତୋଷଜନକ ଉତ୍ତର ମିଳିନଥିଲା। କିନ୍ତୁ ବହୁ ପ୍ରତୀକ୍ଷାର ଅନ୍ତ ଘଟାଇ ଶେଷରେ ଦୀର୍ଘ ବର୍ଷ ପରେ ୨୦୨୩ମସିହା ସେପ୍ଟେମ୍ବର ୪ତାରିଖରେ ମନିଅର୍ଡର ଆସି ପହଞ୍ଚିଛି। କେଉଁ କାରଣରୁ ଏବଂ କାହାର ଅବହେଳାରୁ ଏମିତି ଅବହେଳା ହୋଇଛି ତାହା ତଦନ୍ତ ସାପେକ୍ଷ।

# ଜିଲ୍ଲାସ୍ତରୀୟ ପୋଷଣ ମାସର ଶୁଭାରମ୍ଭ

**ନବରଙ୍ଗପୁର :** ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ଅଙ୍ଗନବାଡି ସ୍ତରରେ କୁପୋଷଣକୁ ରୋକିବା ନିମନ୍ତେ ବ୍ୟାପକ ଜନ ସଚେତନତା କରିବା ପାଇଁ ଜିଲ୍ଲାସ୍ତରୀୟ ପୋଷଣ ମାସର ଶୁଭାରମ୍ଭ କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ତରଫରୁ ସ୍ଥାନୀୟ ମିଶନ ଶକ୍ତି ସଭାଗୃହ ଠାରେ ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଜିଲ୍ଲାପାଳ ଡଃ ମିଶ୍ର ସମାଜରୁ କୁପୋଷଣକୁ ସଂପୂର୍ଣ୍ଣ ରୂପେ ଦୂରେଇବା ପାଇଁ ହେଲେ ବିଶେଷ କରି ମା ଓ ଶିଶୁଙ୍କର ପୋଷଣ ନିମନ୍ତେ ପରିପୂରକ ଖାଦ୍ୟ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲାରେ ପ୍ରତ୍ୟେକ ମା' ସ୍ତନ୍ୟପାନର ଗୁରୁତ୍ୱ ଉପରେ ସଠିକ ଭାବରେ ଯେପରି ବୁଝିପାରିବେ ସେ ଉପରେ ସମସ୍ତ ଅଙ୍ଗନବାଡି କର୍ମୀ ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବୈଠକର ପ୍ରାରମ୍ଭରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା ଜିଲ୍ଲାରେ ଚଳିତ ମାସରେ ସମସ୍ତ ଅଙ୍ଗନବାଡି ସ୍ତରରେ କୁପୋଷଣ ରୋକିବା ନିମନ୍ତେ ବ୍ୟାପକ ଜନ ସଚେତନତା କରିବା ନିମନ୍ତେ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଉପରେ ଆଲୋକପାତ କରିଥିଲେ। ବିଶେଷ କରି ସମସ୍ତ ଅଙ୍ଗନବାଡି ସ୍ତରରେ ସ୍ତନ୍ୟପାନର ଉପକାରିତା, ପରିପୂରକ ପୁଷ୍ଟିକର ଆହାର, ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଖାଦ୍ୟ ଓ ସନ୍ତୁଳିତ ଆହାର, କ୍ଷୁଦ୍ରସଶ୍ୟ ଯଥା ମାଣ୍ଡିଆ, ସୁଆଁ ଓ ମକାରେ ଖାଦ୍ୟର ଉପକାରିତା, ରକ୍ତହୀନତା କାରଣ ନିରାକଣ ଉପରେ ସାଧାରଣ ସଭା, ସଚେତନତା ଶୋଭାଯାତ୍ରା, ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ଖାଦ୍ୟ ର ପ୍ରଦର୍ଶନୀ ଆଦି କାର୍ଯ୍ୟକ୍ରମ ସବୁ ବର୍ଗର ଲୋକଙ୍କ ସହିତ କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ।

# କୋଣାର୍କ ଭଗବତୀ ମହାବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ

**କୋଣାର୍କ :** କୋଣାର୍କ ଭଗବତୀ ମହାବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠା ଦିବସରେ କୋଣାର୍କ ଏନଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଅବତାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ହରେକୃଷ୍ଣ ମହାନ୍ତି, ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ରାଜନେତା ରାଜକିଶୋର ମହାପାତ୍ର, କୋଣାର୍କ ଭଗବତୀ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘର ସଭାପତି ହୃଦାନନ୍ଦ ସେଠୀ, ସାଂସଦଙ୍କ ପ୍ରତିନିଧି ପଦ୍ମଚରଣ ବେଉରା ପ୍ରମୁଖ ଯୋଗଦେଇଥିଲେ। ମହାବିଦ୍ୟାଳୟ ପରିସରରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଉଚ୍ଚ ଶିକ୍ଷା ପାଇଁ ୧୯୭୮ ମସିହା ସେପ୍ଟେମ୍ବର ମାସ ୭ ତାରିଖରେ ପ୍ରତିଷ୍ଠା କରାଯାଇଥିଲା କୋଣାର୍କ



ଭଗବତୀ ମହାବିଦ୍ୟାଳୟ। ଏହି ମହାବିଦ୍ୟାଳୟଟି ବହୁବିଧ ସମସ୍ୟାର ସମ୍ମୁଖିନ ହୋଇ ଉନ୍ନତି କରିବା ପରିବର୍ତ୍ତେ ଅବନତି କରୁଥିବା ସମ୍ପର୍କରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜସ୍ୱ ମତ ଉପସ୍ଥାପନ କରିଥିବାବେଳେ ପ୍ରତିଷ୍ଠାତା ସଭ୍ୟ, ପରିଚାଳନା ସମିତିର ସଦସ୍ୟ ମାନେ ମତ ଉପସ୍ଥାପନ କରିଥିଲେ। ଏତଦବ୍ୟତିତ ମହାବିଦ୍ୟାଳୟର ବହୁବିଧ ସମସ୍ୟା ସମ୍ପର୍କରେ ସମାଧାନ କରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଅଧ୍ୟକ୍ଷ ଶ୍ରୀ ମିଶ୍ର ସୂଚନା ଦେଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଅରବିନ୍ଦ ସାହୁ ଅତିଥି ପରିଚୟ ଓ ମଂଚ ସଞ୍ଚାଳନ କରିଥବଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

# ଗ୍ରାମ ପଞ୍ଚାୟତର ଭିତ୍ତି, ବ୍ୟବସ୍ଥା ଓ ବିକାଶ



ମାନସ କୁମାର ରାଉତ

ଏକଦା ଭାରତର ଭାତ ହାଣ୍ଡି ଗ୍ରାମରେ ରହିଛି ଏବଂ ପ୍ରତି ଗ୍ରାମର ବିକାଶ ହେଲେ ଦେଶର ବିକାଶ ହୋଇପାରିବ ବୋଲି ମହାତ୍ମାଗାନ୍ଧୀ ପ୍ରକାଶ କରିଥିଲେ। ପରେ ଗ୍ରାମର ବିକାଶ ପାଇଁ ଗ୍ରାମ ପଞ୍ଚାୟତ ଆଇନ୍ ସାରା ଦେଶରେ କାର୍ଯ୍ୟକାରୀ କରାଯାଇଥିଲା। ସେହିପରି ପ୍ରତ୍ୟକ ରାଜ୍ୟରେ ଗ୍ରାମ ପଞ୍ଚାୟତର ବିକାଶ ପାଇଁ ଜଣେ ଜଣେ ନିର୍ବାହୀ ଅଧିକାରୀ ମାନଙ୍କୁ ସରକାର ନିଯୁକ୍ତ ଦେଇ ସେମାନଙ୍କ ଦ୍ୱାରା ପ୍ରତ୍ୟକ କାର୍ଯ୍ୟ କରାଇ ଆସୁଛନ୍ତି। ଫଳରେ ଗ୍ରାମ ମାନଙ୍କର ଦୃତ ବିକାଶ ପରିଲକ୍ଷିତ ହେଉଛି। ୧୯୬୪ ଶତାବ୍ଦୀରୁ ଗ୍ରାମ ଗଡିକରେ ଯୋଗାଯୋଗ ନଥିଲା କିନ୍ତୁ ବର୍ତ୍ତମାନ ଗ୍ରାମ ଗଡିକକରୁ ପକ୍କା ସଡକ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଯୋଗାଯୋଗ ବ୍ୟବସ୍ଥାର ବିକାଶ ହୋଇପାରିଛି। ସେହିପରି ଦାରିଦ୍ୱ ଦୂରିକରଣ ଯୋଜନା ହେଉ ଅଥବା ପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟ, ସାମଜିକ ସୁରକ୍ଷା, ବନୀକରଣ, ଅର୍ଥନିତି ସୁଦୃଢ଼ କରଣ, ଅତ୍ମନିର୍ଭଳଶୀଳ କରିବାର ବ୍ୟବସ୍ଥା, ସାମଜିକ ନ୍ୟାୟ ପ୍ରଦାନ, ପାକୃତିକ ବିପର୍ଯ୍ୟସ୍ତର ମୁକାବିଲା, ଆଦି ସମସ୍ତ କାର୍ଯ୍ୟ ପଞ୍ଚାୟତ ହସ୍ତରେ ନ୍ୟସ୍ତ କରାଯାଇଛି। ୧୯୬୪ ମସିହାରେ ପଞ୍ଚାୟତ ଦ୍ୱାରା ବୃହତର ସ୍ୱାର୍ଥକୁ ଦୃଷ୍ଟି ଦେଇ ପଞ୍ଚାୟତରାଜ ବିଭାଗ ସୃଷ୍ଟି କରାଯାଇଥିଲା। ଏହାର ଲକ୍ଷ ଥିଲା ଦେଶର ସମସ୍ତ ଗ୍ରାମ ମାନଙ୍କର ବିକାଶ ସହିତ ଗ୍ରାମର ପ୍ରତ୍ୟକ ବ୍ୟକ୍ତି ବିଶେଷ ମାନଙ୍କ ବିକାଶ। ହେଲେ ପଂଚାୟତ ରାଜ ବିଭାଗରେ କାର୍ଯ୍ୟ କରିବା ଏବଂ ଲକ୍ଷ୍ୟ ତିଆରି କରିବା ଭିତରେ ଆକାଶ ପାତାଳ ପ୍ରଭେଦ ରହିଗଲା। ପ୍ରଥମକୁ ଗ୍ରାମର ଲୋକଙ୍କ ହିତ ସାଧିତ ପାଇଁ ଗ୍ରାମର ଲୋକମାନେ ସେମାନଙ୍କ ରାଜା ଅର୍ଥାତ ସରପଞ୍ଚ ଗଣତନ୍ତ୍ର ଉପାୟରେ ଚୟନ କରିବେ। ଉକ୍ତ ବ୍ୟକ୍ତିଟି ପଂଚାୟତରେ ନ୍ୟାୟ ସାଧନ ଏବଂ ଗ୍ରାମର ବିକାଶ କରବ ବୋଲି ନିୟମ ରହିଥିଲା। ସମୟ କ୍ରମେ ଏଥିରେ ଅନେକ ପ୍ରକାରର ପରିବର୍ତ୍ତନ କରାଯାଇଥିଲା। ଏବଂ ଗଣତନ୍ତ୍ରରେ ଚୟନ ହେତୁ ଏଥିରେ ରାଜନୌତିକ ଦଳ ମାନଙ୍କ ପତିଆର ବଢ଼ିଲା। ଏବଂ ଏହା ଧିରେ ଧିରେ ଗ୍ରାମର ଲୋକଙ୍କୁ କବଳିତ କରି ଗ୍ରାମର ବିକାଶ ବଦଳରେ ନିଜର ଅଧିକ ଅର୍ଥନୌତିକ ସାମାଜିକ ବିକାଶ କରିବାରେ ଲାଗିପଡିଲେ। ଫଳରେ ଗ୍ରାମରେ ସଠିକ ଭାବେରେ ବିକାଶ କରିବା ସମ୍ଭବ ହୋଇପାରିନାହିଁ। ଯଦିଓ ସରକାର କେତେକ ବୃହତ୍ତର ସ୍ୱାର୍ଥରୁ କେତକ ନିୟମରେ ପରର୍ତ୍ତନ କରିଛନ୍ତି କିନ୍ତୁ ଏହି ନିୟମ ଗୁଡିକର ଦୃଗଣ ଚିହ୍ନଟ କରିବାରେ ଅକ୍ଷମତା ହେତୁ ଏଥିରେ ମଧ୍ୟ ସମ୍ପୁର୍ଣ୍ଣ ଲାଭ ମିଳିବା କଷ୍ଟକର ହୋଇପଡିଛି।

ବଳବନ୍ତରାୟ ମେହେଟା କମିଟିର ରିପୋର୍ଟ ଆଧାରରେ ଭାରତରେ ପଞ୍ଚାୟତ ରାଜ ବିଭାଗ ସୃଷ୍ଟି କରାଯାଇଥିଲା। ଏହା ଦ୍ୱାରା ସେତେବେଳେ ଲକ୍ଷ୍ୟ ଥିଲା ନିମ୍ନସ୍ତରରେ ଗଣତନ୍ତ୍ରର ପ୍ରତିଷ୍ଠା କରିବା। କେନ୍ଦ୍ରୟ କ୍ଷମାକୁ ଭାଗ କରି ଲୋକାଲ ସେଲ୍ସ କ୍ଷମତା ସୃଷ୍ଟି କରିବା। ଯାହା ଫଳରେ ୭୨ ଆମେଣ୍ଡମେଂଟ ୧୯୯୨ରେ ଏହା ଏକ ବିଲରେ ପରିଣତ ହୋଇ ପଞ୍ଚାୟତ ରାଜ ବିଭିଗ ପ୍ରତିଷ୍ଠା କରାଯିବା ପାଇଁ ବିଲ ପାସ କରାଯାଇଥିଲା। ପରେ ୨୪ ଏପ୍ରିଲ ୧୯୯୩ରେ ସାରା ଭାରତରେ ପଞ୍ଚାୟତର ଗଠନ କରାଗଲା।

ଭାରତରେ ଧାରା ୪୦ ଅନୁଯାୟୀ ପ୍ରତ୍ୟକ ରାଜ୍ୟରେ ପଞ୍ଚାୟତ ଗଠନ କରାଯିବା ପାଇଁ ନିୟମ କରାଯାଇଛି। ଏହାକୁ କରିବା ଏବଂ ଏଥିରେ କିଛି ପରିବର୍ତ୍ତନ କରିବା ପାଇଁ ବିଭିନ୍ନ ସମୟରେ ଅନେକ କମିଟି ମଧ କରାଯାଇ ଏଥିରେ ଅନେକାଂଶରେ ପରିବର୍ତ୍ତନ କରାଯାଇଛି।

ପ୍ରଥମେ ବଳବନ୍ତ ରାୟ ମେହେଟା କମିଟି ୧୯୫୭ ମସିହାରେ ଗଠନ କରାଯାଇ ପଞ୍ଚାୟତ ଅନୁଧାନ କରାଯାଇଥିଲା। ପରେ କମିଟି ତାଙ୍କର ରିପୋର୍ଟ ପ୍ରଦାନ କରିଥିଲେ। ଏଥିରେ ତ୍ରୀ ସ୍ତରୀୟ ପଞ୍ଚାୟତ ରାଜ ପ୍ରତିଷ୍ଠା କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିରେନିମ୍ନ ସ୍ତର ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ଏହିଭଳି ତିନୋଟି ସ୍ତର ଗଠନ କରିବା ପାଇଁ ମତ ଦେଇଥିଲେ। ଏଥିରେ ପଞ୍ଚାୟତ ସିଧାସଳଖ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହେବା ସହିତ ପଞ୍ଚାୟତ ସମିତି ଏବଂ ଜିଲ୍ଲା ପରିଷଦ ପାଇଁ ପଞ୍ଚାୟତ ଏବଂ ବିଭିନ୍ନ ଜୋନରୁ ଆସିଥିବା ନିର୍ବାଚିତ ପ୍ରତିନିଧି ମାନଙ୍କ ମଧ୍ୟରୁ ଚୟନ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଗ୍ରାମ ମାନଙ୍କର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବା ଏହାର ପ୍ରାଥମିକ ଲକ୍ଷ୍ୟ ରଖାଯାଇଥିଲା। ଏଥିରେ ପଞ୍ଚାୟତ ସମିତିକୁ କାର୍ଯ୍ୟକାରୀ ଅଙ୍ଗ ଏବଂ ଜିଲ୍ଲା ପରିଷଦକୁ ଉପଦେଷ୍ଟା ଏବଂ ତଦାରକ ପାଇଁ କମିଟି ସୁପାରିଶ କରିଥିଲା। ଏହାକୁ ନେହେରୁ ପ୍ରଧାନ ମନ୍ତ୍ରୀ ଥିବା ବେଳେ ଏହି କିମିଟର ରିପୋର୍ଟକୁ କାର୍ଯ୍ୟକାରୀ କରାଇଥିଲେ।

ହେଲେ ପରବର୍ତ୍ତୀ ସମୟରେ ଅଶୋକ ମେହେଟା କମିଟି ୧୯୭୭ରେ ନିଜର ରିପୋର୍ଟ ପ୍ରଦାନ କରିଥିଲା। ଏଥିରେ ପଂଚାୟତ ବ୍ୟବସ୍ଥାକୁ ସେ ତିନୋଟି ସ୍ତର ବଦଳରେ ୨ଟି ସ୍ତରରେ ପରିବର୍ତ୍ତିତ କରିବା ସହିତ ପଞ୍ଚାୟତ ଏବଂ ଜିଲ୍ଲା ପରିଷଦକୁ ନିଜ ରିପୋର୍ଟରେ ସ୍ଥାନ ଦେଇଥିଲା। ଜିଲ୍ଲା ସ୍ତରରେ ପ୍ରଥମ ସ୍ତର ଭାବେ ରାଜ୍ୟ ସ୍ତର ପରେ ପଞ୍ଚାୟତର ବିକାଶକୁ ତଦାରକ କରିବ ଦରକାର ବୋଲି ଏହି କମିଟି ଉଲ୍ଲେଖ କରିଥିଲା। ଏବଂ ଜିଲ୍ଲା ପରିଷଦକୁ ଗ୍ରାମର ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବା ଏବଂ ଦାୟି ବୋଲି କିମିଟି ଦର୍ଶାଇଥିଲା। ହେଲେ ଏସବୁ ପରେ ମଧ୍ୟ ନିମ୍ନ ସ୍ତରରେ ଯେତିକି ବିକାଶ ହେବା କଥା ତାହା ହେଲା ନାହିଁ।


ଫଳରେ ୧୯୮୫ ମସହାରେ ଜି.ଭିକେ ରାଓ କମିଟି ଗଠନ କରାଯାଇଥିଲା। ଏହି କମିଟି ତାହାର ରିପୋର୍ଟରେ ଦର୍ଶାଇଲାଯେ ବିକାଶ କରିବା ପାର୍ଇ ଜିଲ୍ଲା ପରିଷଦକୁ ମୁଖ୍ୟ ଅଙ୍ଗ ଭାବରେ ବିଚାରକୁ ନେବା ସହିତ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବ। ଏବଂ କେତେକ ସ୍ୱତନ୍ତ୍ର ଯୋଜନା ପଂଚାୟତରେ ପ୍ରଣୟନ କରିବ ଏବଂ ତାହାକୁ ତଦାରକ ମଧ କରିବ। ଏବଂ ଜିଲ୍ଲାରେ ବିକାଶ ପାଇଁ ଜଣେ କମିଶନରକୁ ନିଯୁକ୍ତି କରାଯିବ ଏବଂ ସେ ଜିଲ୍ଲାର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରିବେ। ପଂଚାୟତରେ ସଠିକ ସମୟରେ ନିର୍ବାଚନ କରିବା ପାଇଁ ଏହି କମିଟି ତାହାର ରିପୋର୍ଟରେ ପରିପ୍ରକାଶ କରିଥିଲେ। ଏହି କିମଟି ସୁପାରିଶ ଅନୁଯାୟୀ ଜିଲ୍ଲାପରିଷଦରେ ରହିଥିବା ପି.ଡି ପଦବୀ ଟି ଏବେ ବଦଳାଯାଇ ମୁଖ୍ୟ କାର୍ଯ୍ୟର୍ନିାହୀ ଅଧିକାରୀ ହୋଇଛି।



୧୯୮୬ ମସହାରେ ପଞ୍ଚାୟତ ରାଜ ବିଭାଗର ବିକାଶ ପାଇଁ ପୁର୍ନବାର ଏଲ.ଏମ. ସିଙ୍ଗାଭି କମିଟି ଗଠନ କରାଯାଇଥିଲା। କମିଟି ଅନୁଧାନ କରିବା ପରେ ୪ଟି ପ୍ରମୁଖ ପ୍ରସଙ୍ଗକୁ ନିଜର ରିପୋର୍ଟରେ ଦର୍ଶାଇଥିଲା। ପଞ୍ଚାୟତର ଗୁଡିକକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଗ୍ରାମ ଗୁଡିକକୁ ପୁର୍ନଃଗଠନ କରିବାକୁ କମିଟି ମତ ରଖିଥିଲା। ପଞ୍ଚାୟତର ସାମ୍ବାଧାନିକ କରିବାକୁ ମତ ଦେବା ସହିତ ପଂଚୟାତରେ ସଠିକ ନିତି ନିୟମରେ ନିର୍ବାଚନ କରିବା ପାଇଁ ମତ ଦେଇଥିଲା। ଅଧିକ ଅର୍ଥନୌତିକ କ୍ଷମତା ପଞ୍ଚାୟତକୁ ଦିଆଯିବା ଉପରେ କମିଟି ଗୁରୁତ୍ୱରାପ କରିଥିଲା। ଶେଷରେ ନ୍ୟାୟିକ ଟ୍ରିବୁନାଲ ପଞ୍ଚାୟତ ପାର୍ଇ ସ୍ଥାପନା କରିବା ଉପରେ କମିଟି ନିଜର ରିପୋର୍ଟରେ ପ୍ରକାଶ କରିଥିଲା। ପଞ୍ଚାୟତରେ ଅନୁସୂଚିତ ଜାତି ରହୁଥିବା ସ୍ଥାନ ଗୁଡିକରେ ବିଶେଷ ଉନ୍ନତି ନହେବରୁ ଏହି ସ୍ଥାନ ଗୁଡିକ ବସବାସ କରୁଥିବା ଲୋକମାନଙ୍କ ଉନ୍ନତି କରିବା ପାଇଁ କେନ୍ଦ୍ର ସରକାର ପେସା ଆଇନ ୧୯୯୬ ମସିହାରେ ଆଣିଥିଲେ। ଏଥିରେ ବିଶେଷ କରିବ ବିଭିନ୍ନ ରାଜ୍ୟରେ ରହିବା ପାଇଁ ବ୍ୟବସ୍ଥା କରାଯିବା ସହିତ ଏଥିରେ ଅନୁସୂଚିତ ବର୍ଗର ଲୋକମାନଙ୍କୁ ସିଧାସଳଖ ସେମାନଙ୍କ ବିକାଶ କରିବା ପାଇଁ ନିୟମ କରିଥିଲେ। ଏହି ଆଇନ ଅନୁଯାୟୀ ଗ୍ରାମ ପଞ୍ଚାୟତ ଗ୍ରାମ ସଭାମାଧମରେ ଅନୁସୂଚିତ ବର୍ଗର ଲୋକମାନେ ରହୁଥିବା ସ୍ଥାନ ମାନଙ୍କରେ ବିକାଶ କରିପାରିବେ। ଏପରକି ସେମାନଙ୍କ ପାଇଁ ସେମାନେ ଆଇନ ପ୍ରଣୟନ କରିପାରିବେ। ସେମାନଙ୍କର ପୁରତାନ ସଂସ୍କୃତିକୁ ବଜାୟ ରଖିପାରିବେ। ସେମାନଙ୍କର ଆବଶ୍ୟକତା ଅନୁଯାୟୀ ନିୟମ କରିପାରିବେ ଏବଂ ତାହାକୁ କାର୍ଯ୍ୟରେ ଲଗାଇପାରିବେ। ସେଥିପାର୍ଇ ଏହାକୁ ସାରା ଦେଶରେ ଲାଗୁ କରବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ୮ଟି ରାଜ୍ୟାରେ ଏହାକୁ ଲାଗୁ କରାଯାଇଥିଲା। ଏଥିରୁ ଓଡିଶା ଏବଂ ଝାରସୁଗୁଡାକୁ ବାଦ ଦିଆଯାଇଥିଲା।

ସେହିପରି ୧୯୯୨ ମସହାରେ ୭୩ ଭାରତୀୟ ସମ୍ବିଧାନ ସଂଶୋଧିତ ଅନୁସାରେ ଭାଗ ୧୧ ଧାରା ୨୪୩ ରୁ ୨୪୩ ଓ ପ୍ରର୍ଯ୍ୟନ୍ତ ବିଭିନ୍ନ ଅଧିକାର ଆଇନ ବିଷୟରେ କୁହାଯାଇଛି। ଏଥିରେ ପଞ୍ଚାୟତକୁ ଏବଂ ଛୋଟ ସଂସଦ ବା କ୍ଷେତ୍ର ହିସାବରେ ନିଆଯାଇ ବିଭିନ୍ନ ନିୟମ କାନୁନ କରାଯାଇ ପଂଚାୟତକୁ ଗତିଶୀଳ କରାଯାଉଛି। ଏଥିରେ ୨୯ଗୋଟି କାର୍ଯ୍ୟକ୍ର ଗୁରୁତ୍ୱ ଦିଆଯାଇ ସମ୍ପଦନା କରାଯାଉଛି। ବିଶେଷ ଗ୍ରାମସଭା ମାଧମରେ ପଂଚାୟତକୁ କୌଣସିବି କାର୍ଯ୍ୟ କରିବାକୁ ଅଧିକାର ଦିଆଯାଇଛି। ମାତ୍ର ଅନେକ ରାଜନୈତିକ କାରଣ ଏବଂ ଲୋକମାନଙ୍କ ଅର୍ଥନୈତିକ ଅଭାବ ଫଳରେ ଗ୍ରାମସଭା ମଧ ସଠିକ ଭାବେ କରାଯାଇପାରୁନାହିଁ। ଫଳରେ ଗ୍ରାମସଭାର ଯେଉଁଭଳି କ୍ଷମତା ରହିଛି ତାହା ସମୟକ୍ରମେ ରାଜନୈତିକ ଦଳ ମାନଙ୍କ ହାତରେ ଏକ ପୁତଳିକା ସଦୃଶ ହୋଇଛି।

ଏବେବି ଓଡିଶାରେ ଅନେକ ପଞ୍ଚାୟତର ନିଜସ୍ୱ ଗୃହ ନାହିଁ। ଏପରକି ପଞ୍ଚାୟତରେ ଜଣେ ନିୟମିତ କର୍ମଚାରୀଙ୍କୁ ପଞ୍ଚାୟତ କାର୍ଯ୍ୟନିବାହୀ ଅଧିକାରୀଙ୍କୁ ଛାଡିଦେଲେ ଅନ୍ୟ କୌଣସି କର୍ମଚାରୀ ନିୟମିତ ନୁହନ୍ତି କିମ୍ବା ସେମାନଙ୍କ ଭଲ ଦରମା ଗଣ୍ଡେ ନାହିଁ। ଏପରକି ବ୍ଲକ ଏବଂ ଜିଲ୍ଲା ପ୍ରଶାସନ ଏମାନଙ୍କ ଉପରେ ଚାପ ଏବଂ ଏମାନଙ୍କ କ୍ଷମତାକୁ ସଙ୍କୁଚିତ କରି ରଖିଛନ୍ତି। ପଞ୍ଚାୟତରେ ଗ୍ରାମ ରୋଜଗାର ସେବକ ମାନଙ୍କ ମତ୍ର ୮ହଜାର ଟଙ୍କା ଦିଆଯାଉଥିବା ବେଳେ ପିଅନ ମାନଙ୍କୁ ୧୫୦ରୁ ୫୦୦ ଟଙ୍କା ମାସିକ ଭାବେ ଦିଆଯାଉଛି। ସେହିପରି ପମ୍ପ ଚାଳକ ମାନଙ୍କୁ ୪ହାଜରରୁ ଏବଂ ୨ହଜାର ଯଥାକ୍ରମେ ପ୍ରଦାନ କରାଯାଉଛି। ଏପରକି ପଞ୍ଚାୟତରେ ଡାଟା ଏଂଟ୍ରି ଅପରେଟର ନାହିଁ , ଅକାଉଣ୍ଟାଣ୍ଟ ନାହାନ୍ତି କିମ୍ବା ୪ର୍ଥ ଶ୍ରେଣୀ କର୍ମଚାରୀ ନାହାନ୍ତି। ବାସ୍ତବରେ ପଂଚାୟତ ଚଳାଇବା ପାଇଁ ଏତିକି କର୍ମଚାରୀ ଅତି କମରେ ଆବଶ୍ୟକ ହେଉଥିବା ବେଳେ ଏଠାରେ ନିଯୁକ୍ତି ଦିଆନଯାଇ ଯେଉଁଟି ଅନବ୍ୟଶ୍ରକ ଯଥା ବିଭିନ୍ନ ସ୍କୁଲରେ ଦିଆଯାଉଛି। ରାତ୍ରୀ ଜଗୁଆଳୀ ପାଇଁ ବିଭିନ୍ନ ବିଦ୍ୟାଳୟରେ ୧୨ ହଜାରରୁ ୧୮ହଜାର ପ୍ରର୍ଯ୍ୟନ୍ତ ଟଙ୍କା ଦିଆଯାଇ ଗୋଷ୍ଠୀ ମାଧମରେ ନିଯୁକ୍ତ ଦିଆଯାଉଛି। ତାହାଲେ ଗ୍ରାମ ପଂଚାୟତ ଯେଉଁ ବିକାଶ ଧାରାକୁ ଆଗେଇନେବା ପାଇଁ ଚାହିଁବ କିଭଳି ହୋଇପାରିବ।



ଯେ ପ୍ରର୍ଯ୍ୟନ୍ତ ଗ୍ରାମ ମାନଙ୍କରେ ବାସ କରୁଥିବା ପ୍ରତ୍ରକ ବ୍ୟକ୍ତିର ସାମଜିକ, ଆର୍ଥିକ, ଶାରୀରିକ, ନ୍ୟାୟିକ ଆଦିର ସମ୍ପୁର୍ଣ୍ଣ ବିକାଶ ନହୋଇଛି ସେ ପ୍ରର୍ଯ୍ୟନ୍ତ ସେହି ପଞ୍ଚାୟତର ବିକାଶ ହୋଇଛି ବୋଲି କହିବା ଅସମ୍ଭବ। ଖାଲି କିଛି ରାସ୍ତା, କିଛି ଲୋକଙ୍କୁ ଭତ୍ତା ମୁଣ୍ଡ ଉପରେ ଘର ଦେଇଦେଲେ ତାହା ଯେ ବିକାଶ କହିବା ସମୀଚିନ ନୁହେଁ। ବିକାଶ ପାଇଁ ଆତ୍ମନିର୍ଭରଶୀଳ ହେବା ଆବଶ୍ୟକ, ଏଥିପାଇଁ ସଠିକ ଶିକ୍ଷାଗତ ଯୋଗ୍ୟତା, ଶାରୀରିକ ବୃଦ୍ଧି ଆଦି ଅବାଶ୍ୟକ ମାତ୍ର ଆଜି ତାହା ପଂଚାୟତ ମାନଙ୍କରରେ ନାହିଁ। ପଂଚାୟତରେ ନିର୍ବାଚିତ ପ୍ରତିନିଧି ମାନଙ୍କର ଶିକ୍ଷାଗତ ଯୋଗ୍ୟତା ନ ରହୁଥିବାରୁ ସରକାରୀ ନିୟମ କାନୁନ ଜାଣିବା ଏବଂ କାର୍ଯ୍ୟକାରୀ କରିବା କଷ୍ଟକର ହୋଇପଡୁଛି। ପାଠ ପଢ଼ିବା ପାଇଁ ବିଦ୍ୟାଳୟ ନାହିଁ ଯେଉଁଠି ବିଦ୍ୟାଳୟ ଅଛି ଶିକ୍ଷକ ନାହାନ୍ତି। ବ୍ୟାୟମ କରିବା ପାର୍ଇ ଯୋଗ ସ୍କୁଲ ନାହିଁ। କାର୍ଯ୍ୟ କରିବା ପାଇଁ ଉପଯୁକ୍ତ ପ୍ରକଳ୍ପ ନାହିଁ। ଶିଶୁ ମାନଙ୍କ ପାର୍ଇ ଉତ୍ତମ ପୁଷ୍ଟିକର ଖାଦ୍ୟ ନାହିଁ। ମୌଳିକ ସୁବିଧା ସୁଦ୍ଧ ପାନୀୟ ଜଳ ବି ନାହିଁ। ଏପରି ସ୍ଥଳେ ଆମେ ବିକଶିତ ବୋଲି କେମିତି କହିପାରିବ। କେବଳ କେତକ ମୁଷ୍ଟିମେୟ ଦଲାଲ ମାନେ ପଞ୍ଚାୟତକୁ କରାୟତ କରିଛନ୍ତି। ନରେଗା ଯୋଜନା ହେଉ ଅଥବା ଅନ୍ୟ କେଉଁ ଯୋଜନା ରାଜନୈତିକ ଛତ୍ରଚାୟାରେ ରହି ଏଗୁଡିକ ହାତେଇ ନେବା ପାଇଁ ସବର୍ଦ ପ୍ରଚେଷ୍ଟାରତ। ଏପରକି ନିଜର ଅର୍ଥନୈତିକ ଲାଭ କରିବା ଛଡା ପଞ୍ଚାୟତର ବିକାଶ ପାଇଁ କେବେବି ଚିନ୍ତିତ ନୁହନ୍ତି। ଏପରକି ସରପଞ୍ଚ ମାନେ ମଧ ପକୃତ ପକ୍ଷେ କିଭଳି ଅର୍ଥ ରୋଜଗାର କରିହେବ ତାହା ଉପରେ ନିଜର ଧାନ କେନ୍ଦ୍ରୀତ କରି ରଖିଛନ୍ତି। ଏପରକି ସ୍ଥଳେ ପଞ୍ଚାୟତ ବିକାଶ ସମ୍ପୁର୍ଣ୍ଣ ହେବା ଅସମ୍ଭବ ବୋଲି ମନେ ହୁଏ।

୭୩ତମ ସମ୍ବିଧାନ ଅନୁସାରେ ପଞ୍ଚାୟତକୁ ଲୋକାଲ ବଡିର ମାନ୍ୟତା ଦିଆଯାଇଛି। ଏପରକି ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ସାମ୍ବିଧାନିକ ପଦ ଭାବେ ସରପଞ୍ଚଙ୍କୁ ନିର୍ବାଚନ ମାଧମରେ ବଛାଯାଉଛି। ଅନ୍ୟପଟରେ ଜଣେ ସରକାରୀ ପଦଅଧିକାରୀ କାର୍ଯ୍ୟ ନିର୍ବାହ କରିବା ପାଇଁ ସରକାରଙ୍କ ଦ୍ୱାରା ନିଯୁକ୍ତି ପ୍ରାପ୍ତ ହୋଇ ଆବଶ୍ୟକେୟ କାର୍ଯ୍ୟ କରୁଛନ୍ତି। କିନ୍ତୁ ରାଜନୈତିକ ବ୍ୟକ୍ତି ଏବଂ ସରକାରୀ ଭାବେ ଉଭୟ ଏଥିରେ ରହୁଥିବାରୁ ଅନେକଂଶରେ ବିକାଶ ସଠିକ ଭାବରେ ହୋଇପାରୁନାହିଁ। କାରଣ ସରକାରୀ ଅଧିକାରୀ ଜଣଙ୍କ ସରକାରଙ୍କ ନିୟମକୁ ମାନି କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥିବା ବେଳେ ନିର୍ବାଚନ ମାଧମରେ ଆସିଥିବା ସରପଂଚ ନିଜ ଅଞ୍ଚଳର କାର୍ଯ୍ୟ ଖସଡା ଏବଂ ତାହାର ବିକାଶ ଦେଖି କରିବାକୁ ପ୍ରସ୍ତୁତ ହୋଇଥାନ୍ତି। ଯାହା ଫଳରେ ଉଭୟଙ୍କ ମଧରେ ତାଳମେଳ ରହେନାହିଁ। ସେହିପରି ଏବେ ମୁକ୍ତ ନିର୍ବାଚନ ନୁହେଁ ବରଂ ବିଭିନ୍ନ ଦଳ ଦ୍ୱାରା ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ସରପଂଚ ମାନେ ନିର୍ବାଚନରେ ଅଂଶ ଗ୍ରହଣ କରି ନିର୍ବାଚିତ ହେଉଥିବାରୁ ଏବଂ ନିର୍ବାଚନରେ ବହୁଳ ଅର୍ଥ ଖର୍ଚ୍ଚ କରୁଥିବାରୁ ବିକାଶ ବଦଳରେ ଖର୍ଚ୍ଚ ହୋଇଥିବା ଟଙ୍କା କିଭଳି ହାତେଇବ ସେ ନେଇ ସବର୍ଦା ଚିନ୍ତିତ ହେବା ସହିତ ଆସୁଥିବା ସରକାରୀ ଅର୍ଥକୁ ସଠିକ ଭାବରେ ବିନିଯୋଗ କରିବାରେ ହେଳା କରିଥାନ୍ତି।

ଏପରି ଭାବେ ଯଦି ଗ୍ରାମ ମାନଙ୍କର ବିକାଶ କରିବାକୁ କେନ୍ଦ୍ର ଏବଂ ରାଜ୍ୟ ସରକାର ଟିକିଏବି ଚିନ୍ତିତ ଥାନ୍ତି ତେବେ ଏଭଳି କେତକ ନିୟମରେ ପରିବର୍ତ୍ତନ ଗ୍ରାମ ପଞ୍ଚାୟତ ପାଇଁ ଆଣିବାକୁ ପଡିବ। ପ୍ରତମତଃ ବ୍ଲକ ଭଳି ପଞ୍ଚାୟତରେ ସରକାରୀ ଅଧିକାରୀ ମାନଙ୍କୁ ଏକମାତ୍ର ବିକାଶ ଅଧିକାରୀ ଭାବେ ଅର୍ଥ ପରିଚାଳନର କ୍ଷମତା ଦିଆଯିବାର ଆବଶ୍ୟକତା ରହିଛି। ସେହିପରି ବିଭିନ୍ନ ପ୍ରକଳ୍ପ ପାଇଁ ଅତିକମରେ ୫ଜଣ ସରକାରୀ କର୍ମଚାରୀ ନିୟୋଜିତ ହେବାର ଆବଶ୍ୟକତା ରହିଛି। ସବୁ ବର୍ଗର କ୍ଷମତା ସହିତ ପଞ୍ଚାୟତର ବିକାଶ ପାଇଁ ଅଧିକରୁ ଅଧିକ ଅର୍ଥ ପଂଚାୟତକୁ ଦେବା ସହିତ ସରପଂଚ ମାନଙ୍କୁ ମାନ୍ୟତା ଭର୍ତ୍ତା ଅନ୍ୟ ରାଜନୌତିକ ବ୍ୟକ୍ତି ବିଶେଷ ମାନଙ୍କ ସହିତ ତୁଳନାତ୍ମକ କରି ବଢ଼ାଇବା ଏବଂ ତାଙ୍କୁ କେବଳ ନ୍ୟାୟିକ ଭାବେ ତାଙ୍କର କ୍ଷମତା ରଖିବା ଆବଶ୍ୟକ ହେଉଛି। ପଞ୍ଚାୟତର ଭିତ୍ତିଭୂମିକୁ ଆଗ ସାଜାଡିବା ସହିତ ଲୋକାମନଙ୍କ ବିକାଶ ନିମନ୍ତେ ନିଜ ଗ୍ରାମ ପାଇଁ ଉପସ୍ଥିତ ବ୍ୟକ୍ତିଙ୍କ ସହିତ କାର୍ଯ୍ୟ ଖସଡା, ପ୍ରକଳ୍ପ ପ୍ରସ୍ତୁତ କରିବା ଆବଶକତା ରହିଛି। ଯଦି ଏସବୁ କରାଯାଇପାରିବ ତେବେ ପଞ୍ଚାୟତକୁ ଦୃତ ଭାବରେ ବିକାଶ ସାଧିତ ହୋଇପାରିବ।

*ହରିଦାସପୁର, ଧର୍ମଶାଳା, ଯାଜପୁର*
*ମୋ-୭୨୦୫୨୬୬୯୧୯*



# ଆଜି ବି ଅଛି ଦେବୀ ତଅପୋଇଙ୍କ ଗ୍ରାମ, ରହିଛି ମା'ଙ୍କ ଐତିହ୍ୟ କିମ୍ବଦନ୍ତୀ

ଆଜି ବି ରହିଛି ଦେବୀ ତଅପୋଇଙ୍କ ଗ୍ରାମ। ଆଜିବି ରହିଛି ସେହି ଜଙ୍ଗଲ। ଯେଉଁଠି ହଜିଥିଲା ଘରମଣି। ଆଜି ବି ରହିଛି ସେହି ପ୍ରାଚୀ ତଟ। ଯେଉଁଠି ତପୋଇ କରିଥିଲେ ମଙ୍ଗଳା ପୂଜା। ପ୍ରତ୍ୟେକ ବର୍ଷ ଭାଦ୍ରବ ମାସ ପ୍ରଥମ ରବିବାରରୁ ଆରମ୍ଭ ହୁଏ ଦେବୀ ତପୋଇଙ୍କ ବ୍ରତ, ଯାହାକୁ କୁହାଯାଏ ଖୁଦରକୁଣି ଓଷା। ଗାଁ ଠୁ ସହର ପର୍ଯ୍ୟନ୍ତ ପ୍ରତ୍ୟକ କୁମାରୀ ଝିଅ ମାନେ ଶ୍ରଦ୍ଧାରେ ଏହି ବ୍ରତ କରିଥାନ୍ତି। ବିଶେଷ କରି ଏହି ବ୍ରତରେ ମା ମଙ୍ଗଳାଙ୍କ ମୃତିକା ପ୍ରତିମାକୁ ପୂଜାର୍ଚ୍ଚନା କରାଯାଏ। କିନ୍ତୁ ଆପଣ ମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏହି ତଅପୋଇଙ୍କର ଗ୍ରାମ ଆଜି ବି ଅଛି। ଆଜି ବି ରହିଛି ସେହି ବନ, ଯେଉଁଠି ତପୋଇ ତାର ଘରମଣି ନାମକ ଛେଳିକୁ ହଜାଇ କରିଥିଲା ମା ସର୍ବମଙ୍ଗଳାଙ୍କୁ ଆରାଧନା। ଆଉ ତା ଆରାଧନାରେ ଦେବୀ ମଙ୍ଗଳା ପ୍ରସନ୍ନ ହୋଇ ତାର ସାଧବ ଭାଇ ମାନଙ୍କୁ ସକୁଶଳେ ବିଦେଶରୁ ଫେରାଇ ଆଣିଥିଲେ। ଆଉ ତଅପୋଇ ତାର ଘରମଣିକୁ ପାଇଥିଲା, ଆଉ ସେବେଠୁ ରହିଛି ଏହି ପରମ୍ପରା ଓ କିମ୍ବଦନ୍ତୀ। କାକଟପୁର ବ୍ଲକ ବାଜପୁର ଗ୍ରାମ।





ଏହି ଗ୍ରାମର ପ୍ରଥମ ନାମ ଥିଲା ବାଣିଜ୍ୟପୁର। ଏହି ଗ୍ରାମ ଥିଲା ସାଧବ ମାନଙ୍କ ଗ୍ରାମ। ଆଜି ବି ଏହି ଗ୍ରାମର ପ୍ରତ୍ୟେକ ପରିବାର ବ୍ୟବସାୟ କରି ନିଜ ଗୁଜୁରାଣ ମେଣ୍ଟାନ୍ତି। ବ୍ୟବସାୟ ହିଁ କେବଳ ଏହି ଗ୍ରାମବାସୀ ମାନଙ୍କ କୌଳିକ ବୃତ୍ତି। ଏହି ଗ୍ରାମର ତଟରେ ପ୍ରବାହିତ ହେଉଛି ପ୍ରାଚୀ ନଦୀ। ଆଉ ନଦୀ କୂଳରେ ବିରାଜିତ ଅଛନ୍ତି ଜଗତଜନନୀ ମା ମଙ୍ଗଳା। ଏହି ଗ୍ରାମ ନିକଟରେ ପ୍ରାଚୀ ଘାଟକୁ ଆଜିବି କୁହାଯାଏ ବୋଇତକୁଦ। କାରଣ ଏଠି ସାଧବ ମାନଙ୍କ ବୋଇତ ରୁହେ। ଏହି ସ୍ଥାନରେ ମା ମଙ୍ଗଳାଙ୍କୁ ପୂଜାର୍ଚ୍ଚନା କରି ସାଧବପୁଅ ମାନେ ବାହାରିଯାନ୍ତି ବିଦେଶକୁ ନୌବାଣିଜ୍ୟରେ। ଏହି ଗ୍ରାମରେ ଖୁଦୁରୁକୁଣୀ ଓଷା କୁମାରୀ ମାନେ ସ୍ୱତନ୍ତ୍ର ନିଆରା ରୂପରେ ପାଳନ କରନ୍ତି। ଯାହା ତଅପୋଇ ଗାଁର ବାଳିକା ମାନେ ସକାଳୁ ଉଠି ବିଭିନ୍ନ ସ୍ଥାନରୁ ଫୁଲ ତୋଳନ୍ତି। ପ୍ରାଚୀରେ ସ୍ନାନ କରି ବାଲୁକା ତୋଳନ୍ତି ଆଉ ପ୍ରାଚୀ କୂଳରେ ବାଲୁକାକୁ ହଳଦୀ ପାଣିରେ ସ୍ନାନ କରାଇ, ଧୂପ, ଦୀପ, ଫୁଲ, ନୈବେଦ୍ୟ ଦେଇ ପୂଜା କରନ୍ତି। ଆଉ ତପୋଇ ଯେଉଁ ସ୍ଥାନରେ ମା ମଙ୍ଗଳାଙ୍କୁ ଆରାଧନା କରୁଥିଲେ ସେହି ନ୍ୟାୟବତୀ ମନ୍ଦିରରେ ମା' ତପୋଇଙ୍କୁ ପାର୍ଥନା କରନ୍ତି ଆଉ ମଧାହ୍ନରେ ମା'ଙ୍କ ପାଇଁ ଅନେକ ମନଲୋଭା ଫୁଲ ହାର ପ୍ରସ୍ତୁତ କରନ୍ତି। ସନ୍ଧ୍ୟା ସମୟରେ ବିଭିନ୍ନ ପ୍ରକାର ଭୋଗ, ଝୋଟି ଚିତା, ମୁରୁଜ ଝୋଟି, ଝୁଣା, ଧୂପ ଦୀପ ଦେଇ କଳସ ପୂଜା କରନ୍ତି ଆଉ ମା' ମଙ୍ଗଳାଙ୍କ ମାଟି ପ୍ରତିମାଙ୍କୁ ପୂଜା କରି ଖୁଦୁରୁକୁଣୀ ବ୍ରତ ବହି ପଢନ୍ତି ଆଉ ନିଜ ନିଜ ଭାଇ ମାନଙ୍କ ଶୁଭ କାମନା କରନ୍ତି, ଆଉ ଏହି ପୂଜା ର ଏକ ସ୍ୱତନ୍ତ୍ରତା ହେଉଛି ତପୋଇଙ୍କ ସ୍ମୃତି ଚାରଣ ପାଇଁ ଏକ ଡ଼ିଙ୍ଗି ପ୍ରସ୍ତୁତି କରି ତାକୁ ପୂଜାର୍ଚ୍ଚନା କରନ୍ତି। ସତରେ ଆମ ଉତ୍କଳୀୟ ଧର୍ମୀୟ ପରମ୍ପରା ଏକ ନିଆରା, ବିଶ୍ୱାସ ଓ ଅବିଶ୍ୱାସ ଭିତରେ ଅନେକ ଧାର୍ମିକ କାର୍ଯ୍ୟ ଆମ ଓଡ଼ିଆ ମାନେ ପାଳନ କରନ୍ତି, ତା ଭିତରେ କୁମାରୀ ମାନଙ୍କ ତପୋଇ ବା ଖୁଦୁରୁକୁଣୀ ଓଷା ନିଆରା ଓ ଅନ୍ୟତମ, କିନ୍ତୁ ଏହି ତପୋଇ ର ଗାଁ, ଜଙ୍ଗଲ ଆଉ କିମ୍ବଦନ୍ତୀ ଆଜି ବି କାକଟପୁର ଇତିହାସ ପୃଷ୍ଠାରେ ପୃଷ୍ଠା ମଣ୍ଡନ କରିଛି ଯାହା ଅତି ଦୁର୍ଲଭ। ହଁ ଦର୍ଶକ ବନ୍ଧୁ ଏହା ଆପଣ ମାନଙ୍କ ପାଇଁ ଏକ କାଳ୍ପନିକ ହେଇଥାଇପାରେ କିନ୍ତୁ ପୌରାଣିକ କିମ୍ବଦନ୍ତୀ ଆଉ ପୂର୍ବପୁରୁଷରୁ ରହିଥିବା ଏହି କଥା ଆଉ ମା' ମଙ୍ଗଳାଙ୍କୁ ନେଇ ଏହି ତପୋଇର କାହାଣୀ। ଆଉ ତାର ଗ୍ରାମର କିମ୍ବଦନ୍ତୀ ଆଉ ଇତିହାସ ଏହିଆ ହିଁ ପ୍ରମାଣ କରେ।

*- ଶରତ କୁମାର ପରିଡା*





### ଗୋଟିଏ ବିଭାଗରେ ରହିବ ବାଣିଜ୍ୟ ଓ ପରିବହନ ବିଭାଗ

# ଅଲଗା ହେବ ମୁଦ୍ରଣ ନିର୍ଦ୍ଦେଶାଳୟ

**ଭୁବନେଶ୍ୱର :** ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗର ମିଶ୍ରଣ କରାଯାଇ ଗୋଟିଏ ବିଭାଗ ଗଠନ କରାଯିବ। ଏହି ବିଭାଗ ଅଧୀନରେ ଥିବା ଛାପାଖାନା ନିର୍ଦ୍ଦେଶାଳୟକୁ ଅଲଗା କରାଯିବ। ଏହି ପ୍ରସ୍ତାବକୁ ମଞ୍ଜୁରି ମିଳିସାରିଛି। ଆସନ୍ତା ବର୍ଷରୁ ଉଭୟ ବିଭାଗ ପାଇଁ ଗୋଟିଏ ବଜେଟ୍ ବ୍ୟୟବରାଦ କରାଯିବ। ଦୁଇ ବିଭାଗର ବିଲୟ ପାଇଁ ଏକ ଅସ୍ଥାୟୀ କାର୍ଯ୍ୟକାରୀ କମିଟି ଗଠନ କରାଯିବ। କମିଟିର ରିପୋର୍ଟ ଆଧାରରେ ଦୁଇ ବିଭାଗର ମିଶ୍ରଣ ପାଇଁ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ବାଣିଜ୍ୟ ଓ ପରିବହନ ବିଭାଗକୁ ମିଶାଇ ଗୋଟିଏ ବିଭାଗ କରିବା ଲାଗି ଆସିଥିବା ପ୍ରସ୍ତାବ ଉପରେ ବିଚାର ପାଇଁ ଗତ ମାସ ୩୧ ତାରିଖରେ ଉନ୍ନୟନ କମିଶନର ତଥା ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଯୋଜନା ଓ ସଂଯୋଜନ ବିଭାଗରେ ଏକ ଉଚ୍ଚସ୍ତରୀୟ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ, ପ୍ରମୁଖ ସଚିବ, ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ ତଥା ଯୁଗ୍ମ ସଚିବମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରୁ ପୂର୍ତ୍ତ ବିଭାଗ ଅଧୀନରେ ବାଣିଜ୍ୟ ବିଭାଗ କାର୍ଯ୍ୟ କରୁଥିଲା। ତେବେ ମୁଦ୍ରଣ କାର୍ଯ୍ୟ, ଟେଲି ଯୋଗାଯୋଗ ଏବଂ ବନ୍ଦର ଉନ୍ନୟନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୯୭୧-୭୧ରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରତିଷ୍ଠା କରାଯାଇଥିଲା। ଏହାପରେ ୨୦୧୫ ମସିହାରେ ଡାକ, ଟେଲିଫୋନ୍, ଓ୍ୱାରଲେସ୍, ପ୍ରସାରଣ ଓ ଅନ୍ୟ ଯୋଗାଯୋଗ କାର୍ଯ୍ୟ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ଏବେ ଦୁଇଟି ବିଭାଗ କାର୍ଯ୍ୟ କରୁଛି। ଗୋଟିଏ ବିଭାଗରେ ମୁଦ୍ରଣ, ଷ୍ଟେସନାରି ଓ ପ୍ରକାଶନ ନିର୍ଦ୍ଦେଶାଳୟ ରହିଥିବା ବେଳେ ଅନ୍ୟଟିରେ ବନ୍ଦର ଓ ଆଭ୍ୟନ୍ତରୀଣ ଜଳପଥ ପରିବହନ ନିର୍ଦ୍ଦେଶାଳୟ ରହିଛି। ତେବେ ଦୁଇପକ୍ଷର କାର୍ଯ୍ୟଧାରାକୁ ଦୃଷ୍ଟିରେ ରଖି ଉଭୟର ମିଶ୍ରଣ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା। ଦୁଇ ବିଭାଗର ମିଶ୍ରଣ ଫଳରେ କୌଣସି ସମସ୍ୟା ହେବ ନାହିଁ ବୋଲି ବୈଠକରେ କୁହାଯାଇଥିଲା। ବାଣିଜ୍ୟ ଓ ପରିବହନ ବିଭାଗର ମିଶ୍ରଣ କରାଗଲେ, ଗ୍ରୁପ୍-ସି ଓ ଗ୍ରୁପ୍-ଡି ବର୍ଗର କର୍ମଚାରୀଙ୍କ ପଦୋନ୍ନତିରେ ସମସ୍ୟା ଦେଖା ଦେବାର ଆଶଙ୍କା ରହିଛି। କିନ୍ତୁ ଗ୍ରୁପ୍-ଏ ଓ ଗ୍ରୁପ୍-ବି ବର୍ଗର କର୍ମଚାରୀଙ୍କ ପାଇଁ କୌଣସି ସମସ୍ୟା ନାହିଁ। ତେଣୁ ଏହି ସମସ୍ୟାର ସମାଧାନ ପାଇଁ କାର୍ଯ୍ୟକାରୀ କମିଟି ଅନୁଧ୍ୟାନ ପରେ ରିପୋର୍ଟ ପ୍ରଦାନ କରିବ। ଏହି କମିଟିରେ ବାଣିଜ୍ୟ ଓ ପରିବହନ ବିଭାଗ ସମେତ ଗୃହ ବିଭାଗ, ସାଧାରଣ ପ୍ରଶାସନ ବିଭାଗ, ଆଇନ ବିଭାଗ, ଅର୍ଥ ବିଭାଗ ଏବଂ ଛାପାଖାନା ନିର୍ଦ୍ଦେଶାଳୟର ପ୍ରତିନିଧି ସଦସ୍ୟ ରହିବେ। ଆସନ୍ତା ୭ ଦିନ ମଧ୍ୟରେ କାର୍ଯ୍ୟକାରୀ କମିଟି ଗଠନ କରିବା ପାଇଁ କୁହାଯାଇଛି। ମୁଦ୍ରଣ ନିର୍ଦ୍ଦେଶାଳୟକୁ ଅଲଗା କରିବା ନିମନ୍ତେ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ ଲାଗି ଏକ ମାସ ସମୟ ଧାର୍ଯ୍ୟ ହୋଇଛି। ସେହିପରି ୩୦ ଦିନ ମଧ୍ୟରେ କାର୍ଯ୍ୟକାରୀ କମିଟି ସରକାରଙ୍କୁ ରିପୋର୍ଟ ଦେବ।

# ଦୁର୍ନୀତିଗ୍ରସ୍ତ ବ୍ଲକ ଅଧ୍ୟକ୍ଷାଙ୍କ ନାମରେ ସଙ୍ଗୀନ ଅଭିଯୋଗ

**ନୟାଗଡ :** ରାଜ୍ୟରେ ମୋ ସରକାର ଓ ୫-ଟି' ଦୁର୍ନୀତିକୁ ନାଁ କହୁଥିଲା ବେଳେ ଗଣିଆଁ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ପ୍ରତ୍ୟେକ କାମ ପାଇଁ ଲାଞ୍ଚ ମାଗୁଛନ୍ତି। ଯେଉଁଥିପାଇଁ ଠିକାଦାରଙ୍କ ମନରେ ଘୋର ଅସନ୍ତୋଷ ଦେଖାଦେଇଛି। ଏପରିକି ଗୋଟିଏ ଗୋଟିଏ ବିଲ୍ ପାଇବା ପାଇଁ ବ୍ଲକ ଅଧ୍ୟକ୍ଷାଙ୍କ ନିକଟକୁ ଠିକାଦାର ଧାଉଁଥିଲେ ବି ସେ ପ୍ରଥମେ ଲାଞ୍ଚ ଟଙ୍କା ଦାବି କରୁଛନ୍ତି। ଯାହାଫଳରେ ବ୍ଲକ ଅଫିସରେ ବାରମ୍ବାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଉଲ୍ଲେଖଯୋଗ୍ୟ, ଗଣିଆଁ ବ୍ଲକ ୮ ଗୋଟି ପଞ୍ଚାୟତକୁ ନେଇ ଗଠିତ। ଛୋଟ ବ୍ଲକଟିଏ ହେଲେ ମଧ୍ୟ ଏହାର ଭୌଗଳିକ ସ୍ଥିତି ବିରାଟ ବଡ ଅଟେ। ବ୍ଲକ ଅଧ୍ୟକ୍ଷା ଦୁର୍ନୀତିରେ ଲିପ୍ତ ରହି ସମସ୍ତ ସମିତି ସଭ୍ୟ/ସଭ୍ୟା ମାନଙ୍କ ପ୍ରସ୍ତାବ ଅଗ୍ରାହ୍ୟ କରୁଛନ୍ତି ଓ ଉନ୍ନତିମୂଳକ କାର୍ଯ୍ୟ ସବୁ ଠପ୍ ହୋଇଯାଇଛି କହିଲେ ଚଳେ। ଗୋଟିଏ ବିଲ୍ ଅର୍ଥ ପାଇବା ପାଇଁ ସାଧାରଣ ଜନତା ମାସାଧିକ ବ୍ଲକ କାର୍ଯ୍ୟାଳୟକୁ ଦୌଡୁଛନ୍ତି। କିଛି ସ୍ଥାନରେ ମିଛ ବିଲ୍ ହୋଇଥିବାର ଅଭିଯୋଗ ଆସୁଛି। ସତେ ଯେମିତି ଦୁର୍ନୀତି ଗଣିଆ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରିୟ ସାଥୀ ପାଲଟି ଯାଇଛି। ଗଣିଆଁ ବ୍ଲକ ଅଧ୍ୟକ୍ଷାଙ୍କ ଏଭଳି ଦୁର୍ନୀତି ଜାରି ରହେ ତେବେ ଆଗାମୀ ଦିନରେ ଏଠାରେ ଜନ ଆନ୍ଦୋଳନ ଦେଖିବାକୁ ମିଳିବ। ବ୍ଲକର ୬ଜଣ ସମିତି ସଭ୍ୟ ଓ ସଭ୍ୟା ବ୍ଲକ ଅଧ୍ୟକ୍ଷାଙ୍କ ଦୁର୍ନୀତି ବିରୁଦ୍ଧରେ ଲଢ଼େଇ ଜାରି ରଖିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଭୁବନେଶ୍ୱର ବିମାନ ବନ୍ଦରରେ ରନଓ୍ୱେ ରି-କାର୍ପେଟିଂ କାମ

# ପହିଲାରୁ ୩ ମାସ ପର୍ଯ୍ୟନ୍ତ ରାତିରେ ୮ ଘଣ୍ଟା ବିମାନ ଉଡ଼ାଣ ବନ୍ଦ

**ଭୁବନେଶ୍ୱର :** ବିମାନଯାତ୍ରୀ ମାନଙ୍କ ପାଇଁ ବଡ଼ ଖବର। ଅକ୍ଟୋବର ପହିଲାରୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ରନଓ୍ୱେ ମରାମତି କାମ ପାଇଁ ଦିନକୁ ୮ ଘଣ୍ଟା ବନ୍ଦ ରହିବ ବିମାନ ସେବା। ଯେଉଁଥି ପାଇଁ ଯାତ୍ରୀମାନଙ୍କ କିଛି ପରିମାଣରେ ଅସୁବିଧା ଭୋଗିବାକୁ ପଡିପାରେ। ବିମାନବନ୍ଦରର ନିର୍ଦ୍ଦେଶକ ପ୍ରଶାନ୍ତ ପ୍ରଧାନଙ୍କ ଗୁରୁବାର ଏ ନେଇ ସୂଚନା ଦେଇ କହିଛନ୍ତି, ବିମାନ ବନ୍ଦର ରନଓ୍ୱେ ମରାମତି କାମ ଅକ୍ଟୋବର ୧ରୁ କରାଯିବ। ରନଓ୍ୱେ ମରାମତି କାମ ସାଧାରଣତଃ ବର୍ଷା ଦିନ ପରେ ହୋଇଥାଏ। ବର୍ଷା କମ ହେଲେ ଏବଂ ବିନା ହ୍ୟୁମିଡିଟିରେ ଏହି କାମ କରାଯାଏ। ଏଣୁ ଅକ୍ଟୋବର ୧ରୁ ବିମାନବନ୍ଦର ରନଓ୍ୱେ ରି-କାର୍ପେଟିଂ ବା ମରାମତି କାମ କରାଯିବ। ଏଥି ସହିତ ବିମାନବନ୍ଦରର ନିର୍ଦ୍ଦେଶକ ପ୍ରଶାନ୍ତ ପ୍ରଧାନ କହିଛନ୍ତି ଏହା କାମ ତିନି ମାସ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ମରାମତି କାମ ସରିବା ଯାଏଁ ରାତିରେ ୮ଘଣ୍ଟା ବନ୍ଦ ରହିବ ବିମାନସେବା। ରାତି ୧୦ରୁ ସକାଳ ୬, କିମ୍ବା ରାତି ୧୧ରୁ ସକାଳ ୭ଟା ଯାଏ ବିମାନ ସେବା ବନ୍ଦ ରହିବ। ଏଥି ସହିତ ଏହି ସମୟରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ରନଓ୍ୱେରେ କ୍ୟାଟ-୨ ଏୟାରଫିଲ୍ଡ ଲାଇଟ ଫିଟିଂ ବି କରାଯିବ। ରନଓ୍ୱେ ରିକାର୍ପେଟିଂ ପାଇଁ ୭୨ କୋଟି ଓ କ୍ୟାଟ୍ ୨ ଲାଇଟ ପାଇଁ ୧୯ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ମାନବନ୍ଦରର ନିର୍ଦ୍ଦେଶକ ପ୍ରଶାନ୍ତ ପ୍ରଧାନ କହିଛନ୍ତି। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ବର୍ତ୍ତମାନ କ୍ୟାଟ୍-୩ ବର୍ଗର ଲାଇଟିଂ ବ୍ୟବସ୍ଥା ଅନୁସାରେ ବିମାନ ପରିଚାଳନା



କରାଯାଉଛି। କିନ୍ତୁ କ୍ୟାଟ -୨ ଏୟାରଫିଲ୍ଡ ଲାଇଟିଂ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ଫଳରେ ବିମାନ ପରିଚାଳନା କ୍ଷମତା ବୃଦ୍ଧି ପାଇବା ସହିତ ସୁରକ୍ଷିତ ବିମାନ ଚଳାଚଳ ସୁନିଶ୍ଚିତ କରାଯାଇ ପାରିବ। କ୍ୟାଟ୍-୨ ଲାଇଟିଂ ବ୍ୟବସ୍ଥାରେ ରନଓ୍ୱେ ଦୃଶ୍ୟମାନ ଦୂରତା ୧୩୦୦ ମିଟରରୁ ୮୫୦ ମିଟରକୁ ହ୍ରାସ ପାଇବ। ଫଳରେ ଘନ କୁହୁଡ଼ି ଅବା ପ୍ରବଳ ବର୍ଷାରେ ବି ସୁରକ୍ଷିତ ଭାବେ ବିମାନ ରନଓ୍ୱେରେ ଲ୍ୟାଣ୍ଡିଂ କରିପାରିବ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ କ୍ୟାଟ୍-୩ ଏୟାରଫିଲ୍ଡ ଲାଇଟିଂ ବ୍ୟବସ୍ଥା ଅଛି। ତେଣୁ ନଭେମ୍ବର ଓ ଡିସେମ୍ବର ମାସରେ ବିମାନ ଅବତରଣ କରିବାରେ ସମସ୍ୟା ଦେଖାଦେଉଛି। କୁହୁଡ଼ି ହ୍ରାସ ପାଇବା ପର୍ଯ୍ୟନ୍ତ ବିମାନ ବହୁ ସମୟ ପର୍ଯ୍ୟନ୍ତ ଆକାଶରେ ଘୂରି ବୁଲିବା ପାଇଁ ବାଧ୍ୟ ହେଉଛି। ଅନେକ ସମୟରେ ଭୁବନେଶ୍ୱର ଆସୁଥିବା ବିମାନକୁ ନିକଟସ୍ଥ ରାଜ୍ୟରେ ଥିବା ବିମାନବନ୍ଦରକୁ ଡାଇଭର୍ଟ କରିବାକୁ ପଡ଼ିଥାଏ। ଏପରିସ୍ଥଳେ ଭୁବନେଶ୍ୱର ବିମାନବନ୍ଦର ରନ୍ୱେରେ କ୍ୟାଟ୍-୨ ଲାଇଟିଂ ସିଷ୍ଟମ୍ କାର୍ଯ୍ୟକାରୀ କରାଯିବା ସୁରକ୍ଷିତ ବିମାନଚାଳନା କ୍ଷେତ୍ରରେ ବଡ଼ ପଦକ୍ଷେପ ବୋଲି କୁହାଯାଉଛି।

### ନଭେମ୍ବର ୯ ଓ ୧୦ରେ ଆନ୍ତର୍ଜାତିକ ମିଲେଟ୍ ସମ୍ମିଳନୀ

# ମିଲେଟ ଖାଦ୍ୟ ସଂସ୍କୃତିର ପୁନରୁଦ୍ଧାର ଓ ଚାଷକୁ ଦିଆଯିବ ପ୍ରୋତ୍ସାହନ

**ଭୁବନେଶ୍ୱର :** ଭୁବନେଶ୍ୱର ଜନତା ମଇଦାନରେ ଆଗାମୀ ନଭେମ୍ବର ୯ ଓ ୧୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ମିଲେଟ୍ ସମ୍ମିଳନୀକୁ ସଫଳତାର ସହ ଆୟୋଜନ ନିମନ୍ତେ ରାଜ୍ୟସ୍ତରୀୟ ପରିଚାଳନା କମିଟି ବୈଠକ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢୀ, ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ସୁଜାତା କାର୍ତ୍ତିକେୟନ୍ , କୃଷି ବିଭାଗ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ ବାଲା ଏବଂ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ଓଡ଼ିଶାରେ ମିଲେଟ୍ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ୧୦ ନଭେମ୍ବର ୨୦୨୨କୁ ମାଣ୍ଡିଆ ଦିବସ (ମିଲେଟ୍ ଦିବସ) ଭାବେ ଘୋଷଣା କରିବା ସହ 'ଓଡିଶା ମିଲେଟ୍ ମିଶନ'ର କାର୍ଯ୍ୟପନ୍ଥା ଅନୁସାରେ ଚଳିତ ବର୍ଷ ୯ ଓ ୧୦ ନଭେମ୍ବର ୨୦୨୩ରେ ଆନ୍ତର୍ଜାତିକ ମିଲେଟ୍ ବର୍ଷ ସମ୍ମିଳନୀ ଆୟୋଜନ ନିମନ୍ତେ ଏହାର କାର୍ଯ୍ୟ ଯୋଜନାକୁ ଅନୁମୋଦନ କରିଥିଲେ। ମିଲେଟର ବହୁଳ ବ୍ୟବହାର, ମିଲେଟ୍ ଚାଷର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଭିନ୍ନ ସହଭାଗୀ ସଂସ୍ଥାର ସହଯୋଗରେ ଆଗାମୀ ନଭେମ୍ବର ୯ ଓ ୧୦ ତାରିଖ ଦୁଇ ଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବା ନେଇ ଆୟୋଜନ ସଂପର୍କରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ପାଢୀ ପ୍ରକାଶ କରିଥିଲେ । ଆନ୍ତର୍ଜାତିକ ମିଲେଟ୍ ବର୍ଷ ପାଳନ ପରିପ୍ରେକ୍ଷୀରେ ଓଡିଶା ରାଜ୍ୟ ସରକାରଙ୍କ ତରଫରୁ କରାଯାଉଥିବା ଏବଂ କରାଯିବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ, ସମ୍ମିଳନୀର ଉଦ୍ଦେଶ୍ୟ, ଏହାର ପ୍ରସ୍ତୁତି ନକ୍ସା, ବିଭିନ୍ନ ସହଯୋଗୀ ସଂସ୍ଥାର ସହଯୋଗିତା ସଂପର୍କରେ ବୈଠକରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା। ମାଣ୍ଡିଆ ବା ମିଲେଟ୍ ଜାତୀୟ ଖାଦ୍ୟ ଶସ୍ୟର ଘରୋଇ ବ୍ୟବହାର ବୃଦ୍ଧି, ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମିଲେଟ୍ ଖାଦ୍ୟ ସଂସ୍କୃତିର ପୁନରୁଦ୍ଧାର, ଜମିର ବିହନ ପ୍ରଣାଳୀ ମାଧ୍ୟମରେ ବାଜରା ଜମିର ସଂରକ୍ଷଣ ଏବଂ ପ୍ରୋତ୍ସାହନ ଦେବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ମାଣ୍ଡିଆ ଉତ୍ପାଦନ କ୍ଷେତ୍ରରେ ସଦ୍ୟତମ ଗବେଷଣା, ଚାଷ ଅଭ୍ୟାସ, ମୂଲ୍ୟଯୁକ୍ତ ଉତ୍ପାଦନ ପ୍ରତି ଧ୍ୟାନ ଦେବା ସହିତ ଆୟୋଜନ ହେବାକୁ ଥିବା ସମ୍ମିଳନୀ ଯେପରି ଆନ୍ତର୍ଜାତୀୟ ସ୍ତରର ହୋଇପାରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ଗୁରୁତ୍ୱ ଦେଇଥିଲେ। ଅମଳ ପରବର୍ତ୍ତୀ ଏବଂ ପ୍ରାଥମିକ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ, ବାଜରାଭିତ୍ତିକ ଫସଲ ପ୍ରଣାଳୀର ଉତ୍ପାଦକତାରେ ଉନ୍ନତି, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମୂଲ୍ୟଯୁକ୍ତ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଏହି ସମ୍ମିଳନୀର ଲକ୍ଷ୍ୟ ରହିଛି। ସାଧାରଣ ବଣ୍ଟନ ବ୍ୟବସ୍ଥା, ଆଇସିଡିଏସ୍, ମଧ୍ୟାହ୍ନ ଭୋଜନ, ଛାତ୍ରାବାସ ଇତ୍ୟାଦିରେ ମିଲେଟ୍ ଖାଦ୍ୟର ବ୍ୟବହାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ସହ ବାଜରା ଭିତ୍ତିକ ଉତ୍ପାଦର ବଜାର ଓ ରପ୍ତାନିକୁ ସୁଗମ କରିବାକୁ ଏହା ଉତ୍ସାହିତ କରିବ। ମିଲେଟକୁ କ୍ରୀଡା ସହିତ ଯୋଡିବା ଏବଂ ସମସ୍ତ କ୍ରୀଡା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ୍ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରଚାର, ବିଦ୍ୟାଳୟ, ହୋଟେଲ, ଡାକ୍ତରଖାନା, ସେଲିବ୍ରିଟିମାନଙ୍କୁ ମିଲେଟର ବ୍ୟବହାର ଓ ଏହାର ପ୍ରଚାର ପ୍ରସାରରେ ନିୟୋଜିତ କରିବା, ମିଲେଟ୍ ଏବଂ ସବୁଜ ପୁଞ୍ଜିନିବେଶକୁ ସଂଯୋଗ କରିବା, ଓଡିଶା ମିଲେଟ୍ ମିଶନରେ ନିବେଶକୁ ପୁନଃ ଅନୁଶୀଳନ କରିବାରେ ଏହି ସମ୍ମିଳନୀ ସହାୟକ ହେବ।







# ରାମେଶ୍ୱର ପ୍ରଧାନ ପଡିଆ ଥାନାର ନୂତନ ଥାନା ଅଧିକାରୀ

**ପଡ଼ିଆ :** ମାଲକାନଗିରି ଜିଲ୍ଲା ପଡିଆ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଯୋଗଦେଲେ ରାମେଶ୍ୱର ପ୍ରଧାନ। ପୂର୍ବରୁ ସେ ନବରଙ୍ଗପୁର ଜିଲ୍ଲାରେ କାର୍ଯ୍ୟ କରୁଥିଲେ। ପଡିଆ ବ୍ଲକର ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ, ମହମ୍ମଦ ଇର୍ଷାଦ, ବି ଶ୍ରୀନିବାସ ରାଓ, ଗୋବିନ୍ଦ ସର୍ଦ୍ଦାର ନୂତନ ଥାନା ଅଧିକାରୀଙ୍କୁ ଉତ୍ତରୀୟ ଦେଇ ସ୍ୱାଗତ ଜଣାଇଛନ୍ତି। ପୂର୍ବରୁ ପଡିଆ ଥାନାରେ ଥିବା ଥାନା ଅଧିକାରୀ ଦିନବନ୍ଧୁ ଶବରଙ୍କୁ ମାଲକାନଗିରି ଜିଲ୍ଲାକୁ ବଦଳି ହୋଇଛି। ପଡିଆର ଆଇନଶୃଙ୍ଖଳା ପରିସ୍ଥିତିକୁ ଠିକ୍ ରଖିବା, ଥାନାକୁ ଆସୁଥିବା କିମ୍ବା ଥାନା ସାହାଯ୍ୟ ଲଡୁଥିବା ଲୋକଙ୍କୁ ସୁରକ୍ଷା ସହ ନ୍ୟାୟ ଦେବା ତାଙ୍କର ପ୍ରଥମ ଲକ୍ଷ ହେବ ବୋଲି ରାମେଶ୍ୱର ପ୍ରଧାନ କହିଛନ୍ତି।



## ନୂଆଖାଇ ପାଇଁ ପଶ୍ଚିମ ଓଡ଼ିଶା ଚଳଚଞ୍ଚଳ

**ଭୁବନେଶ୍ୱର :** ଆସନ୍ତା ୨୦ ତାରିଖରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ। ସମ୍ବଲପୁର ସହର ନୂଆଖାଇ ପାଇଁ ଚଳଚଞ୍ଚଳ ହୋଇଉଠିଛି। ନୂଆଖାଇ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି। ସେପ୍ଟେମ୍ବର ୨୦ ନୂଆଖାଇ ପାଇଁ ଲଗ୍ନ ଧାର୍ଯ୍ୟ କରାଯାଇଥିବାବେଳେ ସକାଳ ୧୦ଟା ୨୭ରୁ ୧୦ଟା ୪୨ ମଧ୍ୟରେ ଶୁଭଲଗ୍ନ ରହିଛି। ଏହି ସମୟ ମଧ୍ୟରେ ମା' ସମଲେଶ୍ୱରୀଙ୍କ ନିକଟରେ ନବାନ୍ନଲାଗି ହେବ। ବ୍ରହ୍ମପୁରା ପଣ୍ଡିତ ମହାସଭାରେ ଲଗ୍ନ ନିର୍ଦ୍ଧାରଣ କରାଯାଇଛି। ବିଷ୍ଣୁସହସ୍ର ନାମ ପାଠ ପରେ ଶୁଭଲଗ୍ନ ବାହାରିଛି। ବ୍ରହ୍ମପୁରା ମନ୍ଦିର ଟ୍ରଷ୍ଟବୋର୍ଡ ତରଫରୁ ନୂଆଖାଇ ଲଗ୍ନ ପ୍ରକାଶ ପାଇଛି। ସେହିପରି ସୋନପୁର ଗଡ଼ଜାତ ଅଞ୍ଚଳ ସହ ଓ ପଞ୍ଚରା ଅଞ୍ଚଳ ବାସିଙ୍କ ପାଇଁ ସ୍ଥିର ହୋଇଛି ନୂଆଖାଇ ଲଗ୍ନ।

PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455

MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

# ହସ୍ତଶିଳ୍ପ କାରିଗର ଓ ବୁଣାକାରଙ୍କ ପାଇଁ ଆସିବ ଜୀବନ ବୀମା ଯୋଜନା

**ଭୁବନେଶ୍ୱର :** ରାଜ୍ୟର ହସ୍ତଶିଳ୍ପ କାରିଗର ଓ ବୁଣାକାର ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଜୀବନ ବୀମା ଯୋଜନା ପ୍ରଣୟନ କରାଯିବ। ଏଥିପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଗତକାଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁଙ୍କ ଅଧ୍ୟକ୍ଷତାରେ କୃଷି ଭବନରେ ଅନୁଷ୍ଠିତ ବୈଠକରେ ରାଜ୍ୟର ହସ୍ତଶିଳ୍ପ କାରିଗର ଓ ବୁଣାକାର ମାନଙ୍କ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ଯୋଜନା ଦ୍ୱାରା ବିଭିନ୍ନ ଜୀବନ ବୀମା ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ ପାଢ଼ୀ ଏବଂ ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦର ଅଧ୍ୟକ୍ଷ ପଦ୍ମ ବିଭୂଷଣ ଡଃ ସୁଦର୍ଶନ ସାହୁ ନିଜର ମତାମତ ପ୍ରକାଶ କରିଥିଲେ। ଏହା ବ୍ୟତୀତ ଓଡ଼ିଶାର ସମସ୍ତ ହସ୍ତଶିଳ୍ପ ଗ୍ରାମକୁ ସଂଯୋଗ କରୁଥିବା ଜାତୀୟ ରାଜପଥ, ରାଜ୍ୟ ରାଜପଥ ଓ ପ୍ରମୁଖ ଜିଲ୍ଲା ରାସ୍ତାରେ ସାଇନବୋର୍ଡ ଲଗାଇବା ପାଇଁ ପ୍ରସ୍ତୁତ ହୋଇଥିବା ଡିଜାଇନ୍‌କୁ ବୈଠକରେ ଅନୁମୋଦନ କରାଯାଇଥିଲା। ଏହି ବୈଠକରେ ବିଭାଗର ସ୍ୱତନ୍ତ୍ର ସଚିବ ସରୋଜ କୁମାର ପଟେଲ, ହସ୍ତଶିଳ୍ପ ନିର୍ଦ୍ଦେଶିକା ପ୍ରଣତୀ ଛୋଟରାୟ, ଅତିରିକ୍ତ ଶାସନ ସଚିବ ବିକ୍ରମାଦିତ୍ୟ ବାରିକ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।



Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**